# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୩/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, November 13/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୩୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 347 | ମୂଲ୍ୟ ₹୭/-




## ସାତ୍ତ୍ୱିକଙ୍କୁ କ୍ୟାଣ୍ଡିଡେଟ୍ ମାଷ୍ଟର ଟାଇଟଲ

ଓଡ଼ିଶାର ଚେସ୍ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁଙ୍କୁ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ(ଫିଡେ) ପକ୍ଷରୁ କ୍ୟାଣ୍ଡିଡେଟ୍ ମାଷ୍ଟର ଟାଇଟଲ ପ୍ରଦାନ କରାଯାଇଛି।

୧୪

୦୨

## ୫ରେ ଆସିବେ ପୁଟିନ୍

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଡିସେମ୍ବର ୫ରେ ଭାରତ ଗସ୍ତରେ ଆସି ରୁଷିଆ-ଇଣ୍ଡିଆ ଫୋରମ୍-୨୦୨୫ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂତ୍ରରୁ ଜଣାପଡ଼ିଛି।



## ଡଲାର=୮୮.୬୬ ଟଙ୍କା

**ମୁମ୍ବାଇ,୧୨।୧୧(ପି.ଟି.)**

ଡଲାର ତୁଳନାରେ ଟଙ୍କା ବୁଧବାର ୧୬ ପଇସା ଦୁର୍ବଳ ହୋଇଛି। ଫଳରେ ଡଲାର ସହ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୮୮.୬୬ ଟଙ୍କାକୁ ଖସିଆସିଛି। ଓଭରସିଜ୍ ମାର୍କେଟରେ ଆମେରିକୀୟ କରେନ୍ସିର ବଳ ବୃଦ୍ଧି ସାଙ୍ଗକୁ କ୍ରୁଡ୍ ଅଏଲ୍ ମହଙ୍ଗା ହେବା ଯୋଗୁ ଟଙ୍କାର ଏପରି ଅବମୂଲ୍ୟାୟନ ହୋଇଥିବା ଫରେକ୍ସ ଟ୍ରେଡର୍ସ ମତ ଦେଇଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ବୁଧବାର ଟ୍ରେଡିଂ ସେସନ୍ ଆରମ୍ଭ ବେଳେ ଟଙ୍କାର ବିନିମୟ ମୂଲ୍ୟ ୮୮.୬୧ ରହିଥିଲା। ମଝିରେ ଏହା ୮୮.୫୬ ଟଙ୍କାକୁ ଛୁଇଁ ପରବର୍ତ୍ତୀ ସମୟରେ ୮୮.୬୬ ଟଙ୍କା ପର୍ଯ୍ୟନ୍ତ ଖସିଥିଲା, ଯାହାକି ପୂର୍ବ କ୍ଲୋଜିଂ ତୁଳନାରେ ପଇସା କମ୍। ମଙ୍ଗଳବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮୮.୫୦ ରହିଥିଲା।

**ଆଜିର ସମ୍ପାଦକୀୟ**

ଭୀମବେଟ୍‌କାର ଖୋଦେଇ କଳା




ଭୁବନେଶ୍ୱର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲଠାରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'କୁ ବୁଧବାର ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଛାତ୍ରଙ୍କ ସହ ତାଙ୍କ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରୁଛନ୍ତି।

## ଶିଶୁଙ୍କୁ ମାର୍ଗଦର୍ଶନ ସର୍ବୋଚ୍ଚ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୧୧(ସୁଚିସ୍ମିତା ସାହୁ)**

ଶିଶୁମାନେ ଆମର ଭବିଷ୍ୟତ, ଆମର ଆଶା। ଶିଶୁମାନଙ୍କ ସ୍ୱପ୍ନକୁ ସାକାର କରିବା ଓ ସେମାନଙ୍କୁ ମାର୍ଗଦର୍ଶନ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲଠାରେ ଆୟୋଜିତ ତିନିଦିନିଆ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'କୁ ବୁଧବାର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, ରାଜ୍ୟ ସରକାର ପ୍ରାକ୍ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ☞ପୃଷ୍ଠା-୪

# ତହସିଲଦାରଙ୍କୁ ମିଳିଲା ପୁରୁଣା କବଲା ସଂଶୋଧନ କ୍ଷମତା

**ଭୁବନେଶ୍ୱର, ୧୨।୧୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜମି କ୍ରେତା-ବିକ୍ରେତାଙ୍କ ସମସ୍ୟା ଦୂରକରିବା ପାଇଁ ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ରୁଲ୍ସର ସଂଶୋଧନକୁ ବୁଧବାର ଅନୁମୋଦନ ଦେଇଛନ୍ତି। ବର୍ତ୍ତମାନ ପ୍ରାବଧାନ ଅନୁସାରେ ବନ୍ଦୋବସ୍ତ ପ୍ରକ୍ରିୟା (ସେଟଲମେଣ୍ଟ ଅପରେଶନ) ପୂର୍ବରୁ କିଣିଥିବା ଜମିର ଜମି ପଟ୍ଟା (ଆର୍‌ଓଆର୍) ବନ୍ଦୋବସ୍ତ ଅଧିକାରୀ (ସେଟଲମେଣ୍ଟ ଅଫିସର) କ୍ରେତାଙ୍କ ନାମରେ କରନ୍ତି। କିନ୍ତୁ ଯଦି କୌଣସି କାରଣ ଯୋଗୁ ବନ୍ଦୋବସ୍ତ ପ୍ରକ୍ରିୟାରେ ଏହି ଜମିପଟ୍ଟା କ୍ରେତାଙ୍କ ନାମରେ କରାଯାଇ ନ ଥାଏ ତେବେ ସେ ଏଥିପାଇଁ ରାଜସ୍ୱ ପର୍ଷଦ (ବୋର୍ଡ ଅଫ୍ ରେଭିନ୍ୟୁ) ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ୍ କରିଥାଆନ୍ତି। ଅତ୍ୟଧିକ କାର୍ଯ୍ୟଭାର ଯୋଗୁ ଏହି ଅପିଲଗୁଡିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡ଼ି ରହିଥାଏ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ଉପରୋକ୍ତ ରୁଲ୍ସ ସଂଶୋଧନ ଦ୍ୱାରା ବର୍ତ୍ତମାନ ଏପରି ମାମଲାରେ ଜମିପଟ୍ଟା କ୍ରେତାଙ୍କ ନାମରେ ରେକର୍ଡ କରିବା ପାଇଁ ସମ୍ପୃକ୍ତ ତହସିଲଦାରମାନେ କ୍ଷମତାପ୍ରାପ୍ତ ହେବେ। ଏହାଦ୍ୱାରା ସମ୍ପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ଜମିପଟ୍ଟା ନିଜ ନାମରେ କରିବା ପାଇଁ ସମ୍ପୃକ୍ତ ତହସିଲଦାରଙ୍କ ପାଖରେ ଆବେଦନ କରିପାରିବେ। ସେମାନଙ୍କୁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ ବା ଆବେଦନ କରିବା ଆଉ ଦରକାର ହେବ ନାହିଁ।

## ୯ରେ ବାରବାଟୀରେ ଭାରତ-ଦ.ଆଫ୍ରିକା ଟି ୨୦

**ଭୁବନେଶ୍ୱର, ୧୨।୧୧(ସୁନିତ୍ ମିଶ୍ର)**

ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରିବାରେ ଓଡ଼ିଶାର ସୁନାମ ରହିଛି। କଟକ ବାରବାଟୀ ଷ୍ଟାଡିୟମରେ ପୂର୍ବରୁ ଅନେକ ଅନ୍ତର୍ଜାତୀୟ ମ୍ୟାଚ୍

### ତ୍ରୁଟିଶୂନ୍ୟ ପରିଚାଳନା ହେବା ଦରକାର: ମୁଖ୍ୟମନ୍ତ୍ରୀ

ସୁବ୍ୟବସ୍ଥିତ ଭାବେ ଆୟୋଜିତ ହୋଇଯାଇଛି। ତେଣୁ ଆସନ୍ତା ଡିସେମ୍ବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଯେପରି ସୁବ୍ୟବସ୍ଥିତ ଓ ସୁନିୟନ୍ତ୍ରିତ ଭାବେ ଆୟୋଜନ ହେବ ସେଥିପାଇଁ ସମସ୍ତ ☞ପୃଷ୍ଠା-୪


DSPL - 345

International Year of Cooperatives 2025
Cooperatives Build a Better World



୭୨ତମ
ନିଖିଳ ଭାରତ ସମବାୟ ସପ୍ତାହ
( ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ )
୧୪-୨୦ ନଭେମ୍ବର ୨୦୨୫

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆମ ସଫଳତା

- ୨୦୨୫-୨୬ ଆର୍ଥିକ ବର୍ଷରେ ସମବାୟ ସମିତି ମାଧ୍ୟମରେ ୩୭ ଲକ୍ଷ ଚାଷୀଙ୍କୁ ୨୦,୫୦୦ କୋଟି ଟଙ୍କାର କୃଷି ଋଣ ପ୍ରଦାନର ବ୍ୟବସ୍ଥା।
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୫ ଖରିଫ ଋତୁରେ ମୋଟ ୨୨.୮୪ ଲକ୍ଷ ଚାଷୀଙ୍କୁ ଫସଲ ବୀମା ସୁରକ୍ଷା ପ୍ରଦାନ।
- ଚଳିତ ୨୦୨୫-୨୬ ଖରିଫ ବିପଣନ ବର୍ଷରେ ପ୍ୟାକ୍ସ/ ଲ୍ୟାମ୍ପସ (PACS/ LAMPCS) ମାଧ୍ୟମରେ ୧୫ ଲକ୍ଷ ଚାଷୀଙ୍କ ଠାରୁ ପ୍ରାୟ ୬୬ ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ (M.S.P) ପ୍ରଦାନ।
- ସରକାରଙ୍କ ମୂଲ୍ୟ ସହାୟକ ଯୋଜନା (Price Support Scheme) ମାଧ୍ୟମରେ ଡାଲି ଏବଂ ତୈଳବୀଜ ଜାତୀୟ ଶସ୍ୟ ମାର୍କଫେଡ୍ (MARKFED) ସହାୟତାରେ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ।
- ୯୭୩ ଗୋଟି ପ୍ୟାକ୍ସ/ ଲ୍ୟାମ୍ପସ (PACS/ LAMPCS) ଓ ନିୟନ୍ତ୍ରିତ ବଜାର କମିଟି (RMC) ମଣ୍ଡି ଗୁଡ଼ିକରେ ୫୬୧.୩୬ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ବିକାଶ।
- କୃଷକ ମାନଙ୍କ ଦ୍ୱାରା ବ୍ୟବହୃତ **ରାସାୟନିକ/ ଜୈବିକ ସାରର ୬୦% ସମବାୟ ସମିତିମାନଙ୍କ ଦ୍ୱାରା ବଣ୍ଟନ** ପରିକଳ୍ପନା।
- ୨୦୨୫ ଖରିଫ୍ ଋତୁରେ ସମବାୟ ମାଧ୍ୟମରେ **୬,୩୪୬** ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG) ଙ୍କୁ **୨୭୭.୨୧ କୋଟି** ଏବଂ ଯୁଗ୍ମ ଦେୟ ଗୋଷ୍ଠୀ (JLG) ମାଧ୍ୟମରେ ଭୂମିହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ **୨୨୫.୯୪ କୋଟି ଟଙ୍କାର ଋଣ** ପ୍ରଦାନ।
- RIDF ଯୋଜନାରେ ୮୦ **ଗୋଟି PACS/ LAMPCS** ରେ **୨୦୦ ମେଟ୍ରିକ ଟନ** କ୍ଷମତା ବିଶିଷ୍ଟ **ଗୋଦାମ ଗୃହ ନିର୍ମାଣ** ନିମନ୍ତେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୦ କୋଟି ଟଙ୍କାର ପ୍ରାବଧାନ।
- ଆସନ୍ତା ୨ ବର୍ଷ ମଧ୍ୟରେ ଅତ୍ୟାଧୁନିକ ସୁବିଧା ଥିବା **୧୦୦ ଗୋଟି ମଡେଲ ମଣ୍ଡି ସ୍ଥାପନ ଯୋଜନା**।
- ମତ୍ସ୍ୟ, ଦୁଗ୍ଧ ଉତ୍ପାଦନ, ହସ୍ତଶିଳ୍ପ, ବୟନ, ରେଶମ ଚାଷ, କୁକୁଡ଼ା ପାଳନ ଓ ତାଳଗୁଡ କ୍ଷେତ୍ରରେ ଉତ୍ପାଦନକାରୀମାନଙ୍କୁ ସମବାୟ ମାଧ୍ୟମରେ ସଂଗଠିତ କରାଯାଇ ବିପଣନ ବ୍ୟବସ୍ଥାର ସୁଦୃଢ଼ୀକରଣ।

ସଚେତନତା ପାଇଁ ଗଣଦୌଡ଼
ସେଣ୍ଟ୍ ଯୋଶେଫ ସ୍କୁଲ, ରାମ ମନ୍ଦିର ଛକରୁ ୟୁନିୟନ ଅଫିସ
୧୪ ନଭେମ୍ବର | ସକାଳ ୭ ଘଟିକା

ସମବାୟ ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### କାର୍ ବିସ୍ଫୋରଣ ଆତଙ୍କବାଦୀ ଘଟଣା: କେନ୍ଦ୍ର

ନୂଆଦିଲ୍ଲୀ,୧୨।୧୧(ପି.ଟି.)


୧୨ ଜଣଙ୍କ ଜୀବନ ଯାଇଥିବା ଲାଲ୍‌କିଲ୍ଲା ଆତ୍ମଘାତୀ ବିସ୍ଫୋରଣ ଏକ 'ଆତଙ୍କବାଦୀ ଘଟଣା' ବୋଲି ବୁଧବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏଥିସହ ଉକ୍ତ ଆକ୍ରମଣର ସମସ୍ତ ଦିଗକୁ ଜରୁରୀ ଭିତ୍ତିରେ ଓ ବୃତ୍ତିଗତ ଭାବେ ଅନୁଧ୍ୟାନ କରି ଅପରାଧୀମାନଙ୍କୁ ଅବିଳମ୍ବେ ଆଇନର କାଠଗଡ଼ାକୁ ଆଣିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର କ୍ୟାବିନେଟ୍ କାର୍ ବିସ୍ଫୋରଣକୁ ହିଂସାର ଏକ ସଂଜ୍ଞାହୀନ କାର୍ଯ୍ୟ ରୂପେ ଅଭିହିତ କରି ଏହି ଭୀରୁ କାର୍ଯ୍ୟକୁ କଡ଼ା ନିନ୍ଦା କରିଛି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ନେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ତୁର୍କୀ ସେନା ବିମାନ ଦୁର୍ଘଟଣା: ୨୦ ମୃତ

ଆଙ୍କାରା,୧୨।୧୧(ପି.ଟି.)

ତୁର୍କୀର ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ସମସ୍ତ ୨୦ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଥିବା ସେଠାକାର ପ୍ରତିରକ୍ଷା ମନ୍ତ୍ରୀ ୟାସର ଗୁଲେର ବୁଧବାର ସୂଚନା ଦେଇଛନ୍ତି। ଗୁଲେର 'X 'ରେ ନିହତ ସୈନ୍ୟଙ୍କ ଫଟୋକୁ ସଂଲଗ୍ନ କରି ବାର୍ତ୍ତା ଲେଖିଛନ୍ତି, ନଭେମ୍ବର ୧୧ରେ ଆମ ସି-୧୩୦ ମିଳିଟାରି କାର୍ଗୋ ପ୍ଲେନ୍ ଆଜରବୈଇଜାନ୍‌ରୁ ତୁର୍କୀ ଆସୁଥିବାବେଳେ ଜର୍ଜିଆ-ଆଜରବୈଜାନ୍ ସୀମାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଆମ ବୀର କମ୍ରେଡ୍‌ମାନେ ଶହୀଦ ହୋଇଯାଇଛନ୍ତି। ବିମାନ ଦୁର୍ଘଟଣାର ତଦନ୍ତ ଚାଲିଛି। ତଦନ୍ତକାରୀ ଟିମ୍ ଏହାର ଭଗ୍ନାବଶେଷକୁ ଯାଞ୍ଚ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

### ୫ରେ ଭାରତ ଆସିବେ ପୁଟିନ୍



ନୂଆଦିଲ୍ଲୀ/ ମସ୍କୋ, ୧୨।୧୧

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଡିସେମ୍ବର ୫ରେ ଭାରତ ଆସିବେ। ରୁଷିଆ-ଭାରତ ଫୋରମ୍ ୨୦୨୫ ଆସନ୍ତା ୪-୫ରେ ଅନୁଷ୍ଠିତ ହେବାକୁ ଥିବାବେଳେ ପୁଟିନ୍ ଏହି ସମୟରେ ସରକାରୀ ଗସ୍ତରେ ଆସିବେ। ଏହି କାର୍ଯ୍ୟକ୍ରମ ରୋସ୍‌କଂଗ୍ରେସ ଫାଉଣ୍ଡେଶନ୍ ପକ୍ଷରୁ ଆୟୋଜନ ହେବ ବୋଲି ରୁଷିଆ-ଇଣ୍ଡିଆ ଫୋରମ୍ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ଶେଷ ଆଡ଼କୁ ପୁଟିନ୍‌ଙ୍କ ଭାରତ ଗସ୍ତକୁ ନେଇ ରୁଷିଆ ତତ୍ପରତାର ସହ ପ୍ରସ୍ତୁତି ଚଳାଇଥିବା ରୁଷିଆ ସରକାରୀ ମିଡିଆ ଟିଏଏସ୍ଏସ୍ ସୂଚନା ଦେଇଛି। ତେବେ ଏହା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଗସ୍ତ ହେବାକୁ ଯାଉଛି ବୋଲି କ୍ରେମ୍ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି। ଏହା ପୂର୍ବରୁ ପୁଟିନ୍ ୨୦୨୧ରେ ଭାରତ ଗସ୍ତ କରିଥିଲେ। ପୁଟିନ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସେପ୍ଟେମ୍ବର ୧ରେ ଚାଇନାର ତିଆଞ୍ଜିନ୍‌ଠାରେ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀରେ ପରସ୍ପରକୁ ଭେଟିଥିଲେ। ମସ୍କୋଠାରୁ ତୈଳ କ୍ରୟକୁନେଇ ଭାରତ ଉପରେ ଆମେରିକାର ଚାପ ପରିପ୍ରେକ୍ଷୀରେ ପୁଟିନ୍‌ଙ୍କ ଗସ୍ତକୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।



ଦିଲ୍ଲୀର ଲାଲ୍‌କିଲ୍ଲା ନିକଟ ବିସ୍ଫୋରଣସ୍ଥଳରେ ଯାତ୍ରୀଙ୍କ ଅପେକ୍ଷାରେ ଜଣେ ରିକ୍ସାଚାଳକ।

### ଶାହାଙ୍କ ଇସ୍ତଫା ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ,୧୨।୧୧

ଲାଲ୍‌କିଲ୍ଲା ଆତ୍ମଘାତୀ ବିସ୍ଫୋରଣରେ ୧୨ ଜଣଙ୍କ ଜୀବନ ଯିବା ପରେ ଏହି ଘାତକ ଆକ୍ରମଣ ପାଇଁ ବିରୋଧୀ କଂଗ୍ରେସ ସୁରକ୍ଷା ବିଫଳତାକୁ ଦାୟୀକରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବି କରିଛି। କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ବୁଧବାର କହିଛନ୍ତି, ସୁରକ୍ଷା ବ୍ୟବସ୍ଥାରେ ଗମ୍ଭୀର ତ୍ରୁଟି ଯୋଗୁ ଏତେ ବଡ଼ ଆକ୍ରମଣ ଘଟିଗଲା। ଶାହାଙ୍କ ପାଖରେ ଟିକିଏ ବି ଉତ୍ତରଦାୟିତ୍ୱବୋଧ ଥିଲେ ସେ ନିଜ ପଦରୁ ଇସ୍ତଫା ଦେବା ଉଚିତ। ମୁମ୍ବାଇ ବିସ୍ଫୋରଣ ବେଳେ ୟୁପିଏ କ୍ଷମତାରେ ଥିଲା। ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ଶିବରାଜ ପାଟିଲ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଥିଲେ। ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏହି ବିସ୍ଫୋରଣକୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଏକ ବଡ଼ ବିଫଳତା ଭାବେ ଅଭିହିତ କରି ଆତଙ୍କର ଅପରାଧୀମାନଙ୍କୁ ଆଇନର କାଠଗଡ଼ାକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଦାବି କରିଛନ୍ତି।

# ୨୬/୧୧ ଭଳି ଆକ୍ରମଣ ଯୋଜନା ଥିଲା

- ଜୈଶ୍ ରଚିଥିଲା ସାଂଘାତିକ ଷଡ଼ଯନ୍ତ୍ର: ସୂତ୍ର
- ପ୍ରଫେସରଙ୍କୁ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ବିଦା କରିଥିଲେ, ଅଲ୍ ଫଲାହ ୟୁନିଭର୍ସିଟି ନିଯୁକ୍ତି ଦେଇଥିଲା
- ଡାକ୍ତର ଉମରଙ୍କ ଲାଲ ରଙ୍ଗର ଫୋର୍ଡ ଇକୋସ୍ପୋର୍ଟ କାର୍ ହରିୟାଣାରୁ ଜବତ

ନୂଆଦିଲ୍ଲୀ,୧୨।୧୧

ରେଡ୍ ଫୋର୍ଟ ମେଟ୍ରୋ ଷ୍ଟେଶନ ନିକଟରେ ଘଟିଥିବା ଆତ୍ମଘାତୀ ବିସ୍ଫୋରଣ ତଦନ୍ତରୁ ଜଣାପଡ଼ିଛି ଯେ, ଆତଙ୍କବାଦୀମାନେ ଦିଲ୍ଲୀରେ ମୁମ୍ବାଇର ୨୬/୧୧ ଭଳି ଆକ୍ରମଣ ଯୋଜନା କରିଥିଲେ। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଲାଲ୍‌କିଲ୍ଲା, ଇଣ୍ଡିଆ ଗେଟ୍, କନ୍‌ଷ୍ଟିଚ୍ୟୁଶନ୍ କ୍ଲବ୍ ଓ ଗୌରୀଶଙ୍କର ମନ୍ଦିର ସମେତ କେନ୍ଦ୍ରୀୟ ଦିଲ୍ଲୀର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିସ୍ଫୋରଣ ପାଇଁ ଯୋଜନା କରିଥିଲା ବୋଲି ସୂତ୍ରରୁ ଜଣାପଡ଼ିଛି। ଜବତ ହୋଇଥିବା ୨୦୦ରୁ ଅଧିକ ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି)କୁ କେବଳ ଦିଲ୍ଲୀ ନୁହେଁ, ବରଂ ଗୁରୁଗ୍ରାମ୍ ଓ ଫରିଦାବାଦରେ ମଧ୍ୟ ବ୍ୟବହାର ପାଇଁ ପ୍ରସ୍ତୁତି ଚାଲିଥିଲା। ଆତଙ୍କବାଦୀମାନେ ବିଭିନ୍ନ ଧର୍ମୀୟସ୍ଥଳ ଓ ସର୍ବସାଧାରଣ ସ୍ଥାନରେ ଆକ୍ରମଣ ଜରିଆରେ ସାମ୍ପ୍ରଦାୟିକ ଉତ୍ତେଜନା ବୃଦ୍ଧି କରିବାକୁ ଚାହୁଁଥିବା ବିଷୟ ସୂତ୍ରରୁ ଜଣାପଡ଼ିଛି।

ଲାଲ୍‌କିଲ୍ଲା ଆତ୍ମଘାତୀ ଆକ୍ରମଣର ତଦନ୍ତରୁ ଅନେକ ବିଷୟ ପ୍ରଘଟ ହେବାରେ ଲାଗିଛି। ହରିୟାଣାର ଫରିଦାବାଦସ୍ଥିତ ଅଲ୍ ଫଲାହ ୟୁନିଭର୍ସିଟି ଏବେ ପୋଲିସ ସ୍କାନରକୁ ଚାଲିଆସିଛି। ଉକ୍ତ ଘରୋଇ ବିଶ୍ୱବିଦ୍ୟାଳୟର ମେଡିସିନ୍ ବିଭାଗରେ କାର୍ଯ୍ୟରତ ପ୍ରଫେସର ଡା. ନିସାର-




ହରିୟାଣାରୁ ଜବତ ଫୋର୍ଡ ଇକୋସ୍ପୋର୍ଟ କାର୍।



ଡା. ଉମର-ଉନ୍ ନବୀ

ଉଲ୍-ହାସନ୍ ଏହି ଆକ୍ରମଣ ପରଠାରୁ କୁଆଡ଼େ ଉଭାନ୍ ହୋଇଯାଇଛନ୍ତି। ନିସାର ପୂର୍ବରୁ ଶ୍ରୀନଗରସ୍ଥିତ ଶ୍ରୀ ମହାରାଜା ହରି ସିଂ (ଏସ୍ଏମ୍ଏଚ୍ଏସ୍) ହସ୍ପିଟାଲରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାମ କରୁଥିଲେ। କିନ୍ତୁ ଦେଶବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ୨୦୨୩ ନଭେମ୍ବର ୨୧ରେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ସମ୍ବିଧାନର ଅନୁଚ୍ଛେଦ ୩୧୧(୨)(ସି) ବଳରେ ତାଙ୍କୁ ବରଖାସ୍ତ କରିଥିଲେ। ଏହା ପରେ ଅଲ୍ ଫଲାହ ୟୁନିଭର୍ସିଟି ନିସାରଙ୍କୁ ନିଯୁକ୍ତି




ଦେଇଥିବା ତଦନ୍ତ ବେଳେ ତଦନ୍ତକାରୀ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ଅନ୍ୟପକ୍ଷେ ୨୦୧୪ରେ ପ୍ରତିଷ୍ଠିତ ଏହି ଘରୋଇ ବିଶ୍ୱବିଦ୍ୟାଳୟ କୌଣସି ଆତଙ୍କବାଦୀ ସଙ୍ଗଠନ ସହ ଏହାର ସମ୍ପୃକ୍ତି ଅଭିଯୋଗକୁ ଖଣ୍ଡନ କରିଛି। କେନ୍ଦ୍ରୀୟ ତଦନ୍ତ ଏଜେନ୍ସିଗୁଡ଼ିକ ଦିଲ୍ଲୀ-ଏନ୍‌ସିଆର୍‌ରୁ ଟେରର୍ ସେଲ୍ ପରିଚାଳନା କରୁଥିବା ଏବଂ ଉକ୍ତ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ଲିଙ୍କ୍ ଖୋଜୁଛନ୍ତି।

୧୨ ଜଣଙ୍କ ଜୀବନ ଯାଇଥିବା ଏହି ବିସ୍ଫୋରଣ ପଛରେ ଅନେକ ଡାକ୍ତର ରହିଛନ୍ତି। ସେମାନେ ଜମ୍ମୁ-କଶ୍ମୀରର ପୁଲ୍‌ୱାମା, ଶୋପିଆନ୍ ଓ ଅନନ୍ତନାଗ ଜିଲାର ବାସିନ୍ଦା। ଏହି ଡାକ୍ତରୀ ବୃତ୍ତିଧାରୀମାନେ ଆତଙ୍କବାଦ ନେଟ୍‌ୱର୍କ ପାଇଁ ଏକ 'ହ୍ୱାଇଟ୍-କୋଲାର କଭର୍' ପ୍ରଦାନ କରିଥିଲେ। ଫଳରେ ସେମାନେ କେବେହେଲେ ସନ୍ଦେହର ପରିଧିକୁ ନ ଆସି ଦିଲ୍ଲୀ-ଏନ୍‌ସିଆର୍‌ରେ ଅବାଧରେ ବିଚରଣ କରିପାରୁଥିଲେ। ଏପରି କି ସେମାନେ ଫରିଦାବାଦର ଧୌଜ ଓ ଫତେପୁର ଟାଗା ଆଦି ଗ୍ରାମାଞ୍ଚଳରେ ମଧ୍ୟ ଶିବିର କରି ନିଜ ମନ୍ଦ ଉଦ୍ଦେଶ୍ୟକୁ ଚରିତାର୍ଥ ପାଇଁ ଉଦ୍ୟମ ଚଳାଇଥିଲେ। ଅଦ୍ୟାବଧି ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ରହିଛନ୍ତି ଡ. ଶାହିନ୍ ସଇଦ, ଡ. ମୁଜାମ୍ମିଲ ଶକିଲ ଗନାଲେ ଓ ଡ. ଆଦିଲ ରାଥେର। ଅନ୍ୟ ଜଣେ ସନ୍ଦିଗ୍ଧ ଡା. ଉମର-ଉନ୍ ନବୀ ନଭେମ୍ବର ୧୦ରେ କାର୍‌ରେ ଆତ୍ମଘାତୀ ବିସ୍ଫୋରଣ ଘଟାଇଥିଲେ। ୪ ଜଣ ଯାକ ଅଭିଯୁକ୍ତଙ୍କ ଡାକ୍ତରୀ ପୃଷ୍ଠଭୂମି ରହିଛି। ଅନେକ ଡାକ୍ତର ଅଲ୍-ଫଲାହ ୟୁନିଭର୍ସିଟି ସହ ଜଡ଼ିତ।

ଡାକ୍ତର ଶହିନ୍ ଓ ଡାକ୍ତର ମୁଜାମ୍ମିଲ ଶକିଲ ଅଲ୍-ଫଲାହ ୟୁନିଭର୍ସିଟିରେ ନିଯୁକ୍ତ ଥିଲେ। ଉଭୟେ ଗିରଫ ହେବା ପୂର୍ବରୁ ପରସ୍ପର ଯୋଗସୂତ୍ରରେ ଥିଲେ। ଡାକ୍ତର ସଇଦ୍‌ଙ୍କ ଗାଡ଼ିରୁ ରାଇଫଲ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ସେ ଜେଇଏମ୍‌ର ମହିଳା ଶାଖା ପ୍ରତିଷ୍ଠା ପାଇଁ ଉଦ୍ୟମ ଚଳାଇଥିଲେ। ସେହିପରି ୨,୯୦୦ କେ.ଜି. ବିସ୍ଫୋରକ ଜବତ ସହ ଡାକ୍ତର ମୁଜାମ୍ମିଲଙ୍କୁ ଗିରଫ କରାଯାଇଥିଲା। ଉକ୍ତ ବିବାଦୀୟ ୟୁନିଭର୍ସିଟିରେ କାର୍ଯ୍ୟରତ ଅନ୍ୟ ୩ ଡାକ୍ତରଙ୍କୁ ଜେରା ପାଇଁ ଅଟକ ରଖାଯାଇଛି।

ଇତିମଧ୍ୟରେ ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଡାକ୍ତର ଉମର ଉନ୍ ନବୀଙ୍କ ଅନ୍ୟ ଏକ କାର୍ ହରିୟାଣାରେ ଠାବ ହୋଇଛି। ୨୦୧୭ ନଭେମ୍ବର ୨୨ରେ ରାଜୋରି ଗାର୍ଡେନ୍ ଆର୍‌ଟିଓରେ ଉମରଙ୍କ ନାମରେ ଏହି କାର୍ ପଞ୍ଜୀକୃତ ହୋଇଥିଲା। ଡିଏଲ୍ ୧୦ସିକେ୦୪୫୮ ନମ୍ବର ପ୍ଲେଟ୍ ବିଶିଷ୍ଟ ଲାଲ ରଙ୍ଗର ଫୋର୍ଡ ଇକୋସ୍ପୋର୍ଟ କାର୍‌ଟି ହରିୟାଣାର ଖଣ୍ଡାୱଲି ଗ୍ରାମରେ ଏକ ଘର ବାହାରେ ମିଳିଛି। ଉକ୍ତ ଘର ମଧ୍ୟ ଡ. ଉମରଙ୍କ ବୋଲି ତଦନ୍ତ ବେଳେ ଜଣାପଡ଼ିଛି। ଉମର ଏହି କାର୍ କିଣିବା ବେଳେ ଉତ୍ତରପଶ୍ଚିମ ଦିଲ୍ଲୀର ଜାଲ୍ ଠିକଣା ବ୍ୟବହାର କରିଥିଲେ। ସେପଟେ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଆପଣାଇଥିବା କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଗମ୍ଭୀରତା ଦେଖାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରୀ ବାସଭବନରେ ତାଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ କେତେଜଣ ବରିଷ୍ଠ ଅଧିକାରୀ ଯୋଗଦେଇଥିବା ଜଣାପଡ଼ିଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଭୁଟାନରୁ ଫେରି ଲୋକନାୟକରାୟଣ ଜୟପ୍ରକାଶ (ଏଲ୍ଏନ୍‌ଜେପି) ହସ୍ପିଟାଲରେ ବିସ୍ଫୋରଣର ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

## ବିସ୍ଫୋରଣ ପରେ ଚାନ୍ଦିନୀ ଚୌକ ବଜାର ଦୈନିକ କ୍ଷତି ୩୦୦-୪୦୦ କୋଟି

ନୂଆଦିଲ୍ଲୀ,୧୨।୧୧

ଦିଲ୍ଲୀର ଚାନ୍ଦନୀ ଚୌକ ବଜାର ବର୍ତ୍ତମାନ ଏପରି ଏକ ବିରଳ ସ୍ଥିତିକୁ ସାମ୍ନା କରୁଛି, ଯାହାକି ଏହାର ୩ ଦଶନ୍ଧି ପୁରୁଣା ଇତିହାସରେ କେବେ ଦେଖିବାକୁ ମିଳି ନ ଥିଲା। ତାହା ହେଲା ଭିଡ଼ର ଅଭାବ। ଦୈନିକ ପ୍ରାୟ ୪ ଲକ୍ଷ ଲୋକଙ୍କ ଗହଳି ଲାଗିରହୁଥିବା ଚାନ୍ଦନୀ ଚୌକ ବଜାର ହେଉଛି ଦେଶର ସବୁଠୁ ବଡ଼ ହୋଲ୍‌ସେଲ ମାର୍କେଟ। ଏହି ବୃହତ୍ ବଜାରରେ ଦୈନିକ ୪୫୦ରୁ ୫୦୦ କୋଟି ଟଙ୍କାର ବ୍ୟବସାୟ ହୋଇଥାଏ। କିନ୍ତୁ ଗତ ସୋମବାର ଏହା ନିକଟସ୍ଥ ଲାଲ୍‌କିଲ୍ଲା ପାଖରେ ହୁଣ୍ଡାଇ ଆଇଟ୍ୱେଣ୍ଟି କାର୍ ବିସ୍ଫୋରଣରେ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ ଆହତ ହେବା ପରଠୁ ମାର୍କେଟରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି।

ବିସ୍ଫୋରଣ ଏତେ ଭୟାବହ ଥିଲା ଯେ ମୃତକମାନଙ୍କ ଖଣ୍ଡବିଖଣ୍ଡିତ ଅଙ୍ଗପ୍ରତ୍ୟଙ୍ଗ ସେଠାରେ ଥିବା ଏକ ମନ୍ଦିର ପ୍ରବେଶପଥ ନିକଟରେ ପଡ଼ି ରହିଛି। ବିସ୍ଫୋରଣ ପରଠାରୁ ବଜାରକୁ ଲୋକଙ୍କ ଆଗମନ ନାଟକୀୟ ଭାବେ ହ୍ରାସ ପାଇଛି। ବର୍ତ୍ତମାନ ସମୟରେ ବିବାହ ପାଇଁ ଶପିଂ କରିବାକୁ ଲୋକଙ୍କ ଭିଡ଼ ଏଠାରେ ଲାଗି ରହିଥାଏ। କିନ୍ତୁ ଏହି ଆତ୍ମଘାତୀ ଆକ୍ରମଣ ପରେ ପୋଲିସ କଟକଣା ବଢ଼ିଛି। ଲୋକେ ଆଗଭଳି ଆସୁ ନ ଥିବାରୁ

ବ୍ୟବସାୟୀମାନଙ୍କ ଦୈନିକ ୩୦୦ରୁ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି ହେଉଛି ବୋଲି ଚାନ୍ଦିନୀ ଚୌକର ଭାଜପା ଏମ୍‌ପି ପ୍ରବୀଣ ଖଣ୍ଡେଲୱାଲ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ନୂଆଦିଲ୍ଲୀର ଏଲ୍ଏନ୍‌ଜେପି ହସ୍ପିଟାଲରେ ଲାଲ୍‌କିଲ୍ଲା ବିସ୍ଫୋରଣର ଆହତଙ୍କୁ ଭେଟୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଅକ୍ଟୋବର ଖୁଚୁରା ମୁଦ୍ରାସ୍ଫୀତି ୦.୨୫%

ନୂଆଦିଲ୍ଲୀ,୧୨।୧୧(ପି.ଟି.)


ଗତ ଅକ୍ଟୋବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ୦.୨୫%କୁ ଖସିଆସିଥିଲା, ଯାହାକି ଅନେକ ବର୍ଷରେ ସର୍ବନିମ୍ନ। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ହାର ହ୍ରାସ ସାଙ୍ଗକୁ ପରିବା ଓ ଫଳ ଦାମ୍ କମିବାରୁ ମୁଦ୍ରାସ୍ଫୀତିରେ ଏପରି ସୁଧାର ଦେଖିବାକୁ ମିଳିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

ଖୁଚୁରା ମୁଦ୍ରାସ୍ଫୀତିଭିତ୍ତିକ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ୨୦୨୪ ସେପ୍ଟେମ୍ବରରେ ୧.୪୪% ଥିବାବେଳେ ଅକ୍ଟୋବରରେ ୬.୨୧% ରହିଥିଲା। ତେବେ ୨୦୨୫ ଅକ୍ଟୋବରରେ ଖାଦ୍ୟ ମୁଦ୍ରାସ୍ଫୀତି (-) ୫.୦୨% ରହିଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍‌ଓ) ପକ୍ଷରୁ ଜାରି ତଥ୍ୟରୁ ଜଣାପଡ଼ିଛି। କେନ୍ଦ୍ର ସରକାର ଜିଏସ୍‌ଟିରେ ସଂସ୍କାର ଆଣି ଟିକସ ହ୍ରାସ କରିଥିବାରୁ ତେଲ, ଫ୍ୟାଟ, ପରିବା, ଫଳମୂଳ, ଅଣ୍ଡା, ଜୋତା, ପରିବହନ ଓ ଯୋଗାଯୋଗ ଶସ୍ତା ହୋଇଥିବା ଏନ୍ଏସ୍‌ଓ କହିଛି।

## ପେନ୍‌ସିଲ୍‌ରେ କଣା ହୋଇଗଲା ୧.୫ କୋଟିର ଫ୍ଲାଟ

ନୂଆଦିଲ୍ଲୀ

ନଏଡ଼ାସ୍ଥିତ ଏକ ଆପାର୍ଟମେଣ୍ଟର ଜଣେ ବାସିନ୍ଦା ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ନିଜର ୧.୫ କୋଟି ଟଙ୍କା ମୂଲ୍ୟର ଫ୍ଲାଟ କାନ୍ଥରେ ଏକ କାଠ ପେନ୍‌ସିଲରେ ଗାତ କରୁଥିବା ଦେଖାଯାଉଛି। ଭିଡିଓରେ ସେ ଦର୍ଶାଇଛନ୍ତି ଯେ, କିପରି ଏକ ସାଧାରଣ ହାତୁଡ଼ି ସାହାଯ୍ୟରେ ପେନ୍‌ସିଲ୍‌ଟି ସିଧା କାନ୍ଥ ଭିତରକୁ



ପଶିଯାଉଛି। ଭିଡିଓରେ ବ୍ୟକ୍ତି ଜଣକ କହୁଛନ୍ତି, ''ଏହି ଗାତଟି ଏକ ପେନ୍‌ସିଲ ଦ୍ୱାରା ହିଁ କରାଯାଇଛି। ପ୍ରଥମେ ଡ୍ରିଲରେ ଚେଷ୍ଟା କଲି, ତା'ପରେ ପେନ୍‌ସିଲ ଲଗାଇଲି ଏବଂ ତାହା ସିଧା ଭିତରକୁ ଚାଲିଗଲା। ଏହି କାନ୍ଥ ଏତେ ଦୁର୍ବଳ ଯେ, ଡ୍ରିଲ୍ ଆବଶ୍ୟକତା ନାହିଁ।'' ଏହି ଭିଡିଓ ଭାଇରାଲ ହେବା ପରେ ଲୋକେ ବିଲ୍ଡିଂର ନିର୍ମାଣ ମାନ ଉପରେ ପ୍ରଶ୍ନ ଉଠାଇଛନ୍ତି। ଭିଡିଓ ଭାଇରାଲ ହେବା ପରେ ଅନେକ ୟୁଜର୍ସ ଏହାକୁ 'ଧୋକା' ବୋଲି କହିଥିବା ବେଳେ ଅନ୍ୟ କିଛି ୟୁଜର୍ସ ଏହାକୁ ବୈଷୟିକ ଦୃଷ୍ଟିରୁ ସଠିକ ବୋଲି ଯୁକ୍ତି ବାଢ଼ିଛନ୍ତି। ସେମାନେ କହିଛନ୍ତି ଯେ, ଏହି କାନ୍ଥଗୁଡ଼ିକ ଏଏସି(ଅଟୋକ୍ଲାଭ୍‌ଡ ଏରେଟେଡ୍ କଂକ୍ରିଟ୍)ବ୍ଲକ୍ସରେ ତିଆରି, ଯାହା ଓଜନ ନ ଧରୁଥିବା କାନ୍ଥ ଅଟେ। ଏହାର ବ୍ୟବହାର କୋଠାର ମୋଟ ଓଜନ ହ୍ରାସ କରିବା ଏବଂ ଭୂକମ୍ପ ସମୟରେ ସ୍ଥିରତା ବଢ଼ାଇବା ପାଇଁ କରାଯାଏ। ଏକ ୟୁଜର୍ ଲେଖିଛନ୍ତି, ''ଭାଇ, ଏଗୁଡ଼ିକ ଏଏସି ବ୍ଲକ୍ସ, ଯେଉଁଥିରେ ଏୟାର୍ ପକେଟ୍ସ ଥାଏ। ଏଗୁଡ଼ିକ ହାଲୁକା ହୋଇଥିବାରୁ ଡ୍ରିଲ କିମ୍ବା ପେନ୍‌ସିଲରେ ସହଜରେ ଗାତ ହୋଇଯାଏ।'' ତେବେ ଅନେକଙ୍କ କହିବା କଥା ଯେ ବୈଷୟିକ କାରଣ ଯାହା ବି ହେଉ, ଏତେ ଦାମୀ ଫ୍ଲାଟ୍‌ରେ 'ମଜବୁତିର ଅନୁଭବ' ରହିବା ଜରୁରୀ। ବର୍ତ୍ତମାନ ସୁଦ୍ଧା ଏହି ଭିଡିଓର ସତ୍ୟତା କିମ୍ବା କାନ୍ଥର ପ୍ରକୃତ ଗୁଣବତ୍ତା ସ୍ୱାଧୀନ ଭାବରେ ଯାଞ୍ଚ କରାଯାଇ ନାହିଁ। ତଥାପି, ଏହି କ୍ଲିପ୍ ଏକ ବଡ଼ ବିତର୍କ ସୃଷ୍ଟି କରିଛି ଯେ ଆମର 'ପ୍ରିମିୟମ' ଆପାର୍ଟମେଣ୍ଟଗୁଡ଼ିକ ପ୍ରକୃତରେ ସେମାନଙ୍କ ଦାମ ଅନୁସାରେ ମଜଭୁତ କି ନାହିଁ।


# ଆସିଲେନି ନା ଆଣିବାକୁ ଚାହିଁଲେନି

ଭୁବନେଶ୍ୱର, ୧୨।୧୧(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ପରେ ମଙ୍ଗଳବାର ଶେଷ ହୋଇଥିବା ନୂଆପଡ଼ା ଉପନିର୍ବାଚନ ଫଳାଫଳ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ପାଇଁ ବହୁ ଗୁରୁତ୍ୱ ବହନ କରିବ। ଏହି ଉପନିର୍ବାଚନରେ କେଉଁ ଦଳକୁ କେତେ ଭୋଟ୍ ମିଳିବ ଏବଂ କିଏ ବାଜିମାତ୍ କରିବ ତାହା ଉପରେ ରାଜ୍ୟବାସୀଙ୍କ ନଜର ରହିଛି। ବିଶେଷ ଭାବେ ଏହି ଉପନିର୍ବାଚନରେ କଂଗ୍ରେସର ଭୂମିକାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭାବେ ଭକ୍ତ ଚରଣ ଦାସ ଦାୟିତ୍ୱ ନେବାପରେ ଦଳ ପ୍ରଥମ ଥର ଲାଗି ତାଙ୍କ ନେତୃତ୍ୱରେ ଉପନିର୍ବାଚନ ଲଢୁଥିଲା। ହେଲେ ଭକ୍ତଙ୍କ ଆଭିମୁଖ୍ୟକୁ ନେଇ ତାଙ୍କରି ଦଳ ଭିତରେ ଏବେ ନାନା ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଛି। ଫଳାଫଳ ବାହାରିବା ପୂର୍ବରୁ କେଉଁ ଦଳ ଉପନିର୍ବାଚନରେ ବିଜୟୀ ହେବ ସେକଥା ଅନୁମାନ କରି କହିବା ଉଚିତ ହେବନାହିଁ। ମାତ୍ର କଂଗ୍ରେସ ଯଦି ଏହି ଆସନରେ ୩ ନମ୍ବର ସ୍ଥାନରେ ରୁହେ ତା'ହେଲେ ଉପନିର୍ବାଚନରେ ଭକ୍ତଙ୍କ ଆଭିମୁଖ୍ୟ ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେବ ବୋଲି କୁହାଯାଉଛି। କଂଗ୍ରେସର ଷ୍ଟାର ପ୍ରଚାରକ ତାଲିକା ରାଜନୈତିକ ମହଲରେ ଏଭଳି ଆଲୋଚନାକୁ ଖୋରାକ ଯୋଗାଇଛି। ଭକ୍ତଙ୍କ ଦସ୍ତଖତରେ ନୂଆପଡା ଉପନିର୍ବାଚନର ପ୍ରଚାର ଲାଗି ଅକ୍ଟୋବର ୧୭ ତାରିଖରେ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ ପାଇଥିଲା। ସେଥିରେ ପାଖାପାଖି ରାଜ୍ୟ ବାହାରର ପ୍ରାୟ ୧୫ ଜଣ ନେତାଙ୍କ ନାମ ରଖାଯାଇଥିଲା। ନୂଆପଡ଼ାର ସୀମାକୁ ଛତିଶଗଡ଼ ରାଜ୍ୟ ଲାଗିଛି। ସେଥିଲାଗି ସେହି ରାଜ୍ୟର ବହୁ ନେତାଙ୍କୁ ଷ୍ଟାର ପ୍ରଚାରକ ତାଲିକାରେ ରଖାଯାଇଥିଲା। ହେଲେ ସୂଚନା ମୁତାବକ, ୨ ଜଣ ଛତିଶଗଡ଼ ନେତାଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ପ୍ରଚାରକୁ ଆସିଲେ ନାହିଁ। ଏପରିକି ଯେଉଁ ୨ ଜଣ ଦ୍ୱାରିକା ପ୍ରସାଦ ଯାଦବ ଏବଂ ଗୁରୁ ରୁଦ୍ରକୁମାର ଆସିଥିଲେ ସେମାନେ ଗୋଟିଏ ଦିନ ପ୍ରଚାର କରିଛନ୍ତି। ସେହିଭଳି ଆହୁରି ବହୁ ବଡ଼ ନେତାଙ୍କ ନାମ ତାଲିକାରେ ଥିବାବେଳେ ସେମାନେ ମଧ୍ୟ କେହି ଆସିଲେ ନାହିଁ। ଫଳରେ ତାଲିକାରେ ଥିବା ନେତାମାନେ ଆସିଲେନି ନା ଭକ୍ତ ଆଣିବାକୁ ଚାହିଁଲେ ନାହିଁ ତାକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

ଗୋଟିଏ ପଟେ ଭାଜପା ଷ୍ଟାର ପ୍ରଚାରକ ତାଲିକାରେ ରଖିଥିବା ଛତିଶଗଡ଼ ନେତାମାନେ ଆସି ବହୁଳ ମାତ୍ରାରେ ସୀମାନ୍ତ ଗ୍ରାମଗୁଡ଼ିକରେ ବୁଲି ପ୍ରଚାର କରିଲେ। ଛତିଶଗଡ଼ର ବହୁ ଭାଜପା ନେତା ଖରିଆର୍ ରୋଡ୍ ଏନ୍ଏସି ଅଞ୍ଚଳରେ ଥିବା ହୋଟେଲ୍‌ରେ ରହି ନିତିଦିନିଆ ପ୍ରଚାର ଚଳାଇଲେ। ହେଲେ କଂଗ୍ରେସ ତାଲିକାରେ ଥିବା ତାଙ୍କ ଦଳର ଛତିଶଗଡ଼ ନେତାଙ୍କ ଦେଖା ମିଳିଲା ନାହିଁ। ଭାଜପା ପାଇଁ ପ୍ରଚାର କରିବାକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆସି ଦୁଇଟି ସ୍ଥାନରେ ଜନସଭା କରି ପ୍ରଚାର କରି ଗଲେ। ହେଲେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭୂପେଶ ବାଘେଲଙ୍କ ନାମ ଷ୍ଟାର ପ୍ରଚାରକ ତାଲିକାରେ ଥିବା ସତ୍ତ୍ୱେ ଥରୁଟିଏ ବି ଆସିଲେନାହିଁ। ସେହିପରି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡିଙ୍କ ନାମ କଂଗ୍ରେସ ପ୍ରଚାରକ ତାଲିକାରେ ରଖିଥିଲା, ସେ ଆସିବେ ବୋଲି ବାରମ୍ବାର ଦଳ ପକ୍ଷରୁ କୁହାଯାଉଥିବା ବେଳେ ଶେଷରେ ସିଏ ମଧ୍ୟ ଆସିଲେ ନାହିଁ। ସଚିନ ପାଇଲଟ ଏବଂ କହ୍ନେୟା କୁମାରଙ୍କ ନାମ ରଖାଯାଇଥିଲା। ସେମାନେ ଦୁହେଁ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ଲାଗି ପ୍ରଚାର କରିବାକୁ ଆସିବେ ବୋଲି କୁହାଯାଇଥିଲେ ସୁଦ୍ଧା ସେମାନେ ମଧ୍ୟ ଆସିଲେନାହିଁ। ସେମାନଙ୍କ ଭଳି କଂଗ୍ରେସର ତାଲିକା ଅନ୍ତର୍ଭୁକ୍ତ ମଲ୍ଲୁ ଭାଟି, ଅଳକା ଲାମ୍ବା, ୱାଇଏନ୍ଏସ୍ ଲାଗୁରି, ଉଦୟଭାନୁ ଚିବ୍, ସେହେନୱାଜ୍ ଚୌଧୁରୀ, ଜନକ ଧ୍ରୁବ, ଶିବକୁମାର ଦହରିଆ, ବରୁଣ ଚୌଧୁରୀ ଏମାନେ କେହି ନୂଆପଡ଼ା ପ୍ରଚାରରେ ସାମିଲ ହେଲେ ନାହିଁ।

ସୂଚନାଯୋଗ୍ୟ, ୨୦୨୪ ସାଧାରଣ ନିର୍ବାଚନ ସମୟରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ଘାସିରାମ ମାଝୀ ୫୦,୯୪୧ ଖଣ୍ଡ ଭୋଟ୍ ପାଇ ବିଜେଡି ପ୍ରାର୍ଥୀ ହୋଇଥିବା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କଠାରୁ ୧୦,୮୮୧ ଖଣ୍ଡ ଭୋଟ୍‌ରେ ହାରିଥିଲେ। ଭାଜପା ସେଥର ଅଭିନନ୍ଦନ ପଣ୍ଡାଙ୍କୁ ପ୍ରାର୍ଥୀ କରିଥିଲା। ଅଭିନନ୍ଦନଙ୍କୁ ୪୪,୮୧୪ ଖଣ୍ଡ ଭୋଟ୍ ମିଳିଥିଲା। ବର୍ତ୍ତମାନ ସରିଥିବା ନୂଆପଡ଼ା ଉପନିର୍ବାଚନରେ ଘାସିରାମଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ଘାସିରାମ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ସେହି ନିର୍ବାଚନମଣ୍ଡଳୀରେ ଆଦିବାସୀ ଭୋଟ୍ ପ୍ରାୟ ୧ ଲକ୍ଷ ରହିଥିବା କୁହାଯାଉଛି। ତେଣୁ ଘାସିରାମ ଉପନିର୍ବାଚନରେ ସବୁଠାରୁ ଭଲ ପ୍ରାର୍ଥୀ ବୋଲି ଚର୍ଚ୍ଚା ହେବା ସ୍ୱାଭାବିକ। ତେଣୁ ଏହି ଉପନିର୍ବାଚନରେ କଂଗ୍ରେସକୁ ମଜଭୁତ କରିବା ପାଇଁ ଭକ୍ତଙ୍କ ପାଖରେ ଏକ ଭଲ ସୁଯୋଗ ରହିଥିଲା। ଉପନିର୍ବାଚନରେ ପୂରା ରାଜ୍ୟରୁ ବଛା ବଛା ନେତାଙ୍କୁ ସେ ସାମିଲକରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରାଯାଇପାରିଥାଆନ୍ତା। ଏହା ହୋଇଥିଲେ ହୁଏତ ରାଜ୍ୟବ୍ୟାପୀ କଂଗ୍ରେସର ବହୁ ଯୁବ, ଛାତ୍ର ଏବଂ ବରିଷ୍ଠ ନେତାମାନେ ସାମିଲ ହୋଇ କଂଗ୍ରେସର ସାଙ୍ଗଠନିକ ସ୍ଥିତି ଭଲ ହେବାର ଏକ ବାର୍ତ୍ତା ଦେବାର ସୁଯୋଗ ପାଇପାରି ଥାଆନ୍ତେ। ହେଲେ ସେ ଅକ୍ଟୋବର ୧୫ରେ ଏକ ଚିଠି ଜାରି କରି 'ସବୁକିଛି ବ୍ୟବସ୍ଥିତ' କରିବା ନାଁରେ ଅନେକ ନେତାଙ୍କୁ ପରୋକ୍ଷରେ ନୂଆପଡ଼ା ଯିବାରୁ ଅଟକେଇ ଦେଇଥିଲେ। ନୂଆପଡ଼ା ନିର୍ବାଚନମଣ୍ଡଳୀ ଭକ୍ତ ପୂର୍ବରୁ ଲଢ଼ିଥିବା ଲୋକ ସଭା କ୍ଷେତ୍ର କଳାହାଣ୍ଡି ଅନ୍ତର୍ଗତ ହୋଇଥିବାରୁ ସେ ବାହାର ନେତାଙ୍କୁ ଆଣି ନିଜ ପତିଆରା ହାନି କରିବାକୁ ଚାହୁଁ ନ ଥିଲେ ବୋଲି କେତେଜଣ କଂଗ୍ରେସ ନେତା କହି ବୁଲିଲେ। ଭକ୍ତ ଅନେକ ସମୟରେ କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱଙ୍କ ବିଶ୍ୱାସଭାଜନ ହେବା ସହିତ ବିଭିନ୍ନ ରାଜ୍ୟର ପ୍ରଭାରୀ ଦାୟିତ୍ୱ ବିଗତ ଦିନରେ ତୁଲାଇଛନ୍ତି। ତେଣୁ କେନ୍ଦ୍ରର ଅନେକ ନେତାଙ୍କ ସହ ତାଙ୍କର ଭଲ ସମ୍ପର୍କ ଅଛି ବୋଲି ଜଣାଶୁଣା। ଯେତେବେଳେ କଂଗ୍ରେସର ଶୀର୍ଷ ନେତୃତ୍ୱ ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ୨୦୨୪ ନିର୍ବାଚନ ପରେ ୨ ଥର ଓଡ଼ିଶା ଆସି ସାରିଛନ୍ତି ସେତେବେଳେ ଉପନିର୍ବାଚନରେ ପ୍ରଚାର କରିବାକୁ ଛତିଶଗଡ଼ର ନେତା ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦ ନ ଆସିବା କଂଗ୍ରେସର ଭବିଷ୍ୟତକୁ ପୁନର୍ବାର ଅନ୍ଧାରକୁ ଠେଲିଦେବ ବୋଲି ଚର୍ଚ୍ଚା ହେଉଛି।


INDIAN NATIONAL CONGRESS
Phone No: (O) 0674-2535577
(Fax) 0674-2533551
ODISHA PRADESH CONGRESS COMMITTEE
Shri Bhakta Charan Das
President

ପତ୍ର ନମ୍ବର -୫୧୯ ତା. ୧୫.୧୦.୨୦୨୫

ପ୍ରାପ୍ତେଷୁ

ଓଡ଼ିଶା ପ୍ରଦେଶ କଂଗ୍ରେସର ସମସ୍ତ ନେତୃବୃନ୍ଦ

ନମସ୍କାର।

ଆପଣ ଜାଣନ୍ତି, ଆସନ୍ତା ନୂଆପଡ଼ା ଉପନିର୍ବାଚନ, ଆମ କଂଗ୍ରେସ ଦଳ ପାଇଁ ବହୁତ ଗୁରୁତ୍ୱ ବହନ କରୁଛି। ଆମ ଦଳର ପ୍ରାର୍ଥୀ **ଶ୍ରୀ ଘାସିରାମ ମାଝୀ** କେବଳ ଯୋଗ୍ୟତମ ନୁହନ୍ତି, ପ୍ରଚାର ଓ ଗ୍ରହଣୀୟତା ଦୃଷ୍ଟିରୁ ମଧ୍ୟ ଆମେ ଆଗୁଆ ରହିଛୁ। ତେବେ ଭାଇଭାଇ ବିଜେଡି-ବିଜେପିର ମିଳିତ ରଣନୀତି ତଥା ସେମାନଙ୍କ ଅର୍ଥ ଓ ବାହୁବଳକୁ ପ୍ରତିହତ କରି ଶେଷ ଯାଏ ଆମେ ଆଗୁଆ ରହିବାକୁ ହେଲେ ଆମ ଦଳର ନେତୃବୃନ୍ଦ ଓ ଅଗଣିତ କର୍ମୀମାନଙ୍କର ଐକ୍ୟବଦ୍ଧ ସଂକଳ୍ପ ଓ ପରିଶ୍ରମ ଲୋଡ଼ା। ସୁଖର କଥା, ରାଜ୍ୟର କୋଣ ଅନୁକୋଣରୁ ନୂଆପଡ଼ା ଆସି ଦଳର ପ୍ରଚାରରେ ସାମିଲ ହେବାପାଇଁ ଅନେକ ନେତା ଓ କର୍ମୀ ଆଗ୍ରହ ପ୍ରକାଶ କରିଛନ୍ତି। କିନ୍ତୁ ଏହି ପ୍ରକ୍ରିୟାକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା ନ କଲେ ଏହା ବିଶେଷ ଫଳପ୍ରଦ ନ ହେବାର ଆଶଙ୍କା ରହିଛି। ତେଣୁକରି ଦଳର ସମସ୍ତ ଆଦରଣୀୟ ନେତୃବୃନ୍ଦଙ୍କର ଅଭିଜ୍ଞତାକୁ ପୂର୍ଣ୍ଣ ମାତ୍ରାରେ ଉପଯୋଗ କରି ଶ୍ରୀ ମାଝୀଙ୍କୁ ଜିତାଇବାକୁ ହେଲେ ସବୁକିଛି ବ୍ୟବସ୍ଥିତ କରିବାର ଆବଶ୍ୟକତା ରହିଛି।

ଏହି କାର୍ଯ୍ୟରେ ସହଯୋଗ କରିବା ପାଇଁ **ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଶ୍ରୀ ସୁଜିତ କୁମାର ପାଢ଼ୀଙ୍କୁ** ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଯେଉଁ ନେତୃବୃନ୍ଦ ନୂଆପଡ଼ା ଆସିବାକୁ ଚାହାନ୍ତି, ସେମାନେ ଶ୍ରୀ ପାଢ଼ୀଙ୍କ ସହ ତାଙ୍କ **ମୋବାଇଲ ନଂ ୯୪୩୭୦୩୦୭୪୩** ରେ ଯୋଗାଯୋଗ କରିବାକୁ ଅନୁରୋଧ।

ଅନ୍ୟପକ୍ଷରେ ନିର୍ବାଚନ ପରିଚାଳନା ନିମନ୍ତେ ଆବଶ୍ୟକ ଅର୍ଥ ସଂଗ୍ରହରେ ସହଯୋଗ କରିବା ପାଇଁ ମଧ୍ୟ କିଛି ବନ୍ଧୁ ନିଜ ତରଫରୁ ପ୍ରସ୍ତାବ ଦେଇଛନ୍ତି। ସେମାନଙ୍କୁ ମଧ୍ୟ କୃତଜ୍ଞତା ଜଣାଉଛି। ଯେଉଁ ବନ୍ଧୁମାନେ ଏ ନେଇ ସାହାଯ୍ୟ କରିବାକୁ ଚାହାନ୍ତି, ପିସିସି କୋଷାଧ୍ୟକ୍ଷ **ଶ୍ରୀ ସିଦ୍ଧାର୍ଥ ସ୍ୱରୂପ ଦାଶ(ମୋବାଇଲ ନଂ ୯୪୩୭୧୭୦୧୦୨)**ଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ କରୁଛି।

ଯଦିଓ ମୁଁ ନିର୍ବାଚନ ଶେଷ ଯାଏ ଅପାତତଃ ନୂଆପଡ଼ାରେ ରହିବି, ଆବଶ୍ୟକ ମନେ କଲେ ଆପଣ ମୋତେ ମଧ୍ୟ ଯୋଗାଯୋଗ କରିପାରିବେ।

ଶୁଭେଚ୍ଛା ସହ,

ଆପଣଙ୍କର ସ୍ନେହାଧୀନ
(ଭକ୍ତଚରଣ ଦାସ)
ସଭାପତି

# କଟକ ବାଲିଯାତ୍ରା ଅବଧି ଦିନେ ବଢ଼ିଲା

## ଆଜି ଉଦ୍‌ଯାପନ

ଭୁବନେଶ୍ୱର, ୧୨।୧୧(ସୁନିତ୍ ମିଶ୍ର)

ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଘୋଷଣା କରିଛନ୍ତି। ଏହାଦ୍ୱାରା ବାଲିଯାତ୍ରା ବୁଧବାର ପରିବର୍ତ୍ତେ ଗୁରୁବାର ଉଦ୍‌ଯାପନ କରିବାକୁ ସୂଚନା ଦିଆଯାଇଛି। ବାଲିଯାତ୍ରା ପ୍ରତି ସାଧାରଣ ଲୋକଙ୍କ ଆକର୍ଷଣ ଓ ଆଗ୍ରହ ତଥା ମେଳାରେ ବ୍ୟବସାୟୀମାନଙ୍କ କାରବାରକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ଏହାର ଅବଧି ବୃଦ୍ଧି କରିଥିବା କୁହାଯାଇଛି। ସୂଚନାଯୋଗ୍ୟ, କଟକ ବାଲିଯାତ୍ରା ଗତ ୫ ତାରିଖରୁ ଆରମ୍ଭ ହୋଇଛି। ସରକାରଙ୍କ ପୂର୍ବ ନିର୍ଦ୍ଧାରିତ ସମୟାନୁଯାୟୀ ଏହା ବୁଧବାର ଉଦ୍‌ଯାପନ ହେବା କଥା। ମାତ୍ର ଲୋକଙ୍କ ଆଗ୍ରହକୁ ସରକାର ବିଶେଷ ଧ୍ୟାନଦେଇଛନ୍ତି। ସେଥିଲାଗି ଏହା ଅଧିକ ଦିନକ ପାଇଁ ବୃଦ୍ଧି କରାଯାଇଛି।

# ଡାଇରିଆରେ ୨ ମୃତ

## କେନ୍ଦୁଗୁଡ଼ାରେ ସପ୍ତାହେ ହେବ ବ୍ୟାପିଛି ଝାଡ଼ାବାନ୍ତି

କୁନ୍ଦୁରା, ୧୨।୧୧
(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କେନ୍ଦୁଗୁଡ଼ାରେ ସପ୍ତାହେ ହେବ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ଗାଁର ୧୮ ଜଣ ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ୨ ଜଣ ହେଲେ ଫୁଲମତି ଘସର୍ଲିଆ (୩୫) ଓ ହୀରାଦେବୀ ଘସର୍ଲିଆ (୫୧)। କୁନ୍ଦୁରାରୁ ଏକ ଡାକ୍ତରୀ ଟିମ୍ ଗାଁରେ ସ୍ଥିତି ଅନୁଧ୍ୟାନ କରିବା ସହ ଏବଂ ବିଭିନ୍ନ ସ୍ଥାନର ପିଇବା ପାଣି ନମୁନା ସଂଗ୍ରହ କରିଛନ୍ତି। ଖବରପାଇ କୋରାପୁଟ ଡିପିଏମ୍ ଏବଂ ଆଶା ମ୍ୟାନେଜର ଗାଁକୁ ଆସି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଚିକିତ୍ସା ପରେ ଅନ୍ୟ ଆକ୍ରାନ୍ତ ଯୋଗେଶ ଗୋରାହାଣ୍ଡିଆ, ରତ୍ନବତି ଭୂମିଆ, ଜିତେନ୍ଦ୍ର ପୂଜାରୀ, ଦେବେନ୍ଦ୍ର ଭୂମିଆ, ବାସୁ ଭୂମିଆ, ରିନା ପୂଜାରୀ ଏବଂ ଫୁଲମତି ମସିଆ ପ୍ରମୁଖ ସୁସ୍ଥ ଅଛନ୍ତି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗଣେଶ ପ୍ରସାଦ ଦାସଙ୍କୁ ପଚାରିବାରୁ ସେହି କହିଛନ୍ତି, ଗାଁ ପ୍ରତି ନଜର ରଖାଯାଇଛି। ପ୍ରତିଦିନ ଦୁଇବେଳା ଡାକ୍ତରୀ ଦଳ ଯାଇ ସ୍ଥିତି ନିରୀକ୍ଷଣ କରୁଛନ୍ତି। ଗାଁରେ ଯେପରି ଝାଡ଼ାବାନ୍ତି ନ ବ୍ୟାପିବ, ସେଥିପାଇଁ ଗ୍ରାମବାସୀଙ୍କୁ ସଚେତନ କରାଯାଉଛି। ଔଷଧ, ଓଆର୍ଏସ୍ ଆଦି ଯୋଗାଇ ଦିଆଯାଉଛି। କାହାରିକୁ ଝାଡ଼ାବାନ୍ତି ହେଲେ ପରିବାର ଲୋକେ ରୋଗୀଙ୍କୁ ମେଡିକାଲ୍ ଆଣିବା ପରିବର୍ତ୍ତେ ଶିରା, ଗୁଣିଆଙ୍କ ପାଖକୁ ନେଉଛନ୍ତି। ବହୁ ବିଳମ୍ବରେ ଓ ସ୍ଥିତି ଅଣାୟତ୍ତ ହେବା ପରେ ମେଡିକାଲକୁ ଅଣାଯାଉଛି। ତେଣୁ ଗାଁରେ ଦୁଇ ମହିଳାଙ୍କ ମୃତ୍ୟୁ ଘଟିଥିବା ସେ କହିଛନ୍ତି।




# ନୂଆପଡ଼ାରେ ରେକର୍ଡ: ୮୩.୪୫% ମତଦାନ

ଭୁବନେଶ୍ୱର/ନୂଆପଡ଼ା,୧୨।୧୧
(ରବିନାରାୟଣ ଜେନା/ମକାରୁ ବେମାଲ)

ଦେଶରେ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହୋଇଥିବା ଉପନିର୍ବାଚନରେ ନୂଆପଡ଼ାରେ ରେକର୍ଡ ସଂଖ୍ୟକ ତଥା ୮୩.୪୫% ମତଦାନ ହୋଇଛି। ଯାହା ପୂର୍ବ ନିର୍ବାଚନ ତୁଳନାରେ ପାଖାପାଖି ୧୦% ଅଧିକ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ତ ଗୋପାଳନ କହିଛନ୍ତି। ସିଇଓଙ୍କ ସୂଚନା ଅନୁଯାୟୀ,

ନୂଆପଡ଼ାରେ ସମୁଦାୟ୨,୫୪,୪୯୭ ଭୋଟର ମଧ୍ୟରୁ ୨,୧୨,୩୮୫ ଭୋଟିଂ ହୋଇଛି। ଏଥିରେ ମହିଳା ଭୋଟର ମୋଟ ୧,୨୯,୯୩୨ରୁ ୧,୦୮,୫୬୩ ଭୋଟିଂ ଦେଇଥିବା ବେଳେ ପୁରୁଷ ଭୋଟର ୧,୨୪,୫୪୪ରୁ ୧,୦୩,୮୧୭ ଜଣ ଭୋଟ ଦେଇ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଛନ୍ତି। ଯାହା ଏକ ସୁସ୍ଥ ସମାଜ ଓ ଉତ୍ତମ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତୀକ। ଏହି ଐତିହାସିକ ସଫଳତା ଉପନିର୍ବାଚନର ଉତ୍ତମ ପ୍ରସ୍ତୁତି, ବ୍ୟାପକ ଜନସଚେତନତା,ସଶକ୍ତ ସୁରକ୍ଷା ବ୍ୟବସ୍ଥା,ନିର୍ବାଚନ ଅଧିକାରୀ/କର୍ମଚାରୀ, ପ୍ରାର୍ଥୀ, ଅନ୍ୟାନ୍ୟ ଅଂଶୀଦାର ସର୍ବୋପରି ମତଦାତାଙ୍କ ସକ୍ରିୟ ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି।

ଭୋଟ ଚୋରି ନେଇ ସିଇଓଙ୍କ ପକ୍ଷରୁ କୁହାଯାଇଛି ଯେ, ଜୟନ୍ତୀ ଛତ୍ରିଆଙ୍କ ଭୋଟ ଅନ୍ୟ ଜଣେ କେହି ଦେଇଦେବାର ଅଭିଯୋଗ ଆସିଥିଲା। ତାକୁ ଅତ୍ୟନ୍ତ ଗୁରୁତର ସହିତ ନେଇ ସେହି ଅଭିଯୋଗ ସମ୍ପର୍କରେ କ୍ଷେତ୍ର ଅଧିକାରୀ ଓ ପୁଲିଙ୍ଗ ଅଫିସରମାନେ ତତ୍‌କ୍ଷଣାତ ଯାଞ୍ଚ କରିଥିଲେ। ଅଭିଯୋଗଟି ଭିତ୍ତିହୀନ ଓ ମିଥ୍ୟା ବୋଲି ଯାଞ୍ଚ ସମୟରେ ଜଣାପଡିଲା। ସୂଚନା ଯୋଗ୍ୟ ଯେ, ଜୟନ୍ତୀ ଚତ୍ରିଆ ନିଜେ ନିଜର ଭୋଟ ଦେଇଥିଲେ। ସେହିପରି ବୁଥ ନଂ-୧୧ ରେ ରଙ୍ଗୀନ ଭୋଟର ତାଲିକା ବ୍ୟବହାର ହେଉଥିବା ଅଭିଯୋଗ ଆସିଥିଲା। ମାତ୍ର ସେହି ସ୍ଥାନରେ ନିଯୋଜିତ ଅଧିକାରୀ ତତକ୍ଷଣାତ ଯାଞ୍ଚ କରି,ପୋଲିଂ କେନ୍ଦ୍ର ବାହାରେ ଦୁଇଜଣ ବ୍ୟକ୍ତିଙ୍କୁ ଏହିପରି ତାଲିକା ସହ ପାଇଥିଲେ। ସେହି ତାଲିକାଗୁଡ଼ିକୁ ତୁରନ୍ତ ଜବତ କରାଯାଇ ଆଗକୁ ଯେପରି ଏଭଳି ରଙ୍ଗୀନ ଭୋଟର ତାଲିକା ବ୍ୟବହାର କରା ନ ଯିବ ତାହା ସୁନିଶ୍ଚିତ କରାଯାଇଥିଲା। ସେହିପରି ପୋଲିଂ ଷ୍ଟେସନ ନଂ-୨୫୦ ରେ ଭୋଟିଂ ତଥ୍ୟ ମେଳ ନ ଖାଇବାର ଅଭିଯୋଗ ଯାଞ୍ଚ ପରେଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଜଣା ପଡିଥିଲା। ମତଦାନ ଶେଷ ହେବା ପରେ ସମସ୍ତ ଇ.ଭି.ଏମ୍ ଏବଂ ଭି.ଭି.ପ୍ୟାଟକୁ ନିର୍ଦ୍ଦିଷ୍ଟ ଷ୍ଟ୍ରଙ୍ଗରୁମରେ ତିନି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ରଖାଯାଇଛି ବୋଲି ସିଇଓ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଆସନ୍ତା ୧୪ତାରିଖରେ ନୂଆପଡ଼ା ନ୍ୟାଶନାଲ କଲେଜରେ ଭୋଟ ଗଣତି ହେବ। ଏଥିପାଇଁ ସିଇଓଙ୍କ ପକ୍ଷରୁ ତ୍ରିସ୍ତରୀୟ


## ତ୍ରିସ୍ତରୀୟ ସୁରକ୍ଷାରେ ହେବ ଭୋଟ ଗଣତି

ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସକାଳ ୮ଟାରେ ପ୍ରଥମେ ପୋଷ୍ଟାଲ ବାଲଟ ଗଣତିହେବାକୁ ଥିବାବେଳେ ସାଢେ ୮ଟାରେ ଇଭିଏମ୍ ଖୋଲି ଗଣନା କରାଯିବ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ମଧୁସୂଦନ ଦାଶ ଏହି ସୂଚନା ଦେଇଛନ୍ତି। ନିର୍ବାଚନମଣ୍ଡଳୀର ୩୫୮ ବୁଥ୍ ରହିଥିବାବେଳେ ୧୪ ଟେବୁଲରେ ୨୬ ରାଉଣ୍ଡ ଗଣତି ହେବ। ଗୋଟିଏ କେନ୍ଦ୍ର ଟେବୁଲ ରହିବ। ପ୍ରତି ଟେବୁଲରେ ୩ ଜଣ ଅଧିକାରୀ ରହିବେ। ଜଣେ ଗଣତି ସହ ଅଧିକାରୀ, ଗଣତି ସୁପରଭାଇଜର ଓ ମାଇକ୍ରୋ ଅବଜର୍ଭର ନିଯୁକ୍ତ ହୋଇଛନ୍ତି। ସେହିପରି ଗଣତି ଅବଜର୍ଭର ଓ ନିର୍ବାଚନ ଅଧିକାରୀ ରହିବେ। ଗଣତି ଅବଜର୍ଭର ଗଣତି ପ୍ରକ୍ରିୟାକୁ ଅବଜର୍ଭ କରିବେ। ଭୋଟ ଗଣତି ସମୟରେ ନିୟୋଜିତ ଅଧିକାରୀମାନେ ହିଁ କେନ୍ଦ୍ରକୁ ଯିବେ। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଆବଶ୍ୟକ ପୋଲିସ ଫୋର୍ସ ମୁତୟନ କରାଯାଇ କଡ଼ା ସୁରକ୍ଷା ବଳୟରେ ଗଣତି ହେବ। ଉପନିର୍ବାଚନ ଫଳାଫଳ ଡାକବାଜି ଯନ୍ତ୍ର ମାଧ୍ୟମରେ ସାଧାରଣ ଲୋକେ ଜାଣିପାରିବେ ବୋଲି ଜିଲାପାଳ କହିଛନ୍ତି।

# ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ଫର୍ମ ପୂରଣ ଆରମ୍ଭ

କଟକ,୧୨।୧୧(କାର୍ତ୍ତିକ ସାହୁ)

ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୬ ନିମନ୍ତେ ଅନ୍‌ଲାଇନରେ ଫର୍ମ ପୂରଣ ୧୨ ତାରିଖରୁ ଆରମ୍ଭ ହୋଇଛି। ଏହି ଫର୍ମ ପୂରଣ ପ୍ରକ୍ରିୟା ନଭେମ୍ବର ୨୫ ତାରିଖ ମଧ୍ୟରାତ୍ରି ଯାଏ ଚାଲିବ। ଆଗାମୀ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ଷଷ୍ଠ ଶ୍ରେଣୀ ସମେତ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀର ଖାଲି ସିଟ୍‌ରେ ନାମ ଲେଖାଇବା ନିମନ୍ତେ ପ୍ରବେଶିକା ପରୀକ୍ଷା ହେବ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରୀଛାତ୍ରଙ୍କ ମାତାପିତା ଅନ୍‌ଲାଇନ ଆବେଦନ କରିବାରେ ଅସମର୍ଥ ହେଲେ ନିଜ ବ୍ଲକ ମଧ୍ୟରେ ଥିବା କୌଣସି ଆଦର୍ଶ ବିଦ୍ୟାଳୟକୁ ଯାଇ ଆବଶ୍ୟକ କାଗଜାତ ସହିତ ଫର୍ମ ପୂରଣ କରିପାରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ www.bseodisha.ac.in ଓ www.oav.edu.inରେ ଲିଙ୍କ୍ ଉପଲବ୍ଧ ରହିବ। ଏଥିପାଇଁ ୱେବସାଇଟ୍‌ରେ ସମସ୍ତ ନିର୍ଦ୍ଦେଶାବଳୀ ଉପଲବ୍ଧ ରହିଛି। କୌଣସି ଅସୁବିଧା ଦେଖାଦେଲେ ହେଲପ୍ ଲାଇନ ନଂ. ୯୮୬୧୯୨୪୮୦୭ରେ ଯୋଗାଯୋଗ କରିବାକୁ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ପଦଯାତ୍ରା, ସ୍ଥାନ: ଜୟଦେବ ଗ୍ରାମ ପଞ୍ଚାୟତ ନିକଟସ୍ଥ ଖେଳ ପଡ଼ିଆରୁ ଜୟଦେବ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ, ସମୟ:ସକାଳ ୮ଟା ୩୦ ।
- ଅଲ ଓଡ଼ିଶା ବ୍ୟାଙ୍କ ରିଟାୟାରସ୍ ଫେଡେରେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ପ୍ରେସିଡେନ୍ସି, ଆଇଆର୍‌ସି ଭିଲେଜ୍, ସମୟ: ଅପରାହ୍ନ ୪ଟା ୩୦ ।
- ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ, ସ୍ଥାନ: ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ସନ୍ଧ୍ୟା ୬ଟା ।
- ମୋକ୍ଷ ଅନୁଷ୍ଠାନ ପକ୍ଷରୁ ୧୬ଶ ଯୁଗଳବନ୍ଦୀ ଓଡ଼ିଶୀ ଡ୍ୟାନ୍ସ କୋରିଓଗ୍ରାଫି, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ।

## ବାଲେଶ୍ୱର

- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ପଦଯାତ୍ରାରେ ସାମିଲ ହେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ସ୍ଥାନ: ମିତ୍ରପୁର, ନୀଳଗିରି, ସମୟ: ସକାଳ ୯ଟା ।
- ସାମାଜିକ କର୍ମୀ ସ୍ୱର୍ଗତ ଗଣେଶ ଚନ୍ଦ୍ର ନାୟକଙ୍କ ସ୍ମୃତିସଭା,ସ୍ଥାନ:ଶ୍ରଦ୍ଧାପୁର ହାଟ ପଡ଼ିଆ, ଭୋଗରାଇ,ସମୟ:ପୂର୍ବାହ୍ନ ୧୧ଟା ।
- ଖଇରା ଏଏନ୍‌ଏମ୍ କେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ, ସ୍ଥାନ:ଖଇରା ପଞ୍ଚାୟତ କାର୍ଯ୍ୟାଳୟ ନିକଟ,ସମୟ:ଅପରାହ୍ନ ୪ଟା ।

## ଭଦ୍ରକ

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ବାସୁଳୀପଡ଼ିଆ, ଦହପାଣିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା ।
- ନାକ୍ ସଂକ୍ରାନ୍ତୀୟ କର୍ମଶାଳା, ସ୍ଥାନ: ଧାମନଗର ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଜିଲାସ୍କୁଲ, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦ ।
- 'ବନ୍ଦେ ମାତରମ୍'ର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଆଇ ଲଭ୍ ଭଦ୍ରକ ପଏଣ୍ଟ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଭଦ୍ରକ, ସମୟ: ଅପରାହ୍ନ ୫ଟା ।

## କେନ୍ଦୁଝର

- ଏକତା ପଦଯାତ୍ରା ଶୁଭାରମ୍ଭ, ସ୍ଥାନ: ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିରଠାରୁ ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, କେନ୍ଦୁଝର, ସମୟ: ସକାଳ ୮ ଟା ।
- ଏକତା ପଦଯାତ୍ରା ଶୁଭାରମ୍ଭ, ସ୍ଥାନ: ଚମ୍ପୁଆ ବ୍ଲକ୍ ଚନ୍ଦ୍ର ଶେଖର କଲେଜଠାରୁ ଚମ୍ପୁଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସମୟ: ସକାଳ ୮ ଟା ।
- ଭାଜପା କୃଷକ ମୋର୍ଚ୍ଚାର ବୈଠକ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, କେନ୍ଦୁଝର, ସମୟ : ପୂର୍ବାହ୍ନ ୧୧ ଟା ।

## ମୟୂରଭଞ୍ଜ

- ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ'ର ଏକାଦଶ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବ,ସ୍ଥାନ:ଶିଶୁ ଉଦ୍ୟାନ ବାରିପଦା, ସମୟ: ସକାଳ ୮ଟା ।
- ଦିବ୍ୟଦୃଷ୍ଟି ଆଖି ହସ୍ପିଟାଲର ଉଦ୍‌ଘାଟନ,ସ୍ଥାନ:ରଘୁନାଥପୁର, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା ।
- ପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ଶୁଳିଆପଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ:ମଧ୍ୟାହ୍ନ ୧୨ଟା ।
- ମିଶନ ଶକ୍ତି ବୈଠକ, ସ୍ଥାନ: ରାସଗୋବିନ୍ଦପୁର ବ୍ଲକ୍ ସମ୍ମିଳନୀ କକ୍ଷ,ସମୟ: ଅପରାହ୍ନ ୩ଟା ।
- ବାର୍ଷିକ ଉତ୍ସବ, ସ୍ଥାନ: ଜବାହାର ବିଦ୍ୟାପୀଠ,ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା,ସମୟ: ଅପରାହ୍ନ ୫ଟା ।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦ ।
- ଥିଏଟର ଫେଷ୍ଟିଭାଲର ରୌପ୍ୟ ଜୟନ୍ତୀ ସାମରୋହ, ସ୍ଥାନ:ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ସନ୍ଧ୍ୟା ୭ଟା ।
- ଇଣ୍ଡିଆନ ଆଇଡଲ କାର୍ଯ୍ୟକ୍ରମ,ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର ବାରିପଦା,ସମୟ: ସନ୍ଧ୍ୟା ୭ଟା ।

## କନ୍ଧମାଳ

- ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବସଷ୍ଟାଣ୍ଡ, ବାଲିଗୁଡ଼ା, ସମୟ: ଅପରାହ୍ନ ୪ ଟା ।

## ଗଜପତି

- ପ୍ରଥମ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ମୋହନା ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ ଟା ।

## ଢେଙ୍କାନାଳ

- କାମାକ୍ଷାନଗର ପୋଲିସ ପକ୍ଷରୁ ସାଇବର ସଚେତନତା ନେଇ ୱାକାଥନ, ସ୍ଥାନ: ସାରଙ୍ଗଧର ଷ୍ଟାଡିୟମ, ସମୟ: ସକାଳ ୭ଟା ୩୦ ।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଭୁବନ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ, ସମୟ: ସକାଳ ୮ଟା ୪୦ ।
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ପରଜଙ୍ଗ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦ ।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: ପରଜଙ୍ଗ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ଅନୁଗୋଳ

- ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା, ସ୍ଥାନ: କିଶୋରନଗର ବ୍ଲକ ଉତ୍କଳ ହାଇସ୍କୁଲ, ସମୟ ସକାଳ ୧୦ଟା ।

ପଦଯାତ୍ରା ୟୁନିଟି ମାର୍ଚ୍ଚ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ସମ୍ମୀଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ।

## ଜଗତ୍‌ସିଂହପୁର

- ଶିଶୁ ଦିବସ ଉପଲକ୍ଷେ ସ୍କୁଲ ପରିସରରେ ମାତୃ ସମ୍ମିଳନୀ, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା ।
- ମାସିକିଆ ଜିଲା ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦ୍ରାପଡ଼ା

- ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ବାର୍ଷିକ ସମ୍ମିଳନୀ, ସ୍ଥାନ:ଶ୍ରୀ ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡା, ସମୟ:ସକାଳ ୯ଟା ।
- ରାଜସ୍ୱ ମାମଲା ସମ୍ପର୍କୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।
- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜା ଉତ୍ସବ, ସ୍ଥାନ: ପିତାପଲ୍ଲୀ, ମହାକାଳପଡା, ସମୟ:ସଂଧ୍ୟା ୬ଟା ।
- ଶ୍ରୀ ସିଦ୍ଧ ମହାପୁରୁଷ ଭୋଳି ବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ:ବେଲତଳ, ପଟ୍ଟାମୁଣ୍ଡାଇ, ସମୟ:ସଂଧ୍ୟା ୬ଟା ।

## ଯାଜପୁର

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ରସୁଲପୁର ବ୍ଲକ ଅଧୀନ ପିଏମ୍‌ଶ୍ରୀ ମଧୁବନ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ।

## ନୟାଗଡ଼

- ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ:ନୂଆଗାଁ ବ୍ଲକ ନୂଆଗାଁ ଥାନା ନିକଟ ପଡିଆ, ସମୟ:ପୂର୍ବାହ୍ନ ୧୦ଟା ୩୦ ।
- ବ୍ଲକସ୍ତରୀୟ କିଶୋରୀ ବାଳିକାଙ୍କ ଟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ, ସ୍ଥାନ:ଓଡଗାଁ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା ।
- ନୀଳମାଧବ ସାମ୍ବାଦିକ ସଂଘର ପ୍ରସ୍ତୁତି ବୈଠକ, ସ୍ଥାନ:କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ:ଅପରାହ୍ନ ୪ଟା ।
- କାଞ୍ଜିଅଁଳା ପର୍ବ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସଂଧ୍ୟା ୭ଟା

## ନବରଙ୍ଗପୁର

- ପୋଲିସ ପ୍ରଶାସନ ପକ୍ଷରୁ ସାଇବର ରଥ ସହର ପରିକ୍ରମା, ସ୍ଥାନ: ଉମରକୋଟ, ସମୟ ପୂର୍ବାହ୍ନ: ୧୦ଟା ।
- ବ୍ଲକସ୍ତରୀୟ ମତ୍ସ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ ଖାଣ୍ଡା ଆଦିବାସୀ, ଉମରକୋଟ, ସମୟ ପୂର୍ବାହ୍ନ ୧୧ଟା ।

## କୋରାପୁଟ

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: କୁନ୍ଦୁରା ଶାସ୍ତ୍ରୀ ମୈଦାନ, ସମୟ: ପୂର୍ବାହ୍ନ ୧୧ଟା ।

## ସମ୍ବଲପୁର

- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜିଏମ୍‌ୟୁ ପରିସରସ୍ଥ କବି ଡ. ମାୟାଧର ମାନସିଂ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୮ଟା ।
- ମାନେଶ୍ୱର ବ୍ଲକସ୍ତରୀୟ ସାଂସଦ କ୍ରୀଡା ପ୍ରତିଯୋଗିତା-୨୫, ସ୍ଥାନ: ବୀରସୁରେନ୍ଦ୍ର ଷ୍ଟାଡିୟମ, ସମୟ : ସକାଳ ୮ଟା ।
- ଓଡ଼ିଶା ସାଂସ୍କୃତିକ ସମାଜ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜନରେ ପଦ୍ମଶ୍ରୀ କବି ମାୟାଧର ମାନସିଂଙ୍କ ଜୟନ୍ତୀ, ସ୍ଥାନ: ଜିଏମ୍‌ୟୁ ଅମୃତ ବିହାରସ୍ଥିତ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ସାଇ ଶିକ୍ଷା ଆୟୋଜିତ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର-୨୫ ସକାଶେ ଚୁଡାନ୍ତ ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀସ୍ଥିତ ନିଜସ୍ୱ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା ।

## ବଲାଙ୍ଗୀର

- ଓଡିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳରେ ଆକସ୍ମିକ କ୍ଷେତ୍ର ପରିଦର୍ଶନ, ସ୍ଥାନ: ମ୍ୟୁନିସିପାଲିଟି ଅଞ୍ଚଳ, ବଲାଙ୍ଗୀର, ସମୟ: ସକାଳ ୮ଟା ୩୦ ।

## ରାଉରକେଲା

- ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଷ୍ଟ୍ରିଟ କର୍ନର ମିଟିଂ, ସ୍ଥାନ: ଆଣ୍ଟି ନିର୍ମଳା ସ୍କୁଲ, ସମୟ: ଅପରାହ୍ନ ୪ଟା ।
- ବାଟ ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବକୁ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା, ସମୟ: ଅପରାହ୍ନ ୪ଟା ।
- ଧରୋବର ଅନୁଷ୍ଠାନ ପକ୍ଷରୁ କମ୍ବଳ ବଣ୍ଟନ, ସ୍ଥାନ: ରେଳବାଇ ଷ୍ଟେଶନ, ରାଉରକେଲା, ସମୟ: ରାତି ୧୦ଟା ।

## ବରଗଡ଼

- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: କ୍ରୀଷ୍ଟା ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ମାଁ ପଁଗ୍ରାପାଟ ଫୁଟବଲ ପ୍ରତିଯୋଗିତା, ସ୍ଥାନ:ବରାହଗୋଡ଼ା ଖେଳ ପଡିଆ, ବରଗଡ଼, ସମୟ:ଅପରାହ୍ନ ୨ଟା ।

## ବୌଦ୍ଧ

- ଜିଲାସ୍ତରୀୟ ପଦଯାତ୍ରା ଆସ ବିଦ୍ୟାଳୟ ଯିବା,ସ୍ଥାନ:ପିଏମ୍‌ଶ୍ରୀ ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ସରସରା, ବୌଦ୍ଧ, ସମୟ: ସକାଳ ୯ଟା ।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।
- ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ସ୍ଥିତ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦ ।

## ସୁବର୍ଣ୍ଣପୁର

- ଗୋକୁଳାଷ୍ଟାମୀ ମହୋତ୍ସବର ପଞ୍ଚମ ଦିବସ ବକାସୁର ବଧ, ସ୍ଥାନ: କଂସାରୀ ପଡା ବିନିକା, ସମୟ: ସକାଳ ୭ଟା ।
- ସୁବର୍ଣ୍ଣପୁର ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ।
- ତରଭା ଲକ୍ଷ୍ମୀନାରାୟଣ ମନ୍ଦିରରେ ଶେଷ ଗୁରୁବାର ମହାଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମେହେର ପଡା ସ୍ଥିତ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦ ।
- କଂସ ଦରବାର, ସ୍ଥାନ: ଯୋଗେଶ୍ୱର ମନ୍ଦିର ବନଦୁର୍ଗା ପଡିଆ, ବିନିକା କଂସାରୀପଡା, ସମୟ: ସନ୍ଧ୍ୟା ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦ୍ୱିଜା ନକ୍ଷତ୍ରର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିବା ସାଙ୍ଗକୁ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହୋଇପାରନ୍ତି । ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ । ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାମାନ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ । ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ।

**ବୃଷ** ପାରିପାର୍ଶ୍ୱିକ ପରିସ୍ଥିତି ଭଲ ଦିଗକୁ ଗତିକରୁଥିବାରୁ ମାନସିକ ବ୍ୟସ୍ତତା ଦୂରେଇଯିବ । ରୋହିଣୀ ନକ୍ଷତ୍ର ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ ସାଧନ କରିବେ । ପ୍ରଶାସନିକ ସ୍ତରରେ, ସଭାସମିତି, ରାଜନୀତି, ଆଲୋଚନାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ଭୁଲ୍ ବୁଝାମଣାବଶତଃ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିପାରେ ।

**ମିଥୁନ** ଆକସ୍ମିକ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ । ପୁନର୍ବସୁ ନକ୍ଷତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ । ସହକର୍ମୀମାନେ କୌଶଳରେ କାର୍ଯ୍ୟ ହାସଲ କରିବାକୁ ପଛାଇବେ ନାହିଁ । ଜମିଜମା, ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ତଥା ବିବାଦୀୟ ଘଟଣା ସମସ୍ୟାବହୁଳ ହୋଇପାରେ ।

**କର୍କଟ** ଭାବପ୍ରବଣତା ଓ ନିଷ୍କପଟ ଭାବନା ସମ୍ବଳିତ କର୍ମ ପରିପ୍ରେକ୍ଷୀରେ ଉଚ୍ଚବର୍ଗଙ୍କ ସାହାଯ୍ୟ ପାଇବେ । ଅଶ୍ଳେଷା ନକ୍ଷତ୍ର ବ୍ୟକ୍ତିଗତ ଅସୁବିଧାକୁ ବନ୍ଧୁ ଗୁରତର ଭାବରେ ଗ୍ରହଣ କରି ଦୂରେଇ ରହିପାରନ୍ତି । ଚୁକ୍ତିପତ୍ର ସମ୍ପାଦନାରେ ସଫଳ ହେବେ । ଯାତ୍ରା, ବାଣିଜ୍ୟ, ଶିକ୍ଷା, ସନ୍ତାନ ଓ ଅର୍ଥ ସମ୍ପର୍କ ମାନସିକ ଶାନ୍ତିର ପାଥେୟ ହୋଇପାରେ ।

**ସିଂହ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ବଳରେ କାର୍ଯ୍ୟ ସାଧନ କରିନେବେ । ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ । ଉତ୍ତରାଫାଲଗୁନୀ ନକ୍ଷତ୍ର ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢ଼ିଯିବ । ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ଆଜି ଦିନଟି ବିତିଯିବ ।

**କନ୍ୟା** ପରିବାରର ଆର୍ଥିକ ସମସ୍ୟା ବୃଦ୍ଧିରୁ କୌଣସି କାମରେ ଉତ୍ସାହିତ ହୋଇପାରିବେ ନାହିଁ । ପରିସ୍ଥିତିବିଶତଃ ସାମାଜିକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି । ଚିତ୍ରା ନକ୍ଷତ୍ର ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରି ଅନତାପ କରିବେ । ଅନ୍ୟମନସ୍କତାରୁ ଦରକାରୀ କାଗଜପତ୍ର ହଜିଯିବାର ସୂଚନା ରହିଛି ।

**ତୁଳା** ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ବନ୍ଧୁଙ୍କ ସମ୍ମୁଖରେ ମନ କଥା କହିବାକୁ ପଛେଇ ଯିବେ । ବ୍ୟକ୍ତିଗତ ସ୍ୱାର୍ଥକୁ କେନ୍ଦ୍ରକରି ପାରିବାରିକ ଅଶାନ୍ତି ଉପୁଜିବ । ସ୍ୱାତୀ ନକ୍ଷତ୍ର ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟାର ସରଳ ସମାଧାନ କରିପାରିବେ । ଶାରୀରିକ ସୁସ୍ଥତାରେ ଉନ୍ନତି ହେବା କାରଣରୁ ମାନସିକ ଆଶ୍ୱସ୍ତି ଅନୁଭବ କରିବେ ।

**ବିଛା** କର୍ମକ୍ଷେତ୍ରରେ ଅଭିଳାଷ ପୂରଣ ହେବାରୁ ଆନନ୍ଦ ଅନୁଭବ କରିବେ । ଜ୍ୟେଷ୍ଠା ନକ୍ଷତ୍ର ବିବାଦୀୟ ପରିସରରୁ ଦୂରେଇ ରହିବା ଭଲ । ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରିପାରନ୍ତି । ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବ ।

**ଧନୁ** ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ପରିସ୍ଥିତି ସରଗରମ ରହିପାରେ । ଉତ୍ତରାଷାଢ଼ା ନକ୍ଷତ୍ର ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାକୁ ସମସ୍ୟା ବହୁଳ କରିପାରନ୍ତି । କଠୋର କଥା କହିବା କାରଣରୁ ପରିବାରରେ କଳହ ଦେଖାଦେଇପାରେ । ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ଜାରି ରହିପାରେ ।

**ମକର** ଯାହା ଭାବୁଥିଲେ ତାହା କେତେକାଂଶରେ ପୂର୍ଣ୍ଣତା ଲାଭ କରିପାରେ । ଆଜିର ଯାତ୍ରା ଫଳପ୍ରଦ ହେବ ଏବଂ ବନ୍ଧୁମିଳନଜନିତ ସାମୟିକ ଆନନ୍ଦ ଅନୁଭବ କରିବେ । ଧନିଷ୍ଠା ନକ୍ଷତ୍ର ସକାଶେ ଅନ୍ୟମାନଙ୍କର ତାଗିଦ ଓ ବୃଥା ସନ୍ଦେହଜନକ ବାକ୍ୟାଳାପ ମନକୁ ଭାରାକ୍ରାନ୍ତ କରିପାରେ । ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରିପାରନ୍ତି ।

**କୁମ୍ଭ** ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହେବାରେ ବହୁତ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିପାରେ । ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ । ଦୀର୍ଘଦିନରୁ ଲାଗିରହିଥିବା ରୋଗ ଓ ଋଣ ଦୁଶ୍ଚିନ୍ତାର କାରଣ ହେବ । ଉତ୍ତରଭାଦ୍ରପଦ ନକ୍ଷତ୍ର କର୍ମକ୍ଷେତ୍ରରେ ସହକର୍ମୀଙ୍କ ବ୍ୟବହାରରେ ଅପମାନିତ ବୋଧ କରିପାରନ୍ତି ।

**ମୀନ** ରେବତୀ ନକ୍ଷତ୍ର ଭୁଲ୍ ବୁଝାମଣାରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି । ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହେବାର ଆଶଙ୍କା ରହିଛି । ଶିଳ୍ପ, ବାଣିଜ୍ୟରେ ସଫଳତା ହାସଲ କରିବେ । ପରିବାରରେ କାହା କଥା ସହ ଅନ୍ୟ କାହାର କଥା ନ ମିଶିବା କାରଣରୁ ମନର ସରସତା ମଉଳି ଯାଇପାରେ ।

ଆଜି ନଭେମ୍ବର ୧୩ ତାରିଖ, ମାର୍ଗଶିର କୃଷ୍ଣପକ୍ଷର କାଞ୍ଜିଅଁଳା ନବମୀ ଗୁରୁବାର, ମାଣବସା ଗୁରୁବାର ଦ୍ୱିତୀୟ ପାଳି । ରାଶିନକ୍ଷତ୍ର-ମଘା/ସିଂହ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୫।୫୭ ଗତେ ଘ.୦୭।୨୬ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୨।୫୪ ଗତେ ଘ.୦୨।୧୭ ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅମିନ, ଜାମିନି, ମଧ୍ୟସ୍ଥି,
ମନା କରିଛନ୍ତି ଅଗସ୍ତି ।**

ଅମିନମାନେ ଜମି ମାପକରି ମାଲିକାନା ସାବ୍ୟସ୍ତ କରିଥାନ୍ତି । ଯେତେ ଠିକ ମାପ କଲେ ବି ଦୁଇପକ୍ଷ ସନ୍ତୁଷ୍ଟ ହୋଇପାରି ଥାନ୍ତି । ଜାମିନିମାନେ ବ୍ୟକ୍ତିଗତ ମୁଚାଲିକା ଦେଇ ଥାନା ବା କୋର୍ଟରୁ ଲୋକକୁ ଆଣିଥାନ୍ତି । ସେହି ଲୋକ କୋର୍ଟରେ କି ଥାନାରେ ହାଜର ନ ହେଲେ ଜାମିନଦାର ଦାୟୀ ରହେ । ହାଜର ହୋଇ କୈଫିୟତ ଦେବାକୁ ପଡ଼େ । ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣ ହରକତ ହୁଏ । ସେହିପରି ବର ଓ କନ୍ୟା ପକ୍ଷକୁ ମଙ୍ଗେଇ ମଧ୍ୟସ୍ଥ ବାହାଘର ସ୍ଥିର କରେ । ଦେବା ନେବାରେ ଅସୁବିଧା ହେଲେ ଦୁଇପକ୍ଷ ତାକୁ ଗାଳି ଦିଅନ୍ତି । ଏ ତିନୋଟି ଯାକ କାମ ଅପ୍ରୀତିକର ହୋଇଥିବା ସ୍ଥଳେ ଏପରି କାମ ନ କରିବା ପାଇଁ ମନା କରାଯାଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଅନ୍ନ କରେ ବରନ
ବସ୍ତ୍ର କରେ ହୀନ।**

ଅନ୍ନ ଦେହକୁ ପୁଷ୍ଟ କରେ । ବିନା ଖାଦ୍ୟପେୟରେ ବଞ୍ଚିବା କଷ୍ଟକର । ସେହିପରି ଶରୀର ପାଇଁ ବସ୍ତ୍ରର ଆବଶ୍ୟକତା ରହିଥାଏ । ବସ୍ତ୍ରର ଅଭାବରେ ମର୍ଯ୍ୟାଦାହାନି ଘଟେ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

ପ୍ରଥମ ପୃଷ୍ଠାରୁ...

## ୯ରେ ବାରବାଟୀରେ ...

ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ପରାମର୍ଶ ଦେଇଛନ୍ତି । ଲୋକସେବା ଭବନଠାରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଟି-୨୦ ମ୍ୟାଚ୍ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତାକରି ମୁଖ୍ୟମନ୍ତ୍ରୀ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଛନ୍ତି, କ୍ରିକେଟ ଆମ ଦେଶର ଏକ ଅତି ଲୋକପ୍ରିୟ ଖେଳ । ତେଣୁ ଏହି ମ୍ୟାଚ୍ ପ୍ରତି ସମଗ୍ର ଦେଶ ଓ ବିଶ୍ୱର ନଜର ରହିବ । ସେଥିଲାଗି ଏହା ଯେପରି ତ୍ରୁଟିଶୂନ୍ୟ ଭାବେ ପରିଚାଳନା ହେବ ଏବଂ ଓଡ଼ିଶାର ମର୍ଯ୍ୟାଦା ସୁରକ୍ଷିତ ହେବ ସେଥିପାଇଁ ସମସ୍ତେ ସଚେତନ ରହିବା ଆବଶ୍ୟକ । ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ମ୍ୟାଚ୍ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଟିକେଟ ବିକ୍ରି, ଦର୍ଶକମାନଙ୍କ ପାଇଁ ସୁବ୍ୟବସ୍ଥା, ନିରନ୍ତର ଲାଇଟିଂ ବ୍ୟବସ୍ଥା, ଷ୍ଟାଡିୟମ ଭିତ୍ତିଭୂମି ଓ ଅଗ୍ନି ନିର୍ବାପନ ବ୍ୟବସ୍ଥା, ପାର୍କିଂ ଏବଂ ଟ୍ରାଫିକ୍ ପରିଚାଳନା ଆଦି ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି । ଦିଲ୍ଲୀରେ ହୋଇଥିବା ବିସ୍ଫୋରଣ ପରିପ୍ରେକ୍ଷୀରେ ଏହି ଅନ୍ତର୍ଜାତୀୟ କ୍ରୀଡ଼ା ସମୟରେ ପୋଲିସ ପ୍ରଶାସନ ପକ୍ଷରୁ ଲୋକଙ୍କ ସୁରକ୍ଷା ପ୍ରତି ଏକ ଫୁଲ୍-ପ୍ରୁଫ୍ ବ୍ୟବସ୍ଥା କରାଯିବା ଆବଶ୍ୟକ । ଏଥିପାଇଁ ପୋଲିସ ଅଧିକ ସତର୍କ ରହିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଅସୁସ୍ଥ ବ୍ୟକ୍ତି କିମ୍ବା ଅନ୍ୟାନ୍ୟ ଅସୁବିଧା ସ୍ଥଳରେ ଲୋକମାନଙ୍କୁ ନେବା ଆଣିବା ପାଇଁ ଏକ ସୁବ୍ୟବସ୍ଥିତ ଗ୍ରୀନ୍ କରିଡର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହାସହ ଭିଡ଼ ନିୟନ୍ତ୍ରଣ, ଟିକେଟ ବିକ୍ରି, ଜରୁରୀ ଚିକିତ୍ସା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟ ଉପଯୁକ୍ତ ଭାବେ ତଦାରଖକରି ନିର୍ଭୁଲ୍ ଭାବେ ପରିଚାଳନା କରିବାକୁ ସେ ପରାମର୍ଶ ଦେଇଛନ୍ତି ।ସୂଚନା ଅନୁଯାୟୀ, ପ୍ରତ୍ୟେକ ଷ୍ଟାଣ୍ଡର କ୍ଷମତା ଅନୁଯାୟୀ ସେଠାରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଦର୍ଶକଙ୍କୁ ବସିବା ପାଇଁ ବ୍ୟବସ୍ଥା କରାଯିବ । ମ୍ୟାଚ୍ ସମୟରେ ନିରନ୍ତର ଲାଇଟିଂ ବ୍ୟବସ୍ଥା ପାଇଁ ଅଧିକ ଜେନ୍‌ସେଟ୍ ଅଣାଯାଇଥିବା ବେଳେ ଏହାର ମନିଟରିଂ ପାଇଁ ନୂଆ ସଫ୍ଟୱେର ମଧ୍ୟ ଇନ୍‌ଷ୍ଟଲ କରାଯାଇଛି । ଗୋଟିଏ ଜେନ୍‌ସେଟ୍ ଫେଲ୍ ହେଲେ ତୁରନ୍ତ ଅନ୍ୟ ଗୋଟିଏ ଚାଲୁହେବ ଏବଂ ଲାଇଟିଂ ବ୍ୟବସ୍ଥା ନିରନ୍ତର ଭାବେ ଜାରି ରହିବ ବୋଲି ବୈଠକରେ କୁହାଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ର କାଶ ମିଶ୍ର, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନୁଗୋଳ ବିଧାୟକ ତଥା ଓସିଏ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ପଙ୍କଜ ଲୋଚନ ମହାନ୍ତି, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ଶାସନ ସଚିବ, କଟକ-ଭୁବନେଶ୍ୱର ପୋଲିସ କମିଶନର, କଟକ ଜିଲାପାଳ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ ।



ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

## ଶିଶୁଙ୍କୁ ମାର୍ଗଦର୍ଶନ ...

ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି । ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ପିଏମ୍-ଶ୍ରୀ ଯୋଜନା ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉଛି । ରାଜ୍ୟର ୪୫ ହଜାର ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରାଯାଇଛି । ଚଳିତ ବଜେଟରେ ସରକାର ରେକର୍ଡ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରିଛନ୍ତି । ଚଳିତ ବଜେଟର ୧୪.୨ ପ୍ରତିଶତ ଓ ରାଜ୍ୟ ଜିଡିପିର ୩.୯ ପ୍ରତିଶତ ଅର୍ଥ କେବଳ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ହେଉଛି । 'ସୁରଭି' କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରତିବର୍ଷ ବିଦ୍ୟାର୍ଥୀଙ୍କ ପ୍ରତିଭା ଲୋକଲୋଚନକୁ ଆଣିବାକୁ ପ୍ରୟାସ ଜାରି ରଖିଛି । ସୁରଭି ହେଉଛି ପ୍ରତ୍ୟେକ ଶିଶୁଙ୍କ ସ୍ୱପ୍ନ, ସୃଜନଶୀଳତା, ଚିନ୍ତାଧାରା ଓ ପ୍ରତିଭା ବିକାଶର ମଞ୍ଚ । ବିଦ୍ୟାର୍ଥୀଙ୍କ ଭିତରେ ଲୁଚି ରହିଥିବା ଅସଂଖ୍ୟ ସମ୍ଭାବନା, ଗୁଣାବଳୀ ଏବଂ ଦକ୍ଷତାକୁ ଚିହ୍ନଟ କରନ୍ତୁ । ପିଲାମାନେ ବଡ଼ ସ୍ୱପ୍ନ ଦେଖିବା ପାଇଁ କେବେ ମଧ୍ୟ ଦ୍ୱିଧା ପ୍ରକାଶ କରନ୍ତୁ ନାହିଁ । କଠିନ ପରିଶ୍ରମ ଏବଂ ନିଷ୍ଠା ବଳରେ ସେମାନେ ପ୍ରତ୍ୟେକ ଲକ୍ଷ୍ୟକୁ ହାସଲ କରିପାରିବେ । ଦେଶ ନିର୍ମାଣରେ ବିଦ୍ୟାର୍ଥୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ଶିକ୍ଷା ବ୍ୟବସ୍ଥାରେ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ, ଉଚ୍ଚଶିକ୍ଷା ଭଳି ବିଭିନ୍ନ ସ୍ତର ରହିଛି ଏବଂ ଏହି ସମସ୍ତେ ପରସ୍ପରର ପରିପୂରକ । ତେଣୁ ସବୁ ସ୍ତରର ବିକାଶ ହୋଇପାରିଲେ ହିଁ ଆମ ରାଜ୍ୟର ଶିକ୍ଷା କ୍ଷେତ୍ରରେ ବିକାଶ ସମ୍ଭବ ହୋଇପାରିବ । ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ଲୋକଲୋଚନକୁ ଆସିଲେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇପାରିବ । ସୃଜନଶୀଳତା ଓ ବୌଦ୍ଧିକ ଗୁଣର ପରିପ୍ରକାଶ କ୍ଷେତ୍ରରେ ସୁରଭି ଭଳି ଶିଶୁ ମହୋତ୍ସବ ନିଶ୍ଚିତ ଭାବେ ସହାୟକ ହୋଇପାରିଛି ବୋଲି ସେ କହିଛନ୍ତି । ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଯୋଗଦେଇ ପ୍ରତିଭା ପ୍ରଦର୍ଶନ ପାଇଁ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କଫି ଟେବୁଲ ବୁକ୍ 'ଆସ ସ୍କୁଲ ଯିବା' ଓ 'ପଞ୍ଚସଖା ଶିକ୍ଷା ସେତୁ' ଉନ୍ମୋଚନ କରିଥିଲେ । ପରେ ଯୁକ୍ତ୨ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । କଳାରେ ଦେବେନ୍ଦ୍ର ଖମାରିଆ, ବିଜ୍ଞାନରେ ସୁଶିଲ କୁମାର ନାୟକ, ବାଣିଜ୍ୟରେ ସ୍ୱର୍ଣ୍ଣରେଖା ମନ୍ତ୍ରୀ ଏବଂ ଧନ୍ଦାମୂଳକ ଶିକ୍ଷାରେ ସୁପ୍ରିୟା ସୂତାରଙ୍କୁ ମୁଖ୍ୟମନ୍ତ୍ରୀ ୨୦ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତା ଓ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର ଏବଂ ମୁଖ୍ୟମନ୍ତ୍ରୀ ଭାଷା ବୃତ୍ତି ପାଇଁ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ । ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନୀ ବୁଲି ଦେଖିଥିଲେ ।

ମହୋତ୍ସବରେ ୨୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଛନ୍ତି । ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନୀୟ ପରିଭ୍ରମଣ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତ୍କାର, ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ, ମଡେଲ ୟୁନାଇଟେଡ ନେଶନ ପାଭିଲିୟନ, କର୍ମଶାଳା ଓ ବିଭିନ୍ନ ପ୍ରଦର୍ଶନୀ ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇଛି ।




# ଜନଜାତିଙ୍କ କଥାକୁ ପ୍ରାଥମିକତା ଭିତ୍ତିରେ ଶୁଣ: କେନ୍ଦ୍ର

ଭୁବନେଶ୍ୱର,୧୨।୧୧ (ରବିନାରାୟଣ ଜେନା)

ଜନଜାତିଙ୍କ କଥାକୁ ପ୍ରାଥମିକତା ଭିତ୍ତିରେ ଶୁଣିବା ଲାଗି ଜନଜାତି ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ଏ ସଂକ୍ରାନ୍ତରେ ମନ୍ତ୍ରଣାଳୟ ପକ୍ଷରୁ ସଚିବ ବିଭୁ ନାୟାର ମୁଖ୍ୟ ସଚିବଙ୍କୁ ଅକ୍ଟୋବର ୨୨ରେ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ଜଙ୍ଗଲ ସମ୍ବଳ ଉପରେ ଜନଜାତିଙ୍କ ଅଧିକାର ରହିଛି। ସେମାନେ ଯେପରି ଏହି ସୁବିଧାରୁ ବଞ୍ଚିତ ନ ହେବେ, ତାହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବା ଲାଗି ନାୟାର ଦର୍ଶାଇଛନ୍ତି।

ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ(ଡିଏ-ଜେଜିୟୁଏ) ଅଧୀନରେ ଥିବା କାର୍ଯ୍ୟକ୍ରମକୁ ଆଦିବାସୀଙ୍କ ପାଖରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ଜନଜାତି ବିଭାଗ ଏବଂ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ପଡ଼ିବ। ରେକଗ୍‌ନାଇଜ୍ ଅଫ୍ ଫରେଷ୍ଟ ରାଇଟ୍ ଆକ୍ଟ(ଏଫ୍‌ଆର୍‌ଏ)କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇପାରିଲେ ସେମାନେ ଉପକୃତ ହୋଇପାରିବେ। ଏ ସଂକ୍ରାନ୍ତରେ ତାମିଲନାଡୁ ଓ ମଧ୍ୟପ୍ରଦେଶ ସରକାର ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିଛନ୍ତି। ଏହାକୁ ନେଇ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏକ ଏସ୍‌ଓପି ଜାରି ହୋଇଛି, ଯେଉଁଥିରେ କି ଡିଜିଟାଲି ଭାବେ ଜଙ୍ଗଲ ଓ ଗ୍ରାମର ସୀମା ସ୍ପଷ୍ଟ ହେଉଛି।

ସେ ଆହୁରି ଦର୍ଶାଇଛନ୍ତି, ବର୍ଷକ ମଧ୍ୟରେ ଜନଜାତି ବର୍ଗଙ୍କ କେତେ ଅଭିଯୋଗ ଜିଲା ପ୍ରଶାସନର ହସ୍ତଗତ ହୋଇଛି ଏବଂ ତାହାର କେତେ ସମାଧାନ ହୋଇଛି ଓ କେତେ ପଡ଼ିରହିଛି ତାହାର ଏକ ବିସ୍ତୃତ ଡାଟାବେସ୍ ପ୍ରସ୍ତୁତକର। ଯଦି ଜିଲା ପ୍ରଶାସନ ପକ୍ଷରୁ କୌଣସି ଅଭିଯୋଗକୁ ନାକଚ କରାଯାଉଛି ତେବେ ତାହାର କାରଣ ସହିତ ଏକ ସ୍ପିକିଂ ଅର୍ଡର ଜାରି କରିବାକୁ ନାୟାର ଦର୍ଶାଇଛନ୍ତି। ତେବେ କେତେକ କ୍ଷେତ୍ରରେ ଦେଖାଯାଇଛି ଯେ, ବିଭିନ୍ନ ପ୍ରକାର କାରଣ(ବୈଷୟିକ) ଦର୍ଶାଇ ଆଦିବାସୀଙ୍କ ଅଭିଯୋଗକୁ ଖାରଜ କରିଦିଆଯାଉଛି। ଯେପରିକି ଉପଗ୍ରହ ଚିତ୍ର ମ୍ୟାପିଙ୍ଗ୍ କରାଯାଉ ନ ଥିବା କିମ୍ବା ସବ୍-ଡିଭିଜନାଲସ୍ତର କମିଟି ପକ୍ଷରୁ ବନଭୂମିର ଅଧିକାର ପ୍ରମାଣ କରିବାରେ ଅସୁବିଧା। ଏହି ପରିପ୍ରେକ୍ଷୀରେ ଧ୍ୟାନ ଦେବା ଉଚିତ୍ ଯେ, ଏଫ୍‌ଆର୍‌ଏ ନିୟମ-୧୨ଏ ଅନୁସାରେ, ଉପଗ୍ରହ ଚିତ୍ର ଏବଂ ଅନ୍ୟ ବୈଷୟିକ ତଥ୍ୟଗୁଡ଼ିକ ବିଚାରକୁ ନିଆଯିବା ଉଚିତ, ହେଲେ ମୂଳ ତଥ୍ୟର ପରିବର୍ତ୍ତନ କରାଯାଇପାରିବ ନାହିଁ। ସେହିପରି ଲଘୁ ବନଜାତ ଆଇନ/ନିୟମଗୁଡ଼ିକ ମଧ୍ୟ ଠିକଣା ଭାବେ ପାଳନ ହେବାର ଆବଶ୍ୟକତା ରହିଛି। ବାଉଁଶ, ଜାଳକାଠ, ମହୁଲ, ଲାଖ, କେନ୍ଦୁପତ୍ର, ଔଷଧୀୟ ଉଦ୍ଭିଦ, ମୂଳ ଇତ୍ୟାଦି। ରାଜ୍ୟ ନୀତି ଓ ନିୟମଗୁଡ଼ିକ ସହ ସମନ୍ୱୟରେ ରହିବା ଆବଶ୍ୟକ ବୋଲି ସେ ଦର୍ଶାଇଛନ୍ତି।

ସେ ପୁଣି କହିଛନ୍ତି,ଧାରା ୨(ସି) ଏବଂ ନିୟମ ୨(୧)(ଡି) ଅନୁସାରେ, ବନ ଅଧିକାରୀ କିମ୍ବା ସେମାନଙ୍କ ସଂଘ/ମହାସଂଘ ଯେକୌଣସି ଲଘୁ ବନଜାତ ବିକ୍ରି କରିପାରିବେ କିମ୍ବା ସ୍ୱୟଂ କିମ୍ବା ଏକାଠି ପ୍ରକ୍ରିୟାକରଣ କରିପାରିବେ। ସେମାନଙ୍କ ଜୀବନଜୀବିକା ନିମନ୍ତେ ଜଙ୍ଗଲ ଭିତରେ ଓ ବାହାରେ ଲୋକାଲ ଯାନବାହନ ବ୍ୟବହାର କରିପାରିବେ। ପାସ୍ ପ୍ରଦାନ ସମ୍ପର୍କିତ ନିୟମଗୁଡ଼ିକୁ ମଧ୍ୟ ସଂଶୋଧନ କରିବା ଆବଶ୍ୟକ, ଯାହାଦ୍ୱାରା ଗ୍ରାମ ସଭା ନିର୍ଦ୍ଧାରିତ କମିଟି କିମ୍ବା ବନ ଅଧିକାରୀ ସ୍ୱୟଂ ଟ୍ରାଞ୍ଜିଟ୍ ପରମିଟ୍ ଜାରି କରିପାରିବେ ବୋଲି ନାୟାର ଦର୍ଶାଇଛନ୍ତି।

# ଶୀତ ଲହରି, ୮.୫ ଡିଗ୍ରୀରେ ଦାରିଙ୍ଗବାଡ଼ି

ଭୁବନେଶ୍ୱର, ୧୨।୧୧(ବନ୍ଦନା ସେଠୀ)

ସାରା ରାଜ୍ୟରେ ଶୀତ ଲହର ଜାରି ରହିଥିବାବେଳେ କିଛି ସ୍ଥାନରେ ଘନ କୁହୁଡ଼ି ଦେଖିବାକୁ ମିଳୁଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୧୪ ସହରର ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଆସିଥିବାବେଳେ ଦାରିଙ୍ଗବାଡ଼ିଠାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଆଗାମୀ ୪ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା(ରାତିର ତାପମାତ୍ରା)ରେ କୌଣସି ବଡ଼ ପରିବର୍ତ୍ତନ ନାହିଁ। ଏହାପରେ ରାଜ୍ୟର ବିଭିନ୍ନ ଜିଲାରେ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।

ବୁଧବାର ରାଜ୍ୟର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରାୟ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇଛି। ସେହିପରି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୫ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଖସିଛି। ଉପକୂଳ ଓଡ଼ିଶାର ଅନେକ ସ୍ଥାନ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୩ ରୁ ୪ ଡିଗ୍ରୀ, ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୨ରୁ ୩ ଡିଗ୍ରୀ କମ୍ ରହିଛି। ଫୁଲବାଣୀରେ ତାପମାତ୍ରା ୧୦ ଡିଗ୍ରୀକୁ ଖସିଆସିଥିବାବେଳେ ରାଉରକେଲା ୧୦.୫, ଝାରସୁଗୁଡ଼ା ୧୦.୬, କେନ୍ଦୁଝରର ୧୨.୪, ସୁନ୍ଦରଗଡ଼ ଏବଂ ଅନୁଗୋଳ ୧୨.୬, କୋରାପୁଟ ୧୩.୨, ବଲାଙ୍ଗୀର ୧୩.୩, ଭବାନୀପାଟଣା ଓ ଢେଙ୍କାନାଳ ୧୩.୫, ସୋନପୁର ୧୪.୧, ସମ୍ବଲପୁର ୧୪.୨, ଯାଜପୁର ୧୪.୬ ଏବଂ ହୀରାକୁଦରେ ୧୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ରାଜ୍ୟର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିଠାରେ ୩୨ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଆଗାମୀ ୨୪ ଘଣ୍ଟାରେ ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୦ ଡିଗ୍ରୀ ରହିବା ସହ ସର୍ବନିମ୍ନ ତାପମାତ୍ରା ୧୫ ପାଖାପାଖି ରହିବା ନେଇ ଆକଳନ କରାଯାଇଛି।

# ଅଧିକାରୀଙ୍କ ପାଇଁ ଅବଧି ବଢ଼ିଲା ୩ ମାସ

**କାର୍ଯ୍ୟ ବିବରଣୀ ତଥ୍ୟ ପ୍ରଦାନ ପ୍ରସଙ୍ଗ**

ଭୁବନେଶ୍ୱର,୧୨।୧୧(ରବିନାରାୟଣ ଜେନା)

ରାଜ୍ୟ ସରକାରରେ କାର୍ଯ୍ୟରତ ବିଭିନ୍ନ ଅଧିକାରୀମାନେ କି-ପ୍ରକାର କାର୍ଯ୍ୟ ସମ୍ପାଦନା କରୁଛନ୍ତି ତା'ର ବିବରଣୀ ପ୍ରଦାନ ଲାଗି ସରକାର ଅଧିକ ସମୟ ନେଇଛନ୍ତି। ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେନ୍ଦ୍ର କୁମାର ମଙ୍ଗଳବାର ସମସ୍ତ ବିଭାଗର ସଚିବ, ମୁଖ୍ୟଦପ୍ତର ମୁଖ୍ୟ, ଆରଡିସି, ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍), ଭାରତୀୟ ପୋଲିସ ସେବା(ଆଇପିଏସ୍),ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍), ଓଡ଼ିଶା ଅର୍ଥ ସେବା(ଓଏଫ୍‌ଏସ୍),ଓଡ଼ିଶା ପୋଲିସ ସେବା(ଓପିଏସ୍), ଓଡ଼ିଶା ଶିକ୍ଷା ସେବା(ଓଇଏସ୍) ଏବଂ ଓଡ଼ିଶା ଯାନ୍ତ୍ରିକ ସେବା(ଓଇଏସ୍)ବର୍ଗଙ୍କ କାର୍ଯ୍ୟ ବିବରଣୀ ତଥ୍ୟ ଲୋଡ଼ିଥିଲେ। ଏଥିପାଇଁ ସେପ୍ଟେମ୍ବର ୧୧ରେ ପତ୍ର ଲେଖାଯାଇ ୨ମାସ ମଧ୍ୟରେ ମାନବସମ୍ବଳ ପରିଚାଳନା ପଦ୍ଧତି(ଏଚ୍‌ଆର୍‌ଏମ୍‌ଏସ୍)ରେ ଉପଲବ୍ଧ କରାଇବାକୁ କୁହାଯାଇଥିଲା। ହେଲେ ବହୁ ଅଧିକାରୀ କାର୍ଯ୍ୟଚାପ ଯୋଗୁଁ ଏହି ତଥ୍ୟ ଦେଇ ପାରିନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଆଉ ୩ମାସ ପାଇଁ ସମୟ ବଢ଼ାଇଛନ୍ତି।

# ୧୮ରେ ଜିଲାପାଳ ସମ୍ମିଳନୀ

**୧୯ରେ ଉଭୟ ଜିଲାପାଳ, ଏସ୍‌ପିଙ୍କ ସମ୍ମିଳନୀ**

ଭୁବନେଶ୍ୱର,୧୨।୧୧(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୧୮ ତାରିଖରେ ଜିଲାପାଳମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ। ଲୋକସେବା ଭବନର ରାଜ୍ୟ କନ୍‌ଭେନସନ ସେଣ୍ଟରଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ସବୁ ଜିଲାପାଳଙ୍କୁ ଯୋଗଦେବା ଲାଗି କୁହାଯାଇଛି। ସମ୍ମିଳନୀର ସବିଶେଷ କାର୍ଯ୍ୟସୂଚୀ ଏଯାଏ ପ୍ରସ୍ତୁତ ହୋଇ ନ ଥିବାବେଳେ ପରବର୍ତ୍ତୀ ସମୟରେ ଏହା ପ୍ରଦାନ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ଶାସନ ସଚିବ ଦେବାଶିଷ ସିଂ ଏନେଇ ସମସ୍ତ ରାଜସ୍ୱ ଡିଭିଜନାଲ କମିଶନର(ଆର୍‌ଡିସି) ଏବଂ ଜିଲାପାଳଙ୍କୁ ଚିଠି ଜାରି କରିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ୧୯ ତାରିଖରେ ଉଭୟ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ମାନଙ୍କ ସମ୍ମିଳନୀ ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଏହି ଜିଲାପାଳ ସମ୍ମିଳନୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦ୍‌ଘାଟନ ହେବାକୁ ଥିବାବେଳେ ଏଥିରେ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ମଧ୍ୟ ଯୋଗଦେବେ।




ଭୁବନେଶ୍ୱର ପୋଖରୀପୁଟସ୍ଥିତ କଳାଭୂମିଠାରେ ବୁଧବାର ଆୟୋଜିତ ୧୦ମ ଚଳଚ୍ଚିତ୍ର ସଂରକ୍ଷଣ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲିଉଡ୍‌ର ବର୍ଷିଆନ୍ ଅଭିନେତ୍ରୀ ୱାହିଦା ରେହେମାନ୍‌ଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ପ୍ରତ୍ୟେକ ଲୋକର ନିଜ ବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? -ଶ୍ରୀମା

-କାଞ୍ଜିଅଁଳା ନବମୀ,
ମାଣବସା ଗୁରୁବାର



# ଭୀମବେଟ୍‌କାର ଖୋଦେଇ କଳା




ଦେବଦତ୍ତ ପଟ୍ଟନାୟକ

ଅନେକେ ଯୁକ୍ତି କରନ୍ତି, ଘୋଡ଼ାର ଜନ୍ମ ଭାରତରେ ଏବଂ ଏଠାରେ ପ୍ରାକ୍ ଐତିହାସିକ ସମୟରେ ଏହାକୁ ପାଳନ କରାଯାଉଥିଲା। ସେମାନେ ଆଉ ମଧ୍ୟ ଯୁକ୍ତି ଉପସ୍ଥାପନ କରନ୍ତି ଭୀମବେଟ୍‌କାରେ ଥିବା ଘୋଡ଼ାର ପେଣ୍ଟିଂ ବା ଚିତ୍ରକଳା ପ୍ରମାଣ କରେ ଯେ, ହରପ୍ପା ସଭ୍ୟତା (ଖ୍ରୀଷ୍ଟପୂର୍ବ ୨୫୦୦-୨୦୦୦) ପୂର୍ବରୁ ଭାରତରେ ଘୋଡ଼ା ଥିଲେ। ଏହା କୁହାଯାଉଥିଲେ ବି ସତ୍ୟ ନୁହେଁ। ଭାରତୀୟ ଉପମହାଦେଶରେ ଥିବା ଇକ୍ୱସ୍ ନାମାଡିକସ୍ ପ୍ରଜାତିର ଏକ ପ୍ରକାର ଆକର୍ଷକ ଘୋଡ଼ା ପାଖାପାଖି ୧୧,୭୦୦ ବର୍ଷ ପୂର୍ବେ (ହୋଲୋସିନ ଯୁଗ)ରେ ବିଲୁପ୍ତ ହୋଇଯାଇଥିଲେ। କିନ୍ତୁ ଏହାକୁ କୌଣସି କଳାକୃତିରେ ଚିତ୍ରଣ କରାଯାଇନାହିଁ। କେବଳ ନର୍ମଦା ଉପତ୍ୟକାରେ ଏହାର ଜୀବାଶ୍ମ ମିଳିଛି।

ଭୋପାଳ ନିକଟବର୍ତ୍ତୀ ବିନ୍ଧ୍ୟ ପର୍ବତମାଳାରେ ଭୀମବେଟ୍‌କା ରହିଛି। ଏହା ଏକ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ, ଯାହା ମାନବ ଭାବନାର କେତେକ ପୁରାତନ ଅସ୍ତିତ୍ୱକୁ ସୂଚିତକରେ। ଭୀମବେଟ୍‌କା ୭ଟି ପାହାଡ଼ରେ ପରିବ୍ୟାପ୍ତ, ଯେଉଁଠି ୭୦୦ରୁ ଊର୍ଦ୍ଧ୍ୱ ଶିଳ ଆଶ୍ରୟସ୍ଥଳୀ ବା ଗୁମ୍ଫା ରହିଛି। ଏହିସବୁ ଗୁମ୍ଫା କେବଳ ପ୍ରାଗ୍ ଐତିହାସିକ ସମୟର ନୁହେଁ, ବରଂ ଏଠାରେ ପ୍ରାଚୀନ ମାନବଙ୍କ ପଥର ଖୋଦେଇ କଳାକୃତି ଓ ଚିତ୍ରକଳା ଶୋଭାପାଉଛି। ୧୯୫୭ରେ ଭୀମବେଟ୍‌କାର ପ୍ରାଗ୍ ଐତିହାସିକ ମହତ୍ତ୍ୱକୁ ପ୍ରଥମ ଥର ପାଇଁ ପ୍ରତ୍ନତତ୍ତ୍ୱବିତ ଭି.ଏସ୍.ୱାକନ୍‌କର ସାମ୍ନାକୁ ଆଣିଥିଲେ। ସେବେଠାରୁ ମାନବୀୟ କ୍ରମବିକାଶର ଏବଂ ଦକ୍ଷିଣ ଏସିଆରେ ସାଂସ୍କୃତିକ ଇତିହାସର ଏହା ଆମ ବୈଚାରିକ କେନ୍ଦ୍ରବିନ୍ଦୁ ପାଲଟିଯାଇଛି।

ଭୀମବେଟ୍‌କାରେ ଖୋଦେଇ ହୋଇଥିବା କପ୍ ଆକୃତିର ଏବଂ ସିଧା ଟଣାଯାଇଥିବା ଗହୀରିଆ ରେଖାଗୁଡ଼ିକ ବାସ୍ତବରେ ଏହାର ଗୁରୁତ୍ୱ ପ୍ରତିପାଦନକରେ। ଏହିସବୁ କୃତି ପ୍ରାୟ ୭,୦୦,୦୦୦ ବର୍ଷ ତଳର, ସମ୍ଭବତଃ ପୃଥିବୀରେ ହୋମୋ ସାପିଆନ ବା ଆଧୁନିକ ମାନବଙ୍କ ସମୟ ପୂର୍ବର ବୋଲି ବିଶେଷଜ୍ଞ ରବର୍ଟ ବେଡ୍‌ନାରିକ୍ କହିଛନ୍ତି । ପ୍ରସିଦ୍ଧ ଅଡିଟୋରିୟମ ଗୁମ୍ଫାରେ ଶୋଭା ପାଉଥିବା ଚର୍ଚ୍ଚ ଭଳି ଖୋଦେଇ କଳାକୃତି ପୁରାତନ ମାନବଙ୍କ ଦ୍ୱାରା କରାଯାଇଥିଲା ବୋଲି କୁହାଯାଉଛି। ଯଦି ଏହା ସତ, ତେବେ କୁହାଯାଇପାରେ ଯେ ମଧ୍ୟପ୍ରଦେଶର ଡରୁକି ଛତାନ ସହ ଭୀମବେଟ୍‌କା ହେଉଛି ବିଶ୍ୱର ସର୍ବପୁରାତନ ଶିଳାକୃତି। ଭୀମବେଟ୍‌କାରେ ଥିବା ନର୍ତ୍ତକୀ, ଶିକାର ଓ ଅଶ୍ୱାରୋହୀଙ୍କ କାନ୍ଥଚିତ୍ର ଅତ୍ୟନ୍ତ ଲୋକପ୍ରିୟ। ଏହା ୩୦,୦୦୦ ବର୍ଷ ପୂର୍ବର ବୋଲି ଅନେକେ ଦାବି କରନ୍ତି। କିନ୍ତୁ ଐତିହାସିକମାନେ କହନ୍ତି, ଏହା ସତ୍ୟ ନୁହେଁ, ବରଂ ଏହାକୁ ଅତିରଞ୍ଜିତ କରାଯାଉଛି।



ପଥର ଖୋଦେଇ କଳାକୃତି ଭଳି ଚିତ୍ରକଳାଗୁଡ଼ିକର ସମୟକୁ ନେଇ କୌଣସ ବିଶ୍ୱସନୀୟ ବୈଜ୍ଞାନିକ ପ୍ରମାଣ ନାହିଁ। ପୁରାତନ ସମୟରୁ ଲୋକେ ଯେଉଁସବୁ ଶିଳାଚିତ୍ର ଆଙ୍କିଛନ୍ତି ତାହାର ସମୟ ନିର୍ଦ୍ଧାରଣ କରିବା କଷ୍ଟକର। ହେଲେ ଅଧିକ ସଂଖ୍ୟକ ବିଶେଷଜ୍ଞ ଏକମତ ଯେ, ଅଧିକାଂଶ ପେଣ୍ଟିଂ ପ୍ରାଚୀନ ପ୍ରସ୍ତରଯୁଗ ଏବଂ ହୋଲୋସିନ ବା ଆଧୁନିକ ଭୂବୈଜ୍ଞାନିକ ଯୁଗର(ପାଖାପାଖି ୧୦,୦୦୦ ବର୍ଷପୂର୍ବର)। ଏହା ପ୍ରସ୍ତରଯୁଗ ଏବଂ ପରେ ତାମ୍ରଯୁଗର କଳାକୃତି ବୋଲି ସ୍ପଷ୍ଟ ପ୍ରମାଣ ମିଳେ, ଯେଉଁ ସମୟରେ କୃଷି ଓ ପଶୁପାଳନ ଆରମ୍ଭ ହୋଇଥିଲା।

ଭୀମବେଟ୍‌କାରେ ଅଶ୍ୱାରୋହୀ କିମ୍ବା ଗଜାରୋହୀ ଖୋଦେଇ ଦୃଶ୍ୟ ଦେଖିବାକୁ ମିଳେ। ଏଣୁ ଭାରତରେ ଏହିସବୁ ପ୍ରାଣୀ ଥିବା ସମୟ ପୂର୍ବର ଏହି ଦୃଶ୍ୟଗୁଡ଼ିକ କେବେ ବି ହୋଇ ନ ପାରେ। ଡିଏନ୍‌ଏ ସମ୍ପର୍କିତ ଏବକାର ଗବେଷଣାଗୁଡ଼ିକରୁ ଜଣାପଡ଼ିଛି, ପୂର୍ବ ୟୁରୋପ ଓ କେନ୍ଦ୍ର ଏସିଆର ତୃଣଭୂମି ଅଞ୍ଚଳରେ ପାଖାପାଖି ଖ୍ରୀଷ୍ଟପୂର୍ବ ୨୨୦୦ରେ ଘୋଡ଼ା ପାଳନ କରାଯାଉଥିଲା। କେବଳ ଖ୍ରୀଷ୍ଟପୂର୍ବ ୧୦୦୦ ପାଖାପାଖିରେ ମେଗାଲିଥିକ ସମୟ( ଯେଉଁ ସମୟରେ ବିଶାଳ ଶିଳା କଳାକୃତି କରାଯାଉଥିଲା)ରେ ଭାରତରେ ଘୋଡ଼ା ରହୁଥିବା ପ୍ରମାଣ ମିଳେ। ବୈଦିକ ଯୁଗର ଲୋକଙ୍କ ସହ ଘୋଡ଼ା ଭାରତକୁ ଆସିଥିଲେ। ଖ୍ରୀଷ୍ଟପୂର୍ବ ୧୫୦୦ ସମୟର ବେଦ (ଋଗ୍‌ବେଦ)ରେ ଘୋଡ଼ା ସମ୍ପର୍କିତ ବିଶ୍ୱର ସର୍ବପ୍ରଥମ କାବ୍ୟ ବା ସ୍ତୋତ୍ର ରହିଛି। ଖ୍ରୀଷ୍ଟପୂର୍ବ ୧୫୦୦ ପୂର୍ବରୁ କୌଣସି ସଭ୍ୟତାରେ କୌଣସି ଘୋଡ଼ା ନ ଥିଲେ। ଏହି ସମୟରେ ଘୋଡ଼ା ଇଜିପ୍ଟ, ଗ୍ରୀସ୍ ଓ ଚାଇନାରେ ଦେଖାଯାଉଥିଲା। ଭାରତୀୟ ଉପମହାଦେଶରେ ଘୋଡ଼ା ଥିବାର ସର୍ବପୁରାତନ ନିର୍ବିବାଦୀୟ ପ୍ରମାଣ ପ୍ରାଚୀନ ସ୍ୱାତ ସଂସ୍କୃତି (ପାଖାପାଖି ଖ୍ରୀଷ୍ଟପୂର୍ବ ୧୬୦୦)ର, ଯାହା ହରପ୍ପା ସହରଗୁଡ଼ିକର ପତନ ହେବାର ବହୁ ପୂର୍ବରୁ ଥିଲା।

ପ୍ରଥମରେ ଘୋଡ଼ାଗୁଡ଼ିକ ଅତି ଛୋଟ ଥିବାରୁ ସେମାନଙ୍କ ଉପରେ ବସି ଯିବା ସମ୍ଭବ ନ ଥିଲା। ଏଣୁ ରଥରେ ସେମାନଙ୍କୁ ବ୍ୟବହାର କରାଯାଉଥିଲା ଓ ଲୋକେ ଏଭଳି ରଥରେ ବସି ଯାଉଥିଲେ। ପରେ ଘୋଡ଼ାଚଢ଼ା ପରମ୍ପରା ଆସିଲା। ଖ୍ରୀଷ୍ଟପୂର୍ବ ୭୦୦ ପରେ ସାରା ବିଶ୍ୱରେ ଅଶ୍ୱାରୋହୀଙ୍କୁ ଦେଖିବାକୁ ମିଳିଲା। ତା' ପୂର୍ବରୁ ଏମାନଙ୍କୁ କେବେ ବି ଦେଖାଯାଇ ନ ଥିଲା। ଏଣୁ ଭୀମବେଟ୍‌କାରେ ଘୋଡ଼ାର ପେଣ୍ଟିଂ (ରଥାରୋହୀ ଓ ଅଶ୍ୱାରୋହୀ) ୨୫୦୦ ବର୍ଷ ପୂର୍ବର ପୁରୁଣା। ଭାରତୀୟ ମୌସୁମୀ ନିର୍ଭରଶୀଳ ଜଳବାୟୁରେ ଘୋଡ଼ା ବଂଶବୃଦ୍ଧି କଷ୍ଟକର। ମହାରାଷ୍ଟ୍ରରେ (ଭୀମଥାଡ଼ି ଘୋଡ଼ା), ଗୁଜରାଟରେ (କାଠିଆୱାଡ ଘୋଡ଼ା) ଏବଂ ରାଜସ୍ଥାନରେ (ମାରୱାଡ଼ି ଘୋଡ଼ା) ପାଳନ ଓ ବଂଶବୃଦ୍ଧି ଖ୍ରୀଷ୍ଟାବ୍ଦ ୧୨୦୦ ପରେ ଆରମ୍ଭ ହୋଇଥିଲା, ଏହା ପୂର୍ବରୁ ନୁହେଁ। ସେହିଭଳି ସିନ୍ଧୁ ସଭ୍ୟତାରେ ପାଖାପାଖି ଖ୍ରୀଷ୍ଟପୂର୍ବ ୨୫୦୦ ସମୟର ସିଲ୍ ବା ମୋହରଗୁଡ଼ିକରେ ହାତୀ ଚିତ୍ର ଦେଖିବାକୁ ମିଳେ। ସେତେବେଳେ ହାତୀଗୁଡ଼ିକୁ ଜଙ୍ଗଲରୁ ଧରାଯାଉଥିଲା, କିନ୍ତୁ ପାଳନ କିମ୍ବା କୌଣସି ବଂଶବୃଦ୍ଧି କରାଯିବାର କୌଣସି ବ୍ୟବସ୍ଥା ନ ଥିଲା। ତେବେ ଘରେ ହାତୀପାଳନର ସର୍ବପୁରାତନ ଉଦାହରଣ ଖ୍ରୀଷ୍ଟପୂର୍ବ ୮୦୦ ସମୟର ବୈଦିକ କର୍ମକାଣ୍ଡ ନିୟମାବଳୀରୁ ଦେଖିବାକୁ ମିଳେ।

ଭୀମବେଟ୍‌କାର ଶିଳାଗୁମ୍ଫାଗୁଡ଼ିକ ମଣିଷ ରହିବା ଲାଗି ସମ୍ପୂର୍ଣ୍ଣ ଉପଯୋଗୀ ଥିଲା। ପର୍ଯ୍ୟାପ୍ତ ଝରଣା ପାଣି, ମୃଗ ଓ ବାର୍‌ହାଙ୍କ ବିଚରଣ ସହ ପ୍ରାକୃତିକ ସୁରକ୍ଷା ବ୍ୟବସ୍ଥା ଭୀମବେଟ୍‌କାକୁ ଅନେକ ହଜାର ବର୍ଷ ଧରି ଏକ ଭରସାଯୋଗ୍ୟ ତଥା ସମୃଦ୍ଧ ଆଶ୍ରୟସ୍ଥଳୀ କରିପାରିଥିଲା। ସେଠାକାର ଖନନରୁ ପୁରାତନ ପ୍ରସ୍ତରଯୁଗର କୁରାଢ଼ି, କଟୁରି ଏବଂ ହାତୁଡ଼ି ମିଳିଛି ଏବଂ ଏହା ପ୍ରମାଣ କରୁଛି, ମଧ୍ୟପ୍ରସ୍ତରଯୁଗ ଦେଇ ସେଠାରେ ପ୍ରାରମ୍ଭିକ ଆଧୁନିକ ଯୁଗ ଯାଏ ଲଗାତର ଭାବେ ଲୋକେ ରହିଆସିଛନ୍ତି। ଏପରିକି ୭୪,୦୦୦ ବର୍ଷ ପୂର୍ବେ ତୋବା ଉଦ୍‌ଗୀରଣ ଯୋଗୁ ମାନବଜାତିର ମହାପ୍ରଳୟ ଘଟିଥିଲା ବୋଲି ବିଚାର କରାଯାଉଥିଲା। ହେଲେ ତାହା ଭୀମବେଟ୍‌କାରେ ଜୀବନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିପାରି ନ ଥିଲା। ଫଳରେ ପ୍ରସ୍ତର ନିର୍ମିତ ଯନ୍ତ୍ରପାତିର ପରମ୍ପରା ଲଗାତର ଭାବେ ସମୟ ସହ ତାଳଦେଇ ଆଗକୁ ବଢ଼ିଥିଲା।

ଭୀମବେଟ୍‌କା ହେଉଛି ସେହି ସ୍ଥଳ ଯେଉଁଠି ହନୁମାନଙ୍କୁ ମହାଭାରତର ଭୀମ ଭେଟ କରିଥିଲେ। କିନ୍ତୁ ପ୍ରାଗ୍ ଐତିହାସିକ ମାନବଙ୍କ ସହ ଏହାର ଗଭୀର ସମ୍ପର୍କ ଅଛି। ଏଠାରେ ସମ୍ଭବତଃ ୫ ଲକ୍ଷ ବର୍ଷ ପୂର୍ବର ପୁରାତନ ମାନବଙ୍କ ପଥର ଖୋଦେଇ ଚିତ୍ରଠାରୁ ଆରମ୍ଭକରି ମଧ୍ୟ-ପ୍ରସ୍ତର ଯୁଗର ଶିକାର ତଥା ଘୋଡ଼ା ଓ ହାତୀକୁ ନେଇ କରାଯାଇଥିବା ଐତିହାସିକ ଯୁଦ୍ଧର ଦୃଶ୍ୟ ରହିଛି। ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ, କଳା ହଠାତ୍ ଆଧୁନିକ ମଣିଷ ପଖରେ ପହଞ୍ଚି ନାହିଁ, ବରଂ କ୍ରମବିକାଶ ଧାରାରେ ଏହାକୁ ଅନେକ ହଜାର ବର୍ଷ ଲାଗିଯାଇଛି, ଯାହା ଅର୍ଥନୀତି, ଟେକ୍‌ନୋଲୋଜି ଏବଂ ରୀତିନୀତିର ପରିବର୍ତ୍ତନକୁ ପ୍ରକାଶ କରୁଛି।

-devduttofficial@gmail.com

# ବଜାର ଦର



ସତ୍ୟନାରାୟଣ ଦେହୁରୀ

ଆଜିକାଲି ବଜାର ଦରରେ ସମାନତା ଦେଖାଯାଉ ନାହିଁ। ବିଭିନ୍ନ ଦେକାନରେ ଦର ଅସମାନ ରହିବା ଗ୍ରାହକମାନଙ୍କ ପାଇଁ ସମସ୍ୟା। ସବୁ ଜିନିଷର ଦର ଜିନିଷ ଉପରେ ଲେଖା ଯାଇ ନ ଥାଏ । କେବଳ କିଛି ପାକେଟ ଜିନିଷ ଉପରେ ଦର ଲେଖା ଯାଇଥାଏ। ପନିପରିବାର ଦର ମନଇଚ୍ଛା କସାଯାଇଥାଏ। ସମାନ ପରିବା, ବଜାରର ଏମୁଣ୍ଡରେ ଗୋଟିଏ ଦର ଥିବା ବେଳେ ବଜାରର ସେମୁଣ୍ଡରେ ଆଉ ଗୋଟିଏ ଦର ଥାଏ। ଯଦି ଜଣେ ବ୍ୟକ୍ତି ବଜାର ଭିତରକୁ ନ ଯାଇ ଏମୁଣ୍ଡରୁ ପରିବା କିଣି ଚାଲିଆସିବେ ସେ ନିଶ୍ଚିତ ଭାବରେ କିଛି କ୍ଷତି ସହିବେ। ଆଜିକାଲି ଅନେକ ଜିନିଷର ପ୍ୟାକେଟ ମିଳୁଛି। ତେଜରାତି ଦୋକାନରେ କେତେକ ଜିନିଷ ଖୋଲାରେ ମଧ୍ୟ ମିଳିଥାଏ। ପ୍ୟାକେଟ ଜିନିଷଗୁଡିକର ଦର ଯେତିକି ଲେଖା ଯାଇଥାଏ କେତେକ ଦୋକାନୀ ସେତିକିରେ ବିକ୍ରି କଲାବେଳେ ଆଉ କିଛି ଦୋକାନୀ ଲେଖାଯାଇଥିବା ଦରରୁ କିଛି କମ୍ କରି ବିକ୍ରି କରନ୍ତି। ତେବେ ଲେଖାଯାଇଥିବା ଦରଠାରୁ କମ୍‌ରେ ବିକ୍ରିକଲେ ମଧ୍ୟ ତାଙ୍କର କିଛି ଲାଭ ଅଛି। ଯେଉଁମାନେ ପୂରା ଦାମ୍ ନେଉଛନ୍ତି ସେମାନେ ନିଶ୍ଚିତ ଭାବରେ ବହୁତ ଲାଭ ପାଉଛନ୍ତି। ଠିକ୍ ସେହିପରି ଖୋଲାରେ ମିଳୁଥିବା ଜିନିଷ ମଧ୍ୟ ଗୋଟିଏ ଦୋକାନରେ ଗୋଟିଏ ଦର ଥାଏ। ବଜାରରେ ଯେଉଁ ଦୋକାନ ଠିକ୍ ଦରରେ ଜିନିଷ ଯୋଗାଏ ସେହି ଦୋକାନରେ ଅଧିକ ଭିଡ଼ ଦେଖାଯାଏ। ଯଦି ଏହି ଦରକୁ ନେଇ ଦୋକାନୀକୁ କିଛି ପଚରାଯାଏ, ତେବେ ସେ ଉତ୍ତର ଦିଅନ୍ତି, ଆମ ଜିନିଷ ଭଲ କମ୍ପାନୀର।

ଔଷଧ ଦୋକାନୀମାନେ ଔଷଧର ଧାର୍ଯ୍ୟମୂଲ୍ୟ ଉପରେ ୧୦ ଶତକଡା କିମ୍ବା ୧୫ ଶତକଡା ପର୍ଯ୍ୟନ୍ତ ରିହାତି ଦିଅନ୍ତି। କିନ୍ତୁ କିଛି ଔଷଧ ଦୋକାନୀ ପୂରା ଧାର୍ଯ୍ୟ ମୂଲ ନିଅନ୍ତି। ଥରେ ମୁଁ ଗୋଟିଏ ଔଷଧ ଆଣିବାକୁ ଗଲି। ସେ ଔଷଧର ଲିଖିତ ମୂଲ୍ୟ ଥିଲା ୧୦୦ ଟଙ୍କା। ମୁଁ ଯେତେବେଳେ ଦୋକାନୀଙ୍କୁ କେତେ ଟଙ୍କା ବୋଲି ପଚାରିଲି, ସେ ମୋତେ କହିଲେ ୧୦୦ ଟଙ୍କା। ମୁଁ ଆଶ୍ଚର୍ଯ୍ୟ ହେଲି। କାରଣ ୧୦ ଦିନ ଆଗରୁ ସେହି ସମାନ ଔଷଧକୁ ଆଉ ଗୋଟିଏ ଦୋକାନରୁ ମୁଁ ୯୦ ଟଙ୍କା ଦେଇ ଆଣିଥିଲି। ମୁଁ ସେହି ଦୋକାନୀଙ୍କୁ କହିଲି, ଭାଇ ୧୦ ଦିନ ଆଗରୁ ଏହି ଔଷଧ ମୁଁ ୯୦ ଟଙ୍କାରେ ନେଇଥିଲି। ଆପଣ କ'ଣ ୧୦୦ ଟଙ୍କା କହୁଛନ୍ତି। ସେ ଦୋକାନୀ ମୋତେ କହିଲେ ଆପଣ ଯେଉଁଠାରୁ ୯୦ ଟଙ୍କାରେ ନେଇଥିଲେ, ସେଠାରୁ ନିଅନ୍ତୁ। ମୁଁ ଭାବିଲି ବୋଧହୁଏ ଏହି ଦୋକାନୀ କିଛିବି ରିହାତି ଦିଅନ୍ତି ନାହିଁ। ବାଧ୍ୟ ହୋଇ ୧୦୦ ଟଙ୍କା ଦେଇ ସେହି ଔଷଧ ଆଣିଲି। କାରଣ ଆଉଗୋଟିଏ ଦୋକାନକୁ ଯିବା ପାଇଁ ସମୟ ନ ଥାଏ। ଯେଉଁ ଔଷଧ ଦୋକାନୀମାନେ ରିହାତି ଦେଉ ନାହାନ୍ତି ସେମାନେ ଅଧିକ ଲାଭ ପାଉଛନ୍ତି । ବଡ଼ ବଡ଼ ସହରରେ ଔଷଧ ଦୋକାନୀମାନେ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ କିଏ କେତେ ରିହାତି ଦେଉଛନ୍ତି ତା'ର ବୋର୍ଡ ଲଗାଇଛନ୍ତି । କିଏ ଲେଖିଥିବେ ୧୫ ଶତକଡ଼ା ତ କିଏ ଲେଖିଥିବେ ୨୦ ଶତକଡ଼ା। ପୁଣି ଯଦି କିଏ ଅଧିକ ମୂଲ୍ୟର ଔଷଧ ନେଲେ ରିହାତିର ପରିମାଣ ବଢ଼ିଯାଏ।

ମାଛ ମାଂସ ବଜାରରେ ମଧ୍ୟ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳେ । ମାଛ ବଜାରରେ ସମାନ ମାଛକୁ ବିଭିନ୍ନ ଦରରେ ବିକ୍ରି କରାଯାଉଥାଏ । ବେଳେ ବେଳେ ଶଢ଼ା ମାଛ ମଧ୍ୟ କିଣିବାକୁ ପଡ଼େ। ଆମ ରାଜ୍ୟରେ ମାଛ ଉତ୍ପାଦନ ଆଶାନୁରୂପ ହେଉ ନ ଥିବାରୁ ଆନ୍ଧ୍ରପ୍ରଦେଶରୁ ବହୁତ ମାଛ ବଜାରକୁ ଆସିଥାଏ । ମାଛକୁ ଆମେ ବଜାରରୁ ବିଭିନ୍ନ ଦରରେ କିଣିଥାଉ। ସେହିପରି ଚିକେନ,ମଟନ୍ ମଧ୍ୟ ବିଭିନ୍ନ ଦରର ରହିଛି । କେତେବେଳେ କେଉଁ ଦର ଥାଏ ତା'ର ଠିକଣା ନାହିଁ । ଯଦି ଦେଖିବା ପ୍ରାୟ ପ୍ରତ୍ୟେକ ଜିନିଷର ଦର ସମାନ ରହୁ ନାହିଁ । ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସବୁ ଦୋକାନୀ ନିଜ ନିଜ ଦୋକାନ ଆଗରେ ଦର ତାଲିକା ଲଗାଇବା କଥା କିନ୍ତୁ ତାହା କେହି ପାଳନ କରୁନାହାନ୍ତି। ନିଜର ସୁବିଧା ଅନୁସାରେ ନିଜକୁ ସୁହାଇଲା ଭଳି ଦରରେ ଜିନିଷ ବିକ୍ରି କରୁଛନ୍ତି। ଏଭଳି ଅସମାନ ଦରପ୍ରତି ଜନସାଧାରଣ ସତର୍କ ରହିବା ଆବଶ୍ୟକ।

ରାଧାନଗର, ବୌଦ୍ଧ
ମୋ: ୯୯୩୮୭୫୮୩୫୩

## ଏଇ ଭାରତରେ

ଜଣେ ଅନ୍ୱେଷୀ ମଣିଷ ମନରେ କୌଣସି ସ୍ଥିତି କିଛି ପରିବର୍ତ୍ତନର ବାଟ ଦେଖାଇଦିଏ। ଏମିତିକା ଜଣେ ମଣିଷ ହେଉଛନ୍ତି ତାମିଲନାଡୁ ତ୍ରିଚିର ପରିବେଶବିତ୍ ସୁସ୍କିତା କ୍ରିଷ୍ଣନ୍। ସେ ତ୍ରିଚିର ହ୍ରଦକୁ ପ୍ରଦୂଷିତ କରୁଥିବା ଏକପ୍ରକାର ଦଳକୁ ଦେଖି ତାହା ଯୋଗୁ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ଅଭିନବ ଉପାୟ ଆପଣାଇ ସଫଳ ହୋଇଛନ୍ତି। ପାଣିରେ ଶୀଘ୍ର ବଢ଼ୁଥିବା ଆୟସିନ୍ଥ ଦଳ (ସ୍ଥାନୀୟ ଅଞ୍ଚଳରେ କୁହାଯାଏ ନାଗଦଳ)କୁ ସଂଗ୍ରହ କରି ସେଥିରୁ ସେ କାଗଜ ତିଆରି କରିପାରୁଛନ୍ତି। ସେ ତିଆରି କରିଥିବା କାଗଜ ସମ୍ପୂର୍ଣ୍ଣ ବିଘଟନଯୋଗ୍ୟ। ସେ ୧୫୦ ଜଣ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ଏହି କାମରେ ନିଯୁକ୍ତ କରିଛନ୍ତି। ସୁସ୍କିତାଙ୍କୁ ଏବେ ବୟସ ୨୫। ସେ ତ୍ରିଚିରସ୍ଥିତ ଭାରତୀଦର୍ଶନ ବିଶ୍ୱବିଦ୍ୟାଳୟରୁ ଲାଇଫ୍ ସାଇନ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ୨୦୧୯ରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ, ବେଙ୍ଗାଲୁରୁରେ ଇର୍ଣ୍ଟର୍ନଶିପ କରୁଥିବା ସମୟରେ ଆୟସିନ୍ଥ ଦଳରୁ କାଗଜ ତିଆରି କରିବା ଯୋଜନା ଆରମ୍ଭ କରି ୨୦୨୩ରେ ତାଙ୍କ ରିସର୍ଚ୍ଚ ଟିମ୍ ସହାୟତାରେ ସଫଳ ହୋଇଥିଲେ। ଏବେ ୧ କେଜି ଦଳରୁ ୩୦ ଫର୍ଦ୍ଦ କାଗଜ ତିଆରି ହୋଇପାରୁଛି। ଦଳକୁ ସଂଗ୍ରହ କରାଯାଇ ସେଥିରୁ ବହଳିଆ ରସ ପ୍ରସ୍ତୁତ କରାଯାଇ ପରେ ସେଥିରୁ କଗଜ ତିଆରି ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୩ ନଭେମ୍ବର ୧୯୭୬

- ନରେନ୍ଦ୍ର ସିଂହ ଲିବ୍ୟା ଆରବ ସାଧାରଣତନ୍ତ୍ରରେ ଭାରତର ରାଷ୍ଟ୍ରଦୂତ ରୂପେ ନିଯୁକ୍ତି ପାଇଛନ୍ତି।
- ଭାରତ ପକ୍ଷରୁ କିଣାଯାଇଥିବା ଏକ ବୃହତକାୟ ଏୟାରବସ୍ ଟୁଲୋସ୍ 'ଫ୍ରାନ୍ସ'ରୁ ଆସି ସାନ୍ତାକ୍ରୁଜ ବିମାନବନ୍ଦରରେ ପହଞ୍ଚିଛି।
- ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଜିମିକାର୍ଟର ଆନ୍ଥୋନିଲେକଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ ରୂପେ ମନୋନୀତ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | | 7 | |
| | | | 6 | | | | | 3 |
| | 3 | | 1 | 4 | | | 6 | |
| | 8 | | | | | 7 | | 5 |
| | | | | 9 | | | 8 | 6 |
| | | 1 | | | 3 | 4 | | |
| | | | | 7 | | 5 | | |
| 9 | | 5 | | | | | | |
| | 6 | 4 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 5 | 7 | 2 | 6 | 3 | 4 | 1 |
| 1 | 7 | 2 | 9 | 4 | 3 | 5 | 6 | 8 |
| 4 | 6 | 3 | 5 | 1 | 8 | 2 | 7 | 9 |
| 6 | 9 | 4 | 1 | 8 | 2 | 7 | 3 | 5 |
| 5 | 1 | 8 | 6 | 3 | 7 | 4 | 9 | 2 |
| 3 | 2 | 7 | 4 | 5 | 9 | 1 | 8 | 6 |
| 7 | 4 | 6 | 2 | 9 | 5 | 8 | 1 | 3 |
| 8 | 5 | 9 | 3 | 7 | 1 | 6 | 2 | 4 |
| 2 | 3 | 1 | 8 | 6 | 4 | 9 | 5 | 7 |

ଗତକାଲିର ଉତ୍ତର

# ବାଣିଜ୍ୟ ଯୁଦ୍ଧର ପ୍ରଭାବ



ପ୍ରମୋଦ କୁମାର ମିଶ୍ର

ସମାଜବାଦୀ ସୋଭିଏତ୍ ସଂଘର ପତନ ପରେ ସାମ୍ରାଜ୍ୟବାଦୀ ଆମେରିକା ତା' ଆଧିପତ୍ୟ ବିସ୍ତାର କରିବା ପାଇଁ ତୃତୀୟ ବିଶ୍ୱର ଅଂଶୀଦାର ରାଷ୍ଟ୍ର ଉପରେ ଆକ୍ରମଣ କରିଚାଲିଛି। ଏହି ଆକ୍ରମଣ କେବଳ ସାମରିକ କ୍ଷେତ୍ରରେ ସୀମିତ ନୁହେଁ, ବାଣିଜ୍ୟ ଯୁଦ୍ଧ ଏହାର ଅନ୍ୟ ଏକ ରୂପରେଖ। ସମୟ ବିଶେଷରେ ଏହା ସାମରିକ ଯୁଦ୍ଧଠାରୁ ଅଧିକ ଭୟାନକ ହୋଇପାରେ। ଭାରତ ଉପରେ ଆମେରିକା ମଧ୍ୟ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିଛି। ଭାରତ ରୁଷିଆଠାରୁ ଅଶୋଧିତ ତୈଳ କିଣିବା ଫଳରେ ସେହି ଅର୍ଥ ୟୁକ୍ରେନ୍ ଯୁଦ୍ଧରେ ଖର୍ଚ୍ଚ ହେଉଛି ମନେକରେ ଆମେରିକା ଭାରତ ଉପରେ ଟାରିଫ୍ ଲାଗୁ ହୋଇଛି।

ଉଲ୍ଲେଖ କରାଯାଇପାରେ ଯେ, ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଦୁର୍ବଳ ହେବା ଫଳରେ ଆମେରିକାର ଏଭଳି ଆଧିପତ୍ୟ ବୃଦ୍ଧି ପାଇଛି। ଆମ ଦେଶର ପୂର୍ବ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ନାମ୍' ବା ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ନେତୃତ୍ୱ ନେଉଥିବା ସମୟରେ ଆମେରିକାର ଆଧିପତ୍ୟ ସମ୍ମୁଖରେ ମୁଣ୍ଡ ନୁଆଁଇ ନ ଥିଲେ, ବରଂ ବାଂଲାଦେଶ ଯୁଦ୍ଧ ସମୟରେ ଆମେରିକାର ଆଧିପତ୍ୟକୁ କ୍ଷୁର୍ଣ୍ଣ କରିବାରେ ଭୂମିକା ଗ୍ରହଣ କରିଥିଲେ। ଅବଶ୍ୟ ସେ ସମୟରେ ଭାରତ ସହିତ ସୋଭିଏତ୍ ୟୁନିୟନର ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟକ୍ଷ ସହଯୋଗ ରହିଥିଲା।

ବର୍ତ୍ତମାନ ଆଉ ସେ ସୋଭିଏତ୍ ସଂଘ ନାହିଁ। ଦେଶର ନେତୃତ୍ୱ ପରିବର୍ତ୍ତନ ପରେ ଆମେରିକା ସହିତ ବିଭିନ୍ନ କ୍ଷେତ୍ରରେ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇଛି। ଏବେ ଅନେକ କ୍ଷେତ୍ରରେ ଭାରତ ସେ ଦେଶ ଉପରେ ନିର୍ଭରଶୀଳ। ଦୀର୍ଘ ୨୫ ବର୍ଷ ଧରି ଆମେରିକା ସହିତ ଆମର ଉତ୍ତମ ବାଣିଜ୍ୟିକ ସମ୍ପର୍କ ରହିଥିବା ସତ୍ତ୍ୱେ ଟ୍ରମ୍ପ୍ ପ୍ରଶାସନ ଆମେରିକାକୁ ରପ୍ତାନି ହେଉଥିବା ଭାରତୀୟ ସାମଗ୍ରୀ ଉପରେ ୫୦% ଟାରିଫ୍ ବୃଦ୍ଧି କରିବା କେବଳ ଅର୍ଥନୈତିକ ନୁହେଁ, ଏହା ସବୁ ସମୟରେ ରାଜନୈତିକ ଅଭିସନ୍ଧିମୂଳକ।

ଏହି ଟାରିଫ ବୃଦ୍ଧି ଯୋଗୁଁ ଭାରତର ଯୁକ୍ତରାଷ୍ଟ୍ରକୁ ରପ୍ତାନି ୩୭.୫% ହ୍ରାସ ପାଇଛି ଏବଂ ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ ଡଲାରରେ ପହଞ୍ଚିଛି। ବିଶେଷକରି ଟେକ୍ସଟାଇଲ, ଚିଙ୍ଗୁଡ଼ି, ମୁକ୍ତା ଓ ଅଳଙ୍କାର ରପ୍ତାନି ଅଧିକ ହ୍ରାସ ପାଉଛି। ସେହିପରି ଟାରିଫ୍ ବୃଦ୍ଧି ପ୍ରଭାବରେ ସେଠାରେ ଭାରତୀୟ ଜିନିଷ ପ୍ରାୟ ୩୫% ମହଙ୍ଗା ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି, ବିଶ୍ୱ ବଜାରରେ ଜଟିଳ ସ୍ଥିତି ସତ୍ତ୍ୱେ ଭାରତର ରପ୍ତାନିରେ ଗତିଶୀଳତା ବଜାୟ ରହିଛି। ଗତ ଏପ୍ରିଲ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ପ୍ରାୟ ୨୨୦.୧୨ ବିଲିୟନ ଡଲାରର ସାମଗ୍ରୀ ବିଦେଶକୁ ରପ୍ତାନି ହୋଇଛି, ଯାହାକି ସେହି ସମୟ ମଧ୍ୟରେ ଗତବର୍ଷ ଅପେକ୍ଷା (୨୧୩.୬୮ ବିଲିୟନ ଡଲାର) ୩.୦୨% ଅଧିକ। ସେହିପରି ଆମଦାନୀ ୩୭୫.୧୧ ବିଲିୟନ ଡଲାର (ପୂର୍ବ ବର୍ଷ +୩୫୮.୮୫ ବିଲିୟନ ଡଲାର)ରେ ପହଞ୍ଚିଛି। ଉଭୟ ଦେଶ ପରସ୍ପର ପ୍ରତି ବିଭିନ୍ନ ସମୟରେ ଲାଗୁ ହେଉଥିବା ଶୁଳ୍କ, ବଜାର ଅଭିଗମ (MARKET ACCESS)ଓ ନିୟାମକ ଅବରୋଧ (REGULATORY BARRIERS) ଭଳି ବିଷୟରେ ସମାଧାନ ଆଣିବା ପାଇଁ ଆଲୋଚନା କରୁଛନ୍ତି।

ଆମେରିକା କୃଷି ଓ ଦୁଗ୍ଧ ଜାତୀୟ ଦ୍ରବ୍ୟ ଉପରେ ରପ୍ତାନି ଶୁଳ୍କ କମ କରିବା ପାଇଁ ଲଗାଯାଇଥିବା ବେପାର ପ୍ରତିବନ୍ଧ ଉଠାଇ



ଦେବାକୁ ଦାବି କରିଛି। ଭାରତର କ୍ଷୁଦ୍ର ଓ ମଧ୍ୟମ ଧରଣର ଗ୍ରାମୀଣ ଚାଷୀଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିପାରେ ମନେକରି ଭାରତ ଏ ପର୍ଯ୍ୟନ୍ତ ଏହି ବ୍ୟାପାରରେ ସମ୍ମତ ହୋଇ ନାହିଁ। ଅନ୍ୟପକ୍ଷରେ ଆମେରିକାର ଯେଉଁ ଶିଳ୍ପଗୁଡ଼ିକ ଭାରତୀୟ କଞ୍ଚାମାଲ ଉପରେ ନିର୍ଭରଶୀଳ ସେଗୁଡ଼ିକ ପ୍ରଭାବିତ ହୋଇଛି। ସେଥିଯୋଗୁଁ ଭାରତ-ଆମେରିକା ମଧ୍ୟରେ ଆରମ୍ଭ ହୋଇଥିବା ବ୍ୟାପାରିକ ଯୁଦ୍ଧ ଉଭୟ ଦେଶ ପାଇଁ ବିଭିନ୍ନ ସମସ୍ୟାର କାରଣ ହୋଇଛି। ବର୍ତ୍ତମାନ ବାଣିଜ୍ୟିକ ନିଅଣ୍ଟର ବ୍ୟବଧାନ ବୃଦ୍ଧି ପାଉଥିବାରୁ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୮୮ ଟଙ୍କାର ନିକଟତର ହୋଇଛି।

ଏକ ସୁରକ୍ଷାମୂଳକ ବ୍ୟାପାର ଅନୁସରଣ କରିବାକୁ ଯାଇ ଯଦିଓ ଆମେରିକା ଓ ଭାରତ ସମେତ ବିଭିନ୍ନ ଦେଶ ଉପରେ ଆମଦାନୀ ଶୁଳ୍କ ଲାଗୁ କରିଛି, ତଥାପି ଉଭୟ ଦେଶର ସମ୍ପର୍କକୁ ନେଇ ଏହାର ନକାରାତ୍ମକ ପ୍ରଭାବ ସୁଦୂରପ୍ରସାରୀ। ଉଲ୍ଲେଖ କରାଯାଇପାରେ ଯେ, ଯୁକ୍ତରାଷ୍ଟ୍ର, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମଧ୍ୟରେ 'କ୍ୱାଡ୍' ନାମକ ଏକ ଚତୁଃପକ୍ଷୀୟ ରାଷ୍ଟ୍ରର ସୁରକ୍ଷା କବଚ ଗଠିତ। ଏହା ଏକ ସ୍ଥିର ଓ ସୁରକ୍ଷିତ ଅଞ୍ଚଳ ଗଠନ କରିବାରେ ଲକ୍ଷ୍ୟ ରଖେ। ଆମେରିକା ଇଣ୍ଡୋପାସିଫିକ ଅଞ୍ଚଳରେ ଭାରତର ଭୂମିକାକୁ ସମର୍ଥନ କରେ। ଏହି ଅଞ୍ଚଳ ହେଉଛି ଭାରତ ମହାସାଗର ଓ ପ୍ରଶାନ୍ତ ମହାସାଗରରେ ମିଶିଥିବା ଏକ ବିଶାଳ ଭୂରାଜନୀତିକ ଆର୍ଥିକ କ୍ଷେତ୍ର। ଏହା ଆନ୍ତର୍ଜାତିକ ବାଣିଜ୍ୟ ଓ ନୌ ସମ୍ପର୍କର ମୁଖ୍ୟ ପଥ ହୋଇଥିବାରୁ ସେଠାରେ ଚାଇନାର ପ୍ରଭାବକୁ ସନ୍ତୁଳିତ କରିବା ଉଦ୍ଦେଶ୍ୟ ନିହିତ ରହିଛି। ଏସବୁ ସତ୍ତ୍ୱେ ଆମେରିକା ଯଦି ଭାରତ ସହିତ ତା'ର ବ୍ୟବସାୟିକ ଯୁଦ୍ଧ ଜାରି ରଖେ, ତେବେ ଆମକୁ ପ୍ରତ୍ୟେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଆମଦାନୀ ହ୍ରାସ କରି ଦେଶୀୟ ଉତ୍ପାଦନ ଓ ରପ୍ତାନିକୁ ଗୁରୁତ୍ୱ ଦେବାକୁ ହେବ।

ଆମେରିକା ଭାରତର ବନ୍ଧୁ ରାଷ୍ଟ୍ର ନୁହେଁ, ଏହା ପ୍ରମାଣିତ ହୋଇ ସାରିଛି । ଆମେରିକା ଓ ରୁଷିଆ ମଧ୍ୟରେ ସମ ଦୂରତା ରଖି ସମ୍ପର୍କ ବଜାୟ ରଖିବା ଭାରତ ପାଇଁ ଆଉ ସମ୍ଭବପର ହୋଇ ରହିପାରି ନାହିଁ। ତେଣୁ ଭାରତ ନିଜର ବ୍ୟାପାର ବୃଦ୍ଧି କରିବା ପାଇଁ ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ସମେତ ଅନ୍ୟ କେତେକ ଆଫ୍ରିକୀୟ ଦେଶ ସହିତ ମୁକ୍ତ ବାଣିଜ୍ୟନାମା ସ୍ୱାକ୍ଷରିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏତଦ୍‌ବ୍ୟତୀତ ଲାଟିନ୍ ଆମେରିକା ଓ ପୂର୍ବ ଦକ୍ଷିଣ ଏସିଆ ଭଳି ଅଞ୍ଚଳରେ ସୁଯୋଗ ଖୋଜିବା ସଙ୍ଗେ ସଙ୍ଗେ ଜର୍ମାନୀ, ବ୍ରିଟେନ୍, ସିଙ୍ଗାପୁର ଓ ମାଲେସିଆ ସହିତ ବ୍ୟାପାର ପାଇଁ ପ୍ରସ୍ତାବ ଦେଇଛି । 'ଇଉରୋପ ସମୁଦାୟ' ଓ 'ନାଟୋ' ସଂଗଠନ ସହିତ ବେପାର ସହଯୋଗ ବୃଦ୍ଧି କରାଯାଇଛି। ବ୍ରିକ୍ସ ସଂଗଠନ ପକ୍ଷରୁ ରୁଷିଆ ଓ ଚାଇନା ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। ଏତଦ୍‌ବ୍ୟତୀତ ଭାରତ ଇଣ୍ଡୋପାସିଫିକ ଅଞ୍ଚଳରେ ଥିବା ଦେଶଗୁଡ଼ିକ ମଧ୍ୟରେ କୌଶଳଗତ ଓ ଅର୍ଥନୈତିକ ସଂପର୍କ ଅଧିକ ବୃଦ୍ଧି କରିବାରେ ଲାଗିଛି। ଭାରତ ଓ ଆମେରିକା ମଧ୍ୟରେ ବ୍ୟାପାରିକ ସମସ୍ୟା କଥାବାର୍ତ୍ତା ମାଧ୍ୟମରେ ସମାଧାନ ହେଲେ ଆମେରିକା କୋହଳ ମନୋବୃତ୍ତି ପୋଷଣ କରିପାରେ।

କହିବାବାହୁଲ୍ୟ ଯେ, ବର୍ତ୍ତମାନ ବିଶ୍ୱର ଭୂ-ରାଜନୈତିକ ସନ୍ତୁଳନ ଓ ଗତିବିଧିର ପରିବର୍ତ୍ତନ ରାଷ୍ଟ୍ର, ସମାଜ ଓ ବ୍ୟକ୍ତିସତ୍ତାକୁ ବିପଦମୁହଁକୁ ଠେଲି ଦେଇଛି। ତେଣୁ ଭାରତ ପରି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଦେଶର ପ୍ରତ୍ୟେକ ନାଗରିକ ଦେଶ ଗଠନରେ ସହାୟକ ହେଲେ ପ୍ରତ୍ୟେକ କ୍ଷେତ୍ରରେ ଆମେ ଯେ ସ୍ୱାବଲମ୍ବୀ ହୋଇପାରିବା ଏଥିରେ ଦ୍ୱିମତ ନାହିଁ।

ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଲେନ୍,
ସମ୍ବଲପୁର
ମୋ: ୯୪୩୭୪୨୦୫୪୬

# ଚିରନ୍ତନୀ

ଗୋଲାପ ପାନକରେ ଶିଶିର ବିନ୍ଦୁ
ପ୍ରଭାତ ସମୀରଣେ ଉଚ୍ଛୁଳେ ସିନ୍ଧୁ
କିପାଁ ଗୋ ଆଖି ଜଳ ନୟନେ ଛଳ ଛଳ
ବିଦାୟ ମାଗେ ଦୂର ଗଗନେ ଇନ୍ଦୁ
ପ୍ରଭାତ ସମୀରଣେ ଉଚ୍ଛୁଳେ ସିନ୍ଧୁ ।
ପ୍ରଭାତୀ ସ୍ୱରେ ଆଜି କୁକ୍‌କୁଟ ଡାକେ
ଡାହୁକ ଡାକିଲାଣି ନିକୁଞ୍ଜ ଶାଖେ ।
ଅଧରେ କିମ୍ପା ତବବ୍ୟଥାର କମ୍ପନ ଗୋ
ବଦନେ କିପାଁ ତବ ହାସ ନ ଲାଖେ
ଡାହୁକ ଡାକିଲାଣି ନିକୁଞ୍ଜ ଶାଖେ ।
-(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟାଳୟ ଏବେ ଭୋଜନାଳୟ

ମହାଶୟ,

ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ହେଲାଣି। ସ୍ୱାଧୀନ ସରକାର ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ସଂସ୍କାର କମିଟି ଗଠନକରି ଅନୁଧ୍ୟାନ କରୁଛନ୍ତି । ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ଉତ୍ତମ ନାଗରିକ ଏକାନ୍ତ ଆବଶ୍ୟକ। ଉତ୍ତମ ନାଗରିକ ତିଆରି ପାଇଁ ଭଲ ଯୁଗୋପଯୋଗୀ ଶିକ୍ଷାନୀତି ଦରକାର । ସେଥିପାଇଁ କୋଠାରୀ କମିଶନରୁ ଆଜି ପର୍ଯ୍ୟନ୍ତ ଅନେକ ସଂସ୍କାର କମିଟି ଗଠନ ହେଲାଣି। ଏବେ ଲାଭକ୍ଷତି ବିଷୟ ଆଲୋଚନା କରିବା। ଶିକ୍ଷାକୁ ସହଜ, ସରଳ ଏବଂ ସାର୍ବଜନୀନ କରିବାକୁ ଶିକ୍ଷା କ୍ଷେତ୍ରରେ ପରୀକ୍ଷାକୁ କୋହଳ କଲେ, ତା'ପରେ ଉଠାଇଦେଲେ ଏବଂ ପୁଣି ଲଗାଇବାକୁ ଚିନ୍ତା କରୁଛନ୍ତି। ଦଣ୍ଡମୁକ୍ତ ଅଞ୍ଚଳ କଲେ, ତା'ପରେ ଆସ୍ତେ ଆସ୍ତେ ପ୍ରାଥମିକ ସ୍କୁଲରେ ମଧ୍ୟାହ୍ନ ଭୋଜନ ଆରମ୍ଭକରି ଏବେ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦିଆଯାଉଛି। ପାଠ ପଢ଼ାଇବାକୁ ଶିକ୍ଷକ ନ ଥିବା ବେଳେ ଶିକ୍ଷାଳୟରୁ ଭୋଜନାଳୟ ହୋଇଥିବା ଅନୁଷ୍ଠାନର ଶିକ୍ଷକ ଭୋଜନ ଠିକ୍ କରିବାରେ ବ୍ୟସ୍ତ। ଛାତ୍ରୀଛାତ୍ର ପାଠ କଥା ନ ଭାବି ଭୋଜନ କଥା ଭାବୁଛନ୍ତି। ଶେଷରେ ପାଠଘର ଶୂନ୍ୟ ହେବାରେ ଲାଗିଛି।

-ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିମଳାଗଡ଼ ଷ୍ଟେଶନର ନବୀକରଣ

ଭୁବନେଶ୍ୱର,୧୨।୧୧ (ଅନୁରାଧା ମହାରଣା)




ଭାରତୀୟ ରେଳପଥର ଅନ୍ତର୍ଗତ ଷ୍ଟେଶନଗୁଡ଼ିକର ଅମୃତ ଭାରତ ଷ୍ଟେଶନ ଯୋଜନା (ଏବିଏସ୍ଏସ୍) ଅଧୀନରେ ନବୀକରଣ କରାଯାଉଛି। ଯାତ୍ରୀ ଅନୁଭୂତି ଉନ୍ନତ କରିବା, ସ୍ଥାନୀୟ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା, ଆଞ୍ଚଳିକ ଅର୍ଥନୀତିକୁ ବଢ଼ାଇବା ଏବଂ ଷ୍ଟେଶନଗୁଡ଼ିକୁ ବହୁମୁଖୀ ସହରାଞ୍ଚଳ ଯୋଗାଯୋଗ କେନ୍ଦ୍ରରେ ପରିଣତ କରିବା ଏହି ଯୋଜନାର ଉଦ୍ଦେଶ୍ୟ ରହିଛି। ଦେଶର ପୂର୍ବ ତଟରେ ୭୬ଟି ଷ୍ଟେଶନ ଏହି ଯୋଜନାରେ ବିକାଶ ପାଇବ। ପ୍ରତ୍ୟେକ ଷ୍ଟେଶନ ପାଇଁ ବିସ୍ତୃତ ଯୋଜନା ପ୍ରସ୍ତୁତ ହୋଇଛି ଏବଂ ଆବଶ୍ୟକତା ଅନୁଯାୟୀ ପର୍ଯ୍ୟାୟକ୍ରମେ କାର୍ଯ୍ୟ କରାଯାଉଛି। ଷ୍ଟେଶନଗୁଡ଼ିକୁ ଅଧିକ ପରିଷ୍କାର, ଆରାମଦାୟକ ଏବଂ ସୁଲଭ କରିବା ଏହାର ଲକ୍ଷ୍ୟ ରହିଛି। ଚକ୍ରଧରପୁର ଡିଭିଜନର ରାଉରକେଲା ଓ ବରସୁଆଁ ମଧ୍ୟରେ ଅବସ୍ଥିତ ସୁନ୍ଦରଗଡ଼ ଜିଲାର ବିମଳାଗଡ଼ ଷ୍ଟେଶନ ଏହି ଯୋଜନାରେ ଅନ୍ତର୍ଭୁକ୍ତ। ଏହି ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନକୁ ଯାତ୍ରୀକେନ୍ଦ୍ରିକ ସୁବିଧା ସହିତ ଆଧୁନିକ କରିବା ପାଇଁ ୯.୮୪ କୋଟି ଟଙ୍କା ବ୍ୟୟରେ ନବୀକରଣ କାର୍ଯ୍ୟ ଚାଲିଛି। ବିମଳାଗଡ଼ ଷ୍ଟେଶନ ଯାତ୍ରା ଓ ମାଲବାହୀ ପରିବହନର କେନ୍ଦ୍ର ଭାବେ କାର୍ଯ୍ୟ କରୁଛି। ନବୀକରଣରେ ନୂଆ ଷ୍ଟେଶନ ଭବନ, କ୍ୟାନୋପି, ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ନୂଆ ସଞ୍ଚାଳନ କ୍ଷେତ୍ର, ଦିବ୍ୟାଙ୍ଗଜନ ଶୌଚାଳୟ, ଦିବ୍ୟାଙ୍ଗଜନ ପାନୀୟଜଳ ବୁଥ୍, ର‌୍ୟାମ୍ପ, ନୂଆ ଉନ୍ନତ ପ୍ଲାଟଫର୍ମ ଛାତ, ପ୍ଲାଟଫର୍ମ ପୃଷ୍ଠଭୂମି, ସ୍ଥାନୀୟ କଳା ଓ ସଂସ୍କୃତି ଥିମରେ ରଙ୍ଗ, ପ୍ରତୀକ୍ଷାଳୟ, ଟ୍ୟାକ୍ଟାଇଲ ଓ ବ୍ରେଲ ସାଇନେଜ ଏବଂ ନୂଆ ବସିବା ବ୍ୟବସ୍ଥା କରାଯିବ। ଏହି ପରିବର୍ତ୍ତନ ଷ୍ଟେଶନକୁ ଅଧିକ ସୁଲଭ ଓ ଆକର୍ଷଣୀୟ କରି ଯାତ୍ରୀଙ୍କ ଅନୁଭବକୁ ଉନ୍ନତ କରିବ ବୋଲି ଆଶାକରାଯାଉଛି।

## ଓଡ଼ିଶା ବୈଦ୍ୟୁତିକ ଯାନ ନୀତି ୨.୦ ଉପରେ ଆଲୋଚନା

ଭୁବନେଶ୍ୱର,୧୨।୧୧

ଓଡ଼ିଶା ବୈଦ୍ୟୁତିକ ଯାନ (ଇଭି) ନୀତିରେ ପ୍ରସ୍ତାବିତ ସଂଶୋଧନ ଉପରେ ଏକ ଅଂଶୀଦାର ପରାମର୍ଶ ବୈଠକ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ଇଭି ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ଆଗାମୀ ଓଡ଼ିଶା ଇଭି ନୀତି ୨.୦ ର ଢାଞ୍ଚା ଗଠନ ଉପରେ ବିଚାରବିମର୍ଶ କରିବା ପାଇଁ ଏକାଧିକ ବିଭାଗ ଓ କ୍ଷେତ୍ରର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗଦେଇଥିଲେ। ଖାରବେଳ ଭବନରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିବହନ କମିଶନର ଅମିତାଭ ଠାକୁର, ସିଏମ୍‌ଡି-ଓଏସ୍ଆରଟିସି ଏନ୍. ବି. ଏସ୍. ରାଜପୁତ, ଜୁଟ୍ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବର୍ଦ୍ଧିତ କ୍ରୟ ପ୍ରୋତ୍ସାହନ, ଯାନ ରେଟ୍ରୋ-ଫିଟ୍‌ମେଣ୍ଟ ଏବଂ ସ୍କ୍ରାପେଜ ଲାଭ, ପିଏମ୍ ଇ-ଡ୍ରାଇଭ ଯୋଜନା ଅଧୀନରେ ଚାର୍ଜିଂ ଭିତ୍ତିଭୂମିର ବିକାଶ ଏବଂ ଇଭି ପଦକ୍ଷେପର ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ରାଜ୍ୟ ଇଭି ପାଣ୍ଠି ସୃଷ୍ଟି ଆଦି ଦିଗ ଉପରେ ଆଲୋଚନା ହୋଇଥିଲା।

## ବର୍ଷାଦିନେ ଗିଲୟରେ ସର୍ବାଧିକ ଔଷଧୀୟ ଗୁଣ ରହିଥାଏ

ଭୁବନେଶ୍ୱର,୧୨।୧୧

PATANJALI
PATANJALI FOODS LIMITED

ପତଞ୍ଜଳିର ନୂଆ ଅନୁସନ୍ଧାନରେ ପ୍ରମାଣ ହୋଇଛି ଯେ ବର୍ଷା ଋତୁରେ ସଂଗ୍ରହ କରାଯାଇଥିବା ଗିଲୟ ଡାଳରେ ଔଷଧୀୟ ଗୁଣ ସବୁଠାରୁ ଅଧିକ ରହେ। ଏନେଇ ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ଆମର ଶାସ୍ତ୍ର ଓ ଉତ୍ସବ ହେଉଲା, ଜଡ଼ିବୁଟି ଦିବସ ଆଦି ଅନ୍ଧବିଶ୍ୱାସ ନୁହେଁ ବରଂ ଗଭୀର ବିଜ୍ଞାନସମ୍ମତ। ଡା. ଅନୁରାଗ ବାର୍ଷ୍ଣେୟ କହିଛନ୍ତି, ଋତୁ ଅନୁଯାୟୀ ଗଛରେ ଔଷଧ ବଢ଼େ ବା କମେ। ୨ ବର୍ଷ ଧରି ବିଭିନ୍ନ ଋତୁରେ ଗିଲୟ ଯାଞ୍ଚ କରି ଦେଖାଗଲା ବର୍ଷାରେ ସବୁଠାରୁ ଭଲ ଔଷଧ ମିଳେ, ଏହି ଗବେଷଣା ବିଶ୍ୱବିଖ୍ୟାତ ପତ୍ରିକା ବିଏମ୍‌ସି ପ୍ଲାଣ୍ଟ ବାୟୋଲୋଜିରେ ପ୍ରକାଶ ପାଇଛି। ଠିକ୍ ସମୟରେ ଔଷଧ ସଂଗ୍ରହ କରିଲେ ଆୟୁର୍ବେଦ ଔଷଧର ଗୁଣ ବଢ଼ିଯାଏ। ଏହା ଆମର ପୁରୁଣା ଜ୍ଞାନକୁ ବିଜ୍ଞାନ ସହ ଯୋଡ଼ିଥାଏ।

# ଓଡ଼ିଶା ହେବ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସାମୁଦ୍ରିକ ରାଜ୍ୟ

ଭୁବନେଶ୍ୱର, ୧୨।୧୧

ରାଜ୍ୟ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ବୁଧବାର ଓଡ଼ିଶା ସାମୁଦ୍ରିକ ଦୃଷ୍ଟିକୋଣ ଯୋଜନା (ଓଏମ୍‌ପିପି) ପ୍ରସ୍ତୁତି ଉପରେ ଏକ ଉଚ୍ଚସ୍ତରୀୟ ପରାମର୍ଶଦାତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସାମୁଦ୍ରିକ ରାଜ୍ୟରେ ପରିଣତ କରିବା ପାଇଁ ଏକ ରଣନୈତିକ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ନିମନ୍ତେ ବିଚାରବିମର୍ଷ କରଯାଇଥିଲା । ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ଦୀର୍ଘକାଳୀନ ସାମୁଦ୍ରିକ ରଣନୀତିକୁ ଚୂଡ଼ାନ୍ତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ପ୍ରଦାନ କରିବା ପାଇଁ ବିଭିନ୍ନ ବିଭାଗ ଏବଂ ଏଜେନ୍ସିଗୁଡ଼ିକର ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରିତ କରାଯାଇଥିଲା। ପ୍ରକଳ୍ପର ବୈଷୟିକ ପରାମର୍ଶଦାତା ନ୍ୟାଶନାଲ ଟେକ୍ନୋଲୋଜି ସେଣ୍ଟର ଫର୍ ପୋର୍ଟସ(ଏନ୍‌ଟିସିପିଡବ୍ଲ୍ୟୁସି), ୱାଟରୱେଜ ଆଣ୍ଡ କୋଷ୍ଟସ, ଆଇଆଇଟି ମାଡ୍ରାସ ଦ୍ୱାରା ଓଡ଼ିଶା ସାମୁଦ୍ରିକ ଦୃଷ୍ଟିକୋଣ ଯୋଜନା (୨୦୨୫ – ୨୦୫୦) ପ୍ରସ୍ତୁତ କରାଯାଉଛି। ଏନ୍‌ଟିସିପିଡବ୍ଲ୍ୟୁସି, ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନେ ଡ୍ରାଫ୍ଟ ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଉପସ୍ଥାପନ କରିଥିଲେ, ଯାହା ଓଡ଼ିଶାର ୫୭୫ କିଲୋମିଟର ଉପକୂଳ ଏବଂ ନଦୀର ବିଶାଳ ନେଟ୍‌ୱର୍କର ପୂର୍ଣ୍ଣ ସମ୍ଭାବନାକୁ ଅନଲକ କରିବା ପାଇଁ ଏକ ପର୍ଯ୍ୟାୟବଦ୍ଧ ଏବଂ ସ୍ଥାୟୀ ରୋଡମ୍ୟାପ ପ୍ରସ୍ତୁତ କରୁଛନ୍ତି। ଓଡିଶା ମାରିଟାଇମ ଦୃଷ୍ଟିକୋଣ ୬ଟି ରଣନୈତିକ ସ୍ତମ୍ଭକୁ ନେଇ ଗଠିତ। ସାମୁଦ୍ରିକ ବାଣିଜ୍ୟ ଏବଂ ଲଜିଷ୍ଟିକ୍ସକୁ ବୃଦ୍ଧି କରିବା ପାଇଁ ବିଦ୍ୟମାନ ବନ୍ଦର ଭିତ୍ତିଭୂମିକୁ ବୃଦ୍ଧି କରିବା ଏବଂ ନୂତନ ବନ୍ଦର ବିକାଶ କରିବା, ଆଭ୍ୟନ୍ତରୀଣ ଲଜିଷ୍ଟିକ୍ସ ସହିତ ବନ୍ଦର ଏବଂ ଜଳପଥକୁ ସଂଯୋଗ କରି ବହୁମୁଖୀ ସଂଯୋଗକୁ ସୁଦୃଢ଼ କରିବା , ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ ମତ୍ସ୍ୟଜୀବିକା, ଜଳପାଳନ ଏବଂ ଉପକୂଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା, ପରିବେଶଗତ ଭାବରେ ସ୍ଥାୟୀ ଏବଂ ଜଳବାୟୁ-ପ୍ରତିରୋଧୀ ଉପକୂଳ ସମ୍ପତ୍ତି ନିର୍ମାଣ କରିବା,ବର୍ଦ୍ଧିତ ସାମୁଦ୍ରିକ ଅର୍ଥନୀତିର ଆବଶ୍ୟକତା ପୂରଣ କରିବା ପାଇଁ ମାନବ ପୁଞ୍ଜି ବିକାଶ କରିବା ଏବଂ ଜାହାଜ ନିର୍ମାଣ, ଜାହାଜ ମରାମତି ଏବଂ ବନ୍ଦର-ଭିତ୍ତିକ ଶିଳ୍ପ ପାଇଁ କେନ୍ଦ୍ର ପ୍ରତିଷ୍ଠା କରିବା ଏହାର ଅଂଶ। ଓଡ଼ିଶା ସାମୁଦ୍ରିକ ବୋର୍ଡ, ବନ୍ଦର ଏବଂ ଆଭ୍ୟନ୍ତରୀଣ ଜଳ ପରିବହନ ନିର୍ଦ୍ଦେଶାଳୟ, ପର୍ଯ୍ୟଟନ ବିଭାଗ, ଇସ୍ପାତ ଏବଂ ଖଣି ବିଭାଗ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ମତ୍ସ୍ୟ ବିଭାଗ ଏବଂ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ)ର ବରିଷ୍ଠ ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଫ୍ରୋଷ୍ଟର ଡ. ପୂର୍ଣ୍ଣେନ୍ଦୁ ମିଶ୍ର ମଧ୍ୟ ଯୋଗଦେଇ ଆଲୋଚନା ସମୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ ବୈଠକରେ ଅନ୍ତର୍ଭୁକ୍ତ ଏବଂ ପରିବେଶଗତ ଭାବରେ ଦାୟୀ ଉପକୂଳ ବିକାଶ ପାଇଁ ରଣନୀତି ସହିତ ବନ୍ଦର ବିକାଶ, ମତ୍ସ୍ୟଚାଷ ଏବଂ ଜଳପଥକୁ ଆଭ୍ୟନ୍ତରୀଣ ଲଜିଷ୍ଟିକ୍ସ ସହିତ ସମନ୍ୱିତ କରିବା ଉପରେ ଗଭୀର ଆଲୋଚନା କରାଯାଇଥିଲା। ୨୦୪୭ ସୁଦ୍ଧା ଏକ ଅଗ୍ରଣୀ ସାମୁଦ୍ରିକ ରାଜ୍ୟ ହେବାର ଓଡ଼ିଶାର ଦୃଷ୍ଟିକୋଣକୁ ସାକାର କରିବା ପାଇଁ ପ୍ରମାଣଭିତ୍ତିକ ଯୋଜନା ଏବଂ ଆନ୍ତଃ ବିଭାଗୀୟ ସମନ୍ୱୟ ଉପରେ ଉଷା ପାଢ଼ୀ ଗୁରୁତ୍ୱାରୋପ କରିଥିଲେ।


## ନିଯୁକ୍ତି ଅଧିସୂଚନା ୦୧/୨୦୨୫

**କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତିରେ ବିଭିନ୍ନ ଶିକ୍ଷଣ ଓ ଅଣ-ଶିକ୍ଷଣ ପଦବୀରେ ନିଯୁକ୍ତି**

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ୍) ଏବଂ ନବୋଦୟ ବିଦ୍ୟାଳୟ ସମିତି (ଏନ୍‌ଭିଏସ୍) ତରଫରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପ୍ରତ୍ୟକ୍ଷ ଭିତ୍ତିରେ କେଭିଏସ୍ ଏବଂ ଏନ୍‌ଭିଏସ୍‌ରେ ବିଭିନ୍ନ ଶିକ୍ଷଣ ଓ ଅଣ-ଶିକ୍ଷଣ ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଅନଲାଇନ୍ ଆବେଦନ ଆହ୍ୱାନ କରୁଛି । ସବିଶେଷ ଅଧିସୂଚନା ପାଇଁ ପ୍ରାର୍ଥୀମାନଙ୍କୁ ଯଥାକ୍ରମେ ସିବିଏସ୍‌ଇ, କେଭିଏସ୍ ଏବଂ ଏନ୍‌ଭିଏସ୍‌ର ଆନୁଷ୍ଠାନିକ ୱେବ୍‌ସାଇଟ୍, ଅର୍ଥାତ୍ https://www.cbse.gov.in/, https://kvsangathan.nic.in ଏବଂ https://navodaya.gov.in ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି । ପୋର୍ଟାଲ୍‌ରେ ଅନ୍‌ଲାଇନ୍ ଆବେଦନ ଦାଖଲ ୧୪ ନଭେମ୍ବର ୨୦୨୫ରୁ ଆରମ୍ଭ ହେବ ଏବଂ ଅନଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ହେଉଛି ୦୪ ଡିସେମ୍ବର, ୨୦୨୫ ।

ନିର୍ଦ୍ଦେଶକ (ସିଟିଇଟି)
ସିବିଏସ୍‌ଇ

cbc 21107/12/0007/2526



No.O-1394

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ / ପୋଷ୍ଟ – ଆୟପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

(At/Po-Ambapua, Near Income Tax Office, Berhampur-760011, Ganjam, Odisha) (E-Mail : serwbpr2004@yahoo.com, Tel No.: 0680-2404287)

No. e-tender // 4075 // RWC // BAM // Dated. 07.11.2025

2nd Corrigendum to Bid Identification No. Online Tender/30-2025-26/BPR

1) The partial modification of Road works under MMSY-Improvement to Existing R.D.Roads vide above identification has been made as follows.

| | | | |
|---|---|---|---|
| 1 | Date of availability of tender | : | **20.11.2025 to 04.12.2025 upto 5.30 P.M.** instead of 01.11.2025 to 15.11.2025 upto 5.30 P.M. |
| 2 | Last Date & Time of seeking tender clarification | : | **02.12.2025 at 5.30 P.M.** instead of 13.11.2025 at 5.30 P.M. |
| 3 | Date of opening of Technical Bid | : | **05.12.2025 at 11.00 A.M.** instead of 16.11.2025 at 11.00 A.M. |
| 4 | Date of opening of Financial Bid | : | **Will be intimated later on.** |

2) The Sl. No.3 of Tender Call Notice (TCN) for the above bid identification may be read as **Executive Engineer, Rural Works Division-II, Ganjam, Berhampur** insted of Executive Engineer, Rural Works Division-I, Ganjam, Berhampur.

**All Other contents will remain unchanged.**

Sd./- Chief Construction Engineer
R.W.Circle, Berhampur

OIPR-



No.O-1395

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ / ପୋଷ୍ଟ – ଆୟପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

(At/Po-Ambapua, Near Income Tax Office, Berhampur-760011, Ganjam, Odisha) (E-Mail : serwbpr2004@yahoo.com, Tel No.: 0680-2404287)

No. e-tender // 4069 // RWC // BAM // Dated. 07.11.2025

2nd Corrigendum to Bid Identification No. Online Tender/29-2025-26/BPR

1) The partial modification of Road works under MMSY-Improvement to Existing R.D.Roads vide above identification has been made as follows.

| | | | |
|---|---|---|---|
| 1 | Date of availability of tender | : | **17.11.2025 to 01.12.2025 upto 5.30 P.M.** instead of 30.10.2025 to 13.11.2025 upto 5.30 P.M. |
| 2 | Last Date & Time of seeking tender clarification | : | **29.10.2025 at 5.30 P.M.** instead of 11.11.2025 at 5.30 P.M. |
| 3 | Date of opening of Technical Bid | : | **02.12.2025 at 11.00 A.M.** instead of 14.11.2025 at 11.00 A.M. |
| 4 | Date of opening of Financial Bid | : | **Will be intimated later on.** |

**All other contents will remain unchanged.**

Sd./- Chief Construction Engineer
R.W.Circle, Berhampur

OIPR-



भा.क.नि.
CCI

## ଭାରତୀୟ କପା ନିଗମ ଲିମିଟେଡ୍
### ଶାଖା କାର୍ଯ୍ୟାଳୟ: ରାୟଗଡା

ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ,
କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ୍
कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬
ତାରିଖ: ୧୨.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ପିୟୁପିଏଆଇଏନ୍‌ଟି୨୪-୨୫-୧, ତାରିଖ: ୧୧।୧୧।୨୦୨୫ । ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର (କ୍ୟାରେଜ୍ ୱାର୍କସ୍), ଖଡ୍ଗପୁର ୱାର୍କଶପ୍, ଖଡ୍ଗପୁର, ଦ.ପୂ. ରେଳପଥ ଏବଂ ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ସିଙ୍ଗଲ ପ୍ୟାକେଟ୍ ପ୍ରଣାଳୀରେ ଖୋଲା ଇ-ଟେଣ୍ଡର ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ଏଲ୍ଏଚ୍‌ବି କୋଚ୍‌ଗୁଡ଼ିକର ପିୟୁ ପେଣ୍ଟିଂ (ସ୍କ୍ରିନ୍ ପେଣ୍ଟିଂ ପାଇଁ ସ୍କ୍ରିନ୍ ଓ ଫ୍ରେମ୍‌ଗୁଡ଼ିକର ଯୋଗାଣ ସମେତ କୋଚ୍‌ଗୁଡ଼ିକର ଲେଟରିଂ/ନମ୍ବରିଂ ସାଇଡ୍ ୱାଲ୍, ଏଣ୍ଡ ୱାଲ୍, ରୁଫ୍, ସ୍କ୍ରିନ୍ ପ୍ରିଣ୍ଟିଂ/ସାଇନ୍ ରାଇଟିଂ) । କ୍ୟାରିଏଜ୍ ଶପ୍, ଖଡ୍ଗପୁର ୱାର୍କଶପ୍‌ଠାରେ କୋଚ୍ ଅଣ୍ଡରଫ୍ରେମ୍ ଉପରେ ସ୍କ୍ରାପିଂ ଏବଂ ସ୍ପ୍ରେ ପେଣ୍ଟିଂ । **କାର୍ଯ୍ୟର ସ୍ଥାନ:** ଖଡ୍ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ- ଖଡ୍ଗପୁର, ଜିଲ୍ଲା- ପଶ୍ଚିମ ମେଦିନାପୁର, ପିନ୍- ୭୨୧୩୦୧ । **ପରିମାଣ:** ୧୪୪୦ କୋଚ୍ । **ଟେଣ୍ଡର ମୂଲ୍ୟ:** ₹୨,୪୦,୪୭,୯୨୮/- । **ଅମାନତ ରାଶି:** ₹୨,୭୦,୨୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ । **ଠିକା ଅବଧି:** ଏଲ୍ଓଏ ଜାରି ତାରିଖରୁ ୨୪ ମାସ । **ଠିକାର ପ୍ରକାର:** ସ୍ୱାଭାବିକ ଖୋଲା କାର୍ଯ୍ୟ ଟେଣ୍ଡର । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୫।୧୨।୨୦୨୫ରିଖ ୧୫.୦୦ ଘଟିକାରେ । ଟେଣ୍ଡର ବିଜ୍ଞପ୍ତିର ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ ଇ-ପୋର୍ଟାଲ ୱେବ୍‌ସାଇଟ https://www.ireps.gov.in ରେ ଉପଲବ୍ଧ । (PR-828)



**OFFICE OF THE ENGINEER IN CHIEF**
**PUBLIC WORKS DEPARTMENT, NAVA RAIPUR, ATAL NAGAR**
**(CENTRAL TENDER CELL)**
**E-Procurement Tender Notice**
**Main Portal: https://eproc.cgstate.gov.in**

Tenders are invited for the following works:

| S. No. | System Tender No./Date | Name of Work | PAC Amount (Rupees in lacs) |
|---|---|---|---|
| 1 | 178428 - First Call 03.11.2025 | Construction of Kheda Junwani Road Length 3.75 Km. including Bridges & Culverts at Distt.: Bemetara (C.G.). | 368.30 |
| 2 | 178429 - First Call 03.11.2025 | Construction of Chhipa to Bade Kushmi Approach Road Length 1.50 Km. including Bridges & Culverts at Block Dongargarh Distt.: Rajnandgaon (C.G.). | 346.42 |
| 3 | 178467 - First Call 03.11.2025 | Construction of Main Road Dumarsindha approach road length 2.20 Km. | 224.41 |
| 4 | 178474 - First Call 03.11.2025 | Construction of Rabo to Aamborai (Odisha Border) Road length 2.00 Km. | 333.96 |
| 5 | 178476 - First Call 03.11.2025 | Strengthening of Tiwraiya - Raita - Kirna Road in Km. 1, 2, 3, 5, 6, 7, 8 & 11 = 8.00 Km. I/C Culverts at Distt.; Raipur (Vidhansabha Dn. Raipur). | 1244.57 |
| 6 | 178632 - First Call 03.11.2025 | Construction of Dhyanchand Chowk to Bajran Chowk 2 Lane CC Road Length 2.84 Km. | 2598.47 |
| 7 | 178648 - First Call 03.11.2025 | Construction of Shri Agrasen Gowshala Road Chattirma to Mendrakhurd Road length = 3.0 Km. (Actual Length = 2.55 Km.) Distt.: Ambikapur | 281.90 |
| 8 | 178711 - First Call 03.11.2025 | Construction of Narayanpur-Palli-Chotedongar Orchha C.C. Road/ Bridge from Km. 13.00 Km. 22.00 Length = 10.00 Km. | 2802.05 |
| 9 | 178667 - First Call 03.11.2025 | Construction of Narayanpur-Palli-Chotedongar Orchha C.C. Road/ Bridge from Km. 23.00 Km. 31.00 Length - 09.00 Km. | 2600.41 |
| 10 | 178690 - First Call 03.11.2025 | B.T. & CC Work in the area of Tatibandh-Jarvay-Hirapur-Sarona-Kota (Difference Routes) at Raipur, Length 6.745 Km. Distt.: Raipur | 447.52 |
| 11 | 178692 - First Call 03.11.2025 | Construction of Chandkhuri-Jawa-Mohndi Road, Length 5.50 Km. I/C Culverts at Raipur, Distt.: Raipur (DN No. 1, Raipur) | 1334.14 |
| 12 | 178703 Second Call 03.11.2025 | Construction of Cherakur to Kolebeda Road length 4.80 Km. including culverts, Dist.: Bastar | 464.98 |
| 13 | 178715 - First Call 03.11.2025 | Construction of Palnar-Phoolpad-Junapara Road, Length - 4.50 Km. with bridges & culverts (Balance Work) | 226.05 |
| 14 | 178716 Second Call 03.11.2025 | Construction of the H.L. Bridge i/c approach road across Mand River on Raimer-Saskoba Road (Balance Work) | 560.13 |
| 15 | 178822 Second Call 06.11.2025 | Construction of Kolyari D-3 (Pilari D-3) Canal Road to Hardibandh Main Road Length 2.30 Km. | 251.79 |
| 16 | 178823 Second Call 06.11.2025 | Construction of Hirriama to Badragarh Road Length 7.00 Km. (Actual Length 6.00 Km). i/c Bridge & Culvert work (Deposit Work) | 667.38 |
| 17 | 178827 Second Call 06.11.2025 | Construction of Patha to Khairbahri Dhanuharpara Road Length 4.00 Km. (Actual Length 1.80 Km.) Block Podiuproda | 209.17 |

Last date of tender downloading S. No. 12, S. No. 14 date 20.11.2025, S. No. 15 to S. No. 17 date 24.11.2025. Other tenders date are schedule as date 25.11.2025. For more details on the tender and bidding process please visit the above mentioned portal.

Sd./- Chief Engineer
(Central Tender Cell)
Office of Engineer in Chief
P.W.D. Nava Raipur, Atal Nagar

G-252604661/5



सीएमपीडीआई मिनी रत्न cmpdi Mini Ratna
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
Central Mine Planning & Design Institute Ltd.
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Ltd.)
गोन्दवाना प्लेस, काँके रोड, राँची 834008, झारखण्ड, भारत

**सूचना/NOTICE**

''सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कंपनियों द्वारा जारी सभी निविदाएं कोल इंडिया लिमिटेड की वेबसाइट www.coalindia.in/संबंधित अनुषंगी कंपनी (सीएमपीडीआई,www.cmpdi.co.in), सीआईएल ई-प्रोक्योरमेंट पोर्टल https://coalindiatenders.nic.in एवं सेंट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध है। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है।''/"All the tenders issued by CIL and its Subsidiaries for Procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in in addition, procurement is also done through GeM portal https://gem.gov.in"



भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No.20/2025-26 Date: 12.11.2025

**वॉक–इन–इंटरव्यू**

भा.कृ.अनु.प–केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01 (एक) यंग प्रोफेशनल-I** पद की भर्ती हेतु दिनांक **24.11.2025 को पू. 10.00** बजे चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट **http://www.cifa.nic.in**

**WALK-IN INTERVIEW**

A Walk-in-Interview will be held on **24.11.2025 at ICAR-CIFA, Bhubaneswar** at 10.00 A.M. for **01 (One) no. of Young Professional-I (YP-I) at ICAR-CIFA, Bhubaneswar,** purely on contractual basis to work in Training Cell at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to ICAR-CIFA website: **http://www.cifa.nic.in.**

सहायक प्रशासनिक अधिकारी / **Asst. Administrative Officer**



**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/VP/O/SU/2500001092- PO for supply of Phantom Loading kit for Meter Testing in TPWODL.**
2. **TPWODL/RP/O/SU/2500001088- PO for supply of CTPT ratio error tester.**

Interested bidders are to submit Tender Participation Fee and Authorization Letter through email on or before **22nd November 2025, 18:00Hrs,** respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head- Contracts & Procurement**


See Career Appointment on every Wednesday & Saturday


केनरा बैंक Canara Bank / सिंडिकेट Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ବଡପଡା ଶାଖା / ଋଣଗ୍ରହୀତା/ ସହ-ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନପିଏ ତାରିଖ (ଗ)ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ସୁଦ୍ଧା ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସଞ୍ଜୟ ସୂତାର,** ପିତା: ଶତ୍ରୁଘ୍ନ ସୂତାର / **ସହ-ଋଣଗ୍ରହୀତା: ଶ୍ରୀମତୀ ଶାନ୍ତିଲତା ସୂତାର,** ସ୍ୱାମୀ: ଶ୍ରୀ ସଞ୍ଜୟ ସୂତାର / **ଗ୍ୟାରେଣ୍ଟିଦାତା: ଗଣେଶ ପ୍ରସାଦ ଆଚାର୍ଯ୍ୟ,** ପିତା: ରାଧାଶ୍ୟାମ ଆଚାର୍ଯ୍ୟ, ସମସ୍ତଙ୍କ ଠିକଣା- ସା: ବଡପଡା, ପୋ: ବଡପଡା, ଜିଲ୍ଲା: କେନ୍ଦ୍ରାପଡା, ଓଡିଶା, ପିନ୍-୭୫୪୨୪୫ / **ଆକାଉଣ୍ଟ ନଂ.: ୮୦୪୧୧୪୦୦୦୦୦୩୦୧, ୮୦୪୧୯୭୪୦୦୦୦୧୦୩, ୧୬୦୦୦୨୨୨୫୪୬୪, ୧୨୫୦୦୮୭୩୯୬୧୮** | କ)ଟ.୨୫,୦୦,୦୦୦/- ଖ) ୦୬.୧୧.୨୦୨୫ ଗ) ୧୦.୧୧.୨୦୨୫ | ୧୦.୧୧.୨୦୨୫ ସୁଦ୍ଧା ଟ.୨୩,୯୨,୨୫୯.୯୦ + ସୁଧ ଏବଂ ସେବାବଦ ଖର୍ଚ୍ଚ | **ଶ୍ରୀ ସଞ୍ଜୟ ସୂତାର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨୬/୮୧, ପ୍ଲଟ୍ ନଂ.: ୧୧୨୬, କ୍ଷେତ୍ର: ଏକର୦.୦୧୦ ଡିସିମିଲି (ଘରବାରୀ), ପ୍ଲଟ୍ ନଂ.: ୧୧୨୧, କ୍ଷେତ୍ର: ଏକର୦.୦୫୦ ଡିସିମିଲି (ଘରବାରୀ), ପ୍ଲଟ୍ ନଂ.: ୧୧୨୨/୧୭୫୭, କ୍ଷେତ୍ର: ଏକର୦.୦୧୦ ଡିସିମିଲି (ଘରବାରୀ), ପ୍ଲଟ୍ ନଂ.: ୧୧୧୬, କ୍ଷେତ୍ର: ଏକର୦.୧୦୦ ଡିସିମିଲି (ଘରବାରୀ), ପ୍ଲଟ୍ ନଂ.: ୧୧୧୭, କ୍ଷେତ୍ର: ଏକର୦.୦୮୦ ଡିସିମିଲି (ବଗାୟତ) ଏବଂ ଖାତା ନଂ.: ୫୨୬/୬୪, ପ୍ଲଟ୍ ନଂ.: ୧୧୩୦, କ୍ଷେତ୍ର: ଏକର୦.୧୦ ଡିସିମିଲି (ଘରବାରୀ), ପ୍ଲଟ୍ ନଂ.: ୧୧୨୭, କ୍ଷେତ୍ର: ଏକର୦.୦୨୦ ଡିସିମିଲି (ଘରବାରୀ), **ସମୁଦାୟ କ୍ଷେତ୍ର: ଏକର୦.୨୮୦ ଡିସିମିଲି,** କିସମ: ଘରବାରୀ/ବଗାୟତ, ମୌଜା: ବଡପଡା, ଥାନା/ତହସିଲ ନଂ.: ୧୩୧, ଥାନା/ଏସ୍ଆରଓ/ତହସିଲ: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା, ଏହାର ଚାରିପାର୍ଶ୍ୱରେ ଉତ୍ତର: ବଳରାମ ଚକ୍ରବର୍ତ୍ତୀ, ଦକ୍ଷିଣ: ସୁନିଲ ଚକ୍ରବର୍ତ୍ତୀ, ପୂର୍ବ: ଶିବଶଙ୍କର ଚକ୍ରବର୍ତ୍ତୀ, ପଶ୍ଚିମ: ସଞ୍ଜୟ ସୂତାର |

ଆପଣ, ଉପରୋକ୍ତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଏହି ନୋଟିସ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । କଥିତ ଆକ୍ଟର ଉପଧାରା (୨) ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ବକେୟା ରାଶି ସମ୍ପୂର୍ଣ୍ଣଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି । କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି । ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

**ସ୍ଥାନ: କଟକ, ତାରିଖ: ୧୨.୧୧.୨୦୨୫**
**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

# ମିଲେଟ ଉତ୍କର୍ଷ ପାଇଁ ରାୟଗଡ଼ା ଜିଲା ପୁରସ୍କୃତ

ରାୟଗଡ଼ା,୧୨।୧୧(ଆଶିଷ ରଞ୍ଜନ ପଣ୍ଡା)

ଶ୍ରୀଅନ୍ନ ଅଭିଯାନ ଅନ୍ତର୍ଗତ ମିଲେଟ ଉତ୍କର୍ଷ ପାଇଁ ଶ୍ରେଷ୍ଠ କାର୍ଯ୍ୟ କରୁଥିବା ରାୟଗଡ଼ା ଜିଲାକୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କୃଷି ସଚିବ ଅରବିନ୍ଦ ପାଢ଼ୀ ପ୍ରମୁଖଙ୍କ ଉପସ୍ଥିତିରେ ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରାୟଗଡ଼ା ଜିଲାର ମିଲେଟ ଚାଷ, ପ୍ରସ୍ତୁତୀକରଣ ଓ ବିପଣନ ପ୍ରକ୍ରିୟାରେ ସର୍ବ ଉତ୍କୃଷ୍ଟ କାର୍ଯ୍ୟକୁ ସ୍ୱୀକାରକରେ। ଜିଲାର ସାମୂହିକ ଉଦ୍ୟମରେ ବିଶେଷକରି ମହିଳାମାନଙ୍କୁ ସଶକ୍ତ କରିବାରେ ରାୟଗଡ଼ାର ନିରନ୍ତର ନେତୃତ୍ୱକୁ ସ୍ୱୀକାର କରି ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜିଲାପାଳ କହିଛନ୍ତି। ରାୟଗଡା ଜିଲାର ପାରମ୍ପରିକ ଓ ଉଦ୍ଭିଦ ମିଲେଟଗୁଡ଼ିକୁ ଉତ୍ସାହିତ କରିବା, ମହିଳା ଚାଷୀଙ୍କୁ ସମର୍ଥନ ମିଳିବା, ଚାଷୀଙ୍କୁ ବଜାର ସହିତ ସଂଯୋଗ କରିବା ଆଦିକୁ ସୂଚାଉଛି। ଏହା ଜିଲାକୁ ମିଲେଟ ନିର୍ଭର ଗ୍ରାମୀଣ ପରିବର୍ତ୍ତନରେ ଏକ ମଡେଲ ଭାବେ ପରିଣତ କରିବାରେ ମହତ୍ତ୍ୱପୂର୍ଣ୍ଣ ମାଇଲଷ୍ଟୋନ। ଜିଲା ପ୍ରଶାସନ, କୃଷି ବିଭାଗ, ସମସ୍ତ ଚାଷୀ, ସ୍ୱୟଂ ସହାୟକ ଗ୍ରୁପ୍, କୃଷକ ଉତ୍ପାଦକ ସଂଗଠନ ସାମୂହିକ ଉଦ୍ୟମ ଯୋଗୁ ଜିଲାକୁ ଏହି ପୁରସ୍କାର ମିଳିଥିବା ଜିଲାପାଳ କହିଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ରାୟଗଡ଼ା ଜିଲାରେ ୧୩ ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ ହେଉଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଥିଲେ। ହେକ୍ଟର ପିଛା ଚାଷୀଙ୍କ ପାଇଁ ୧୦ ହଜାର ୮୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ମାଣ୍ଡିଆ ବିକ୍ରିପାଇଁ ୨୦ଟି ମଣ୍ଡି ଜିଲାରେ ସ୍ଥାପନ ହୋଇଥିବା କହିଛନ୍ତି।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ରାୟଗଡ଼ା ଜିଲାପାଳ ପୁରସ୍କାର ଗ୍ରହଣ କରୁଛନ୍ତି।

# ଫେସ୍‌ବୁକ୍‌ରେ ଜିଲାପାଳଙ୍କ ନାଁରେ ନକଲି ଆକାଉଣ୍ଟ

## ପୋଲିସକୁ ସୂଚନା ଦେଲେ ଜିଲାପାଳ

ରାୟଗଡ଼ା,୧୨।୧୧(ଆଶିଷ ରଞ୍ଜନ ପଣ୍ଡା)

ସାଇବର ଅପରାଧୀମାନେ ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନାଁରେ ଏକ ନକଲି ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ଜିଲାର ଜନସାଧାରଣଙ୍କୁ ଭୁଆଁ ବୁଲାଉଛନ୍ତି । ରାୟଗଡ଼ା ସହରର ଜଣେ ଯୁବକ ଅଂଶୁମାନ ପଟ୍ଟନାୟକ ଏ ନେଇ ସୂଚନା ଦେଇଛନ୍ତି। ଅଂଶୁମାନଙ୍କ କହିବାନୁସାରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନାମ ଓ ଫଟୋ ରହିଥିବା ଏକ ଫେସ୍‌ବୁକ୍ ପ୍ରୋଫାଇଲରୁ ବନ୍ଧୁତା ପାଇଁ ତାଙ୍କୁ ଅନୁରୋଧ ଆସିଥିଲା । ଅଂଶୁମାନ ଏହା ଜିଲାପାଳଙ୍କ ସୋସିଆଲ ମିଡ଼ିଆ ଆକାଉଣ୍ଟ ଭାବି ବନ୍ଧୁତା ଅନୁରୋଧକୁ ଗ୍ରହଣ ପୂର୍ବକ ଉକ୍ତ ଆକାଉଣ୍ଟ ସହ ଯୋଡ଼ି ହୋଇଥିଲେ । ଏହାପରେ ଉକ୍ତ ଆକାଉଣ୍ଟରୁ ଫେସବୁକ ମେସେଞ୍ଜର ମାଧମରେ ଅଂଶୁମାନଙ୍କୁ ନମସ୍କାର ସହିତ ମୋବାଇଲ ନମ୍ବର ମାଗିଥିଲେ । ଏଥିସହ ଉକ୍ତ ଆକାଉଣ୍ଟରୁ ଏକ ମେସେଜ୍ ଆସିଥିଲା, ତାଙ୍କର ଜଣେ ବନ୍ଧୁ ଜିଲାରେ ସିଆର୍‌ପିଏଫ୍ ଅଫିସର ଅଛନ୍ତି। ତାଙ୍କର ବଦଳି ହୋଇଯିବା କାରଣରୁ ସମସ୍ତ ଘରକରଣା ସାମଗ୍ରୀ ବିକ୍ରି କରିଦେବେ କହୁଛନ୍ତି । ତେଣୁ ଆପଣ ଯଦି କିଣିବାକୁ ରାଜି ତେବେ ସେ ଆପଣଙ୍କୁ ଫୋନ କରିବେ ବୋଲି ମେସେଜରେ ଉଲ୍ଲେଖ କରିଛନ୍ତି । ହେଲେ ପରବର୍ତ୍ତୀ ସମୟରେ ଅଂଶୁମାନଙ୍କୁ ସନ୍ଦେହ ହେବାରୁ ସେ ଏ ନେଇ ଗଣମାଧମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ । ଖବରଦାତାମାନେ ଏ ନେଇ ଜିଲାପାଳଙ୍କୁ ସୂଚନା ଦେବା ପରେ ଜିଲାପାଳ କୁଲକର୍ଣ୍ଣି ପୋଲିସକୁ ଏହାର ଯାଞ୍ଚକରି ଉକ୍ତ ଆକାଉଣ୍ଟକୁ ସୋସିଆଲ ମିଡ଼ିଆରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଏ ନେଇ ଏସପି ସ୍ୱାଥୀ ଏସ.କୁମାରଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଏ ନେଇ ଫେସବୁକକୁ ଏହାର ସୂଚନା ଦିଆଯିବା ସହିତ ତଥ୍ୟ ମଗାଯାଇଛି ବୋଲି କହିଛନ୍ତି ।




ମେସେଞ୍ଜରରେ ଆସିଥିବା ମେସେଜ୍।

# ପଦ୍ମପୁର ବ୍ଲକ୍‌ର ମେଧାବୃତ୍ତି ତାଲିକା ପ୍ରକାଶ

ପଦ୍ମପୁର,୧୨।୧୧(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍‌ର ଚଳିତ ଶିକ୍ଷା ବର୍ଷର ୩ୟ ଓ ୫ମ ଶ୍ରେଣୀର ମେଧା ବୃତ୍ତି ତାଲିକା ପଦ୍ମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ରାଙ୍କ ୧୭୩୫/୨୦୨୫ ଅନୁସାରେ ପ୍ରକାରେ ପ୍ରକାଶିତ ହୋଇଛି। ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ୫ମ ଶ୍ରେଣୀର ପରୀକ୍ଷା ଦେଇଥିବା ୭୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ଜଣ ଏବଂ ୩ୟ ଶ୍ରେଣୀର ୧୦୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ ଜଣଙ୍କୁ ମେଧା କ୍ରମେ ଚୟନ କରାଯାଇ ଫଳାଫଳ ପ୍ରକାଶ କରାଯାଇଛି। ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ହେଲେ କଦମାଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ କିରଣ ସାହୁ, ଉପରଜୁମୁରୁଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଅଭିଷେକ ସାହୁ ଓ ସାଗର ସାହୁ, ପଦ୍ମପୁର ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ସାଇ ସମ୍ପୂର୍ଣ୍ଣା ସାହୁ ,ସ୍ନେହାପ୍ରଭା ସାହୁ, ଶିବାଙ୍ଗି ପାଣିଗ୍ରାହୀ, କେନ୍ଦୁଗୁଡା ସରସ୍ୱତୀ ଶିଶୁ ମନ୍ଦିରର ଯଶୋବନ୍ତି ସେନାପତି। ସେହିପରି ୩ୟ ଶ୍ରେଣୀ ମେଧା ବୃତ୍ତିରେ ପଦ୍ମପୁର ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ରାଜେଶ୍ୱରୀ ଗୌଡ଼, ଜଗମଣ୍ଡା ବିଦ୍ୟାଳୟର ଆଶାରାଣୀ ସାହୁ, ପଦ୍ମପୁର ଶିଶୁ ମନ୍ଦିରର ଆରାଧ୍ୟା ପାଣିଗ୍ରାହୀ, ସରକାରୀ ଲାଉଗୁଡା ବିଦ୍ୟାଳୟର ଦିଲେଶ୍ୱର ଶବର, ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କେ. ଚନ୍ଦ୍ରଶେଖର ଆଚାରୀ, ବିରିପଦର ସରକାରୀ ବିଦ୍ୟାଳୟର ପ୍ରିନ୍ସ ଲିମା, ଆମ୍ବାବାଡି ସରକାରୀ ବିଦ୍ୟାଳୟର ଜୟଦୀପ ମାଣ୍ଡାଙ୍ଗି କୃତିତ୍ୱ ହାସଲ କରିଛନ୍ତି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷାକଲେ ସିଡିଓ

## ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ



ସିଡିଓ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ନିର୍ମାଣାଧୀନ ରାସ୍ତା କାର୍ଯ୍ୟ ସ୍ଥିତି ଦେଖୁଛନ୍ତି।

ଗୁଡ଼ାରି,୧୨।୧୧(ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ବୁଧବାର ଗୁଡାରି ବ୍ଲକ୍ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ସେ କଦମା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନକରି ସମୀକ୍ଷା କରିଥିଲେ। ପରେ ନୀଳାଗୁଡା ଗ୍ରାମକୁ ଯାଇ ଆବାସ ଯୋଜନାରେ ଜାରି ରହିଥିବା ଗୃହ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ଯେଉଁ ହିତାଧିକାରୀ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିନାହାନ୍ତି, ସେମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ସରକାରଙ୍କ ତରଫରୁ ମିଳୁଥିବା ପ୍ରୋତ୍ସାହନ ରାଶି ନେବାକୁ ପରାମର୍ଶ ଦେଇଥିଲେ। ଆବଶ୍ୟକସ୍ଥଳେ ବ୍ଲକ ପ୍ରଶାସନର ସମ୍ପୂର୍ଣ୍ଣ ସାହାଯ୍ୟ ନେବା ନିମନ୍ତେ ହିତାଧିକାରୀଙ୍କୁ କହିଥିଲେ। ଏହାପରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଚାଲିଥିବା ରାସ୍ତା କାର୍ଯ୍ୟ ତଦାରଖ କରିବା ସହ ରାସ୍ତା ପାର୍ଶ୍ୱରେ ଲାଗିଥିବା ବୃକ୍ଷରୋପଣ ଦେଖିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଚାଲିଥିବା କାର୍ଯ୍ୟର ସ୍ଥିତି ସମୀକ୍ଷା କରିଥିଲେ। ଏହାଛଡ଼ା ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଏହାପରେ ଗୁଡାରି ଏନ୍‌ଏସି ଅଫିସକୁ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଅଧିକାରୀଙ୍କ ଏହି ଗସ୍ତ ସମୟରେ ବିଡିଓ ସୁଚିସ୍ମିତା ବେହେରା, ଏପିଓ କୃପାକର ବାନାପାଲି, କନିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦେଶୀ ମଦ ଚାଲାଣବେଳେ ଚଢ଼ାଉ, ୨ ଗିରଫ

ଜୟପୁର, ୧୨।୧୧(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ବୁଧବାର ଚଢାଉ ବେଳେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଲକାପୁଟ ନୁଆଗୁଡା ଗ୍ରାମର ଜଗନ୍ନାଥ ହରିଜନ ଓ ରଣ୍ଡାପାଲ୍ଲିର ବିପ୍ର ବାଲା। ଚଢ଼ାଉବେଳେ ୨୮ ଲିଟର ଦେଶୀ ମଦ ଜବତ ହୋଇଥିଲା। ଅପରାହ୍ନ ୪ଟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରୀ ହିରନ ସୂଚନା ଦେଇଛନ୍ତି।

# ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍‌କୁ ଜାଳିଦେଲେ ଦୁର୍ବୃତ୍ତ

## ଗୋରୁ ବୋଝେଇ ଭ୍ୟାନ୍ ଧକ୍କାରେ ଜଣେ ମୃତ,୩ ଗୁରୁତର ଘଟଣା

ରାୟଗଡ଼ା,୧୨।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଶେଷଖାଲ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଛକରେ ମଙ୍ଗଳବାର ୪ ଜଣ ବ୍ୟକ୍ତି ଛିଡ଼ାହୋଇଥିବାବେଳେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଧକ୍କାଦେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଜଗନ୍ନାଥପୁର ଗ୍ରାମର ମୋହନ ଉଲ୍ଲାକା(୪୭) । ଗୁରୁତର ୩ ଜଣ ସନ୍ତୋଷ ସେନାପତି, କୁମୁନ୍ଦନ ହିମିରିକା ଓ କୁମୁଦିନୀ କୋଣ୍ଡାଗିରି ଏବେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତେବେ ଦୁର୍ଘଟଣା ପରେ ଓଲଟି ପଡ଼ିଥିବା ଭ୍ୟାନ୍‌କୁ ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଜାଳିଦେଇଛନ୍ତି। ବୁଧବାର ସକାଳୁ ପୋଡ଼ିଯାଇଥିବା ଭ୍ୟାନ୍ ନଜରକୁ ଆସିଥିଲା। ଏହାପରେ ଶେଷଖାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ କିଏ ଏହି ଭ୍ୟାନ୍ ଜାଳିଦେଲେ ତାହା ସ୍ପଷ୍ଟହୋଇ ନ ଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।



ଜଳିଯାଇଥିବା ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍।

# ନିଆଁ ଲାଗି ଜଳିଗଲା ୩ ଧାନଗଦା

ଡାବୁଗାଁ, ୧୨।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ କେରଣ୍ଡୀ ଗ୍ରାମରେ ବୁଧବାର ଅପରାହ୍ନ ୧ଟାରେ ୩ ଟି ଧାନ ଗଦାରେ ନିଆଁ ଲାଗିଯାଇଥିଲା ଜଳିଯାଇଛି। କେରଣ୍ଡି ଗ୍ରାମର ସନସାଏ ବିନ୍ଧାଣି ଏବଂ ମାନସିଂ ବିନ୍ଧାଣିଙ୍କ ଖଳାରେ ଥିବା ୩ ଟି ଧାନ ଗଦାରେ ନିଆଁ ଲାଗି ଯାଇଥିଲା। ଲୋକେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିବା ସହ ଡାବୁଗାଁ ଅଗ୍ନିଶମ କେନ୍ଦ୍ରକୁ ଫୋନ କରିଥିଲେ। ଖବରପାଇ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଚାଷୀଙ୍କ ସମସ୍ତ ଫସଲର ଯାହାକି ପ୍ରାୟ ୧ଲକ୍ଷ ଟଙ୍କାରୁ ଅଧିକ ହେବ ତାହା ନଷ୍ଟ ହୋଇଯାଇଛି।

# ସ୍କୁଲ ପକ୍ଷରୁ ବଣ୍ଟାଯାଇଥିବା ପୋଷାକ ଫେରସ୍ତ ନେଲେ

## ବିଷମକଟକ ବ୍ଲକ୍‌ରେ ନିମ୍ନମାନର ପୋଷାକ ବଣ୍ଟନ ଘଟଣା

ବିଷମକଟକ, ୧୨।୧୧(ପ୍ରସନ୍ନ କୁମାର ପଣ୍ଡା) -ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ର ସମସ୍ତ ବିଦ୍ୟାଳୟରେ ନିମ୍ନମାନର ପୋଷାକ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଥିଲା। ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିବା ପୋଷାକରେ ସରକାରୀ ଲୋଗୋ ଲଗାଯାଇ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଗତ ୭ ତାରିଖରେ ଧରିତ୍ରୀରେ ‘ବିଷମକଟକ ବ୍ଲକ୍‌ରେ ନିମ୍ନମାନର ପୋଷାକ ବଣ୍ଟନ ଅଭିଯୋଗ’ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ରାୟଗଡ଼ା ଜିଲା ଶିକ୍ଷା ବିଭାଗ ତତ୍ପର ହୋଇଛନ୍ତି। ବିଷମକଟକ ବ୍ଲକ୍‌ରେ ଯେଉଁ ପୋଷାକ ବଣ୍ଟନ କରାଯାଇଛି,ତା’ର ତଦନ୍ତ କରିବା ପାଇଁ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବିଷମକଟକ ବ୍ଲକ୍ ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନି ବିଷମକଟକ ବ୍ଲକ୍ ଦାୟିତ୍ୱରେ ଥିବା ସମସ୍ତ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ଡକାଇ ଏକ ବୈଠକକରି ବିନା ସରକାରୀ ଲୋଗୋରେ ପୋଷାକ ବଣ୍ଟନ କରାଯାଇଥିବା ପୋଷାକ ଫେରସ୍ତ କରିଛନ୍ତ ଏବଂ ସେହି ପୋଷାକରେ ସରକାରୀ ଲୋଗୋ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନି କହିଛନ୍ତି, ୧ ସପ୍ତାହ ମଧ୍ୟରେ ବିଷମକଟକ ବ୍ଲକ୍‌ର ସମସ୍ତ ବିଦ୍ୟାଳୟରେ ସରକାରୀ ଲୋଗୋ ଲଗାଇ ପୋଷାକ ବଣ୍ଟନ କରାଯିବ। ପୁନର୍ବାର ଏପରି ଭୁଲ୍ କେବେ ହେବନାହିଁ। ଏହି ଲୋଗୋ ସମ୍ପର୍କରେ ମୋ ପାଖରେ କିଛି ଖବର ନ ଥିଲା। ଆପଣମାନେ ଆମକୁ ସୂଚନା ଦେଇଥିବାରୁ ଧନ୍ୟବାଦ ବୋଲି କହିଛନ୍ତି।

ଫଟୋ- ଜଣେ ମହିଳା ପିଲାଙ୍କ ପୋଷାକରେ ଲୋଗୋ ଲଗାଉଛନ୍ତି।



ଜଣେ ଯୁବତୀ ପିଲାଙ୍କ ପୋଷାକରେ ଲୋଗୋ ଲଗାଉଛନ୍ତି।

# ନାଗାବଳୀ ଲାଏନ୍ସ କ୍ଲବ୍ ପକ୍ଷରୁ ମଧୁମେହ, ରକ୍ତଚାପ ପରୀକ୍ଷା



ଶିବିରରେ ଜଣେ ମହିଳାଙ୍କ ରକ୍ତ ପରୀକ୍ଷା କରାଯାଉଛି।

ରାୟଗଡ଼ା,୧୨।୧୧(ଆଶିଷ ରଞ୍ଜନ ପଣ୍ଡା)

ନାଗାବଳୀ ଲାଏନ୍ସ କ୍ଲବ ପକ୍ଷରୁ ରାୟଗଡ଼ା ସହରର ନିକଟବର୍ତ୍ତୀ ଗୁରୁମଗୁଡ଼ାଠାରେ ବୁଧବାର ମାଗଣା ମଧୁମେହ ଓ ରକ୍ତଚାପ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅଞ୍ଚଳର ପ୍ରାୟ ୬୦ଜଣ ବୃଦ୍ଧାବୃଦ୍ଧଙ୍କ ମଧୁମେହ ଓ ରକ୍ତଚାପ ପରୀକ୍ଷା କରାଯାଇଥିଲା । ଉଚ୍ଚ ରକ୍ତଚାପ ଓ ମଧୁମେହ ଲକ୍ଷଣ ଚିହ୍ନଟ ବ୍ୟକ୍ତିବିଶେଷଙ୍କୁ ନିଜ ଖାଦ୍ୟାଭ୍ୟାସ ଓ ସ୍ୱାସ୍ଥ୍ୟ ପାଇଁ ଯତ୍ନଶୀଳହେବା ପାଇଁ ପରାମର୍ଶ ଦିଆଯାଇଥିଲା । ଏଥିସହ ସେମାନଙ୍କୁ ଆବଶ୍ୟକ ଚିକିତ୍ସା ପ୍ରଦାନ କରିବା ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍‌ର ଡାକ୍ତରଙ୍କୁ ଅନୁରୋଧ କରାଯାଇଥିବା କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଏକ ଘରୋଇ କ୍ଲିନିକର ଲାବ୍ ଟେକ୍ନିସିଆନ ଯୋଗଦେଇ ବୃଦ୍ଧାବୃଦ୍ଧଙ୍କ ମଧୁମେହ ଓ ରକ୍ତଚାପ ପରୀକ୍ଷା କରିଥିଲେ । ଏହି ଶିବିରରେ ଗ୍ରାମର ମୁଖିଆ ସିନା ମାଝିଙ୍କ ସମେତ ନାଗାବଳୀ ଲାଏନ୍ସ କ୍ଲବର ପ୍ରତିଷ୍ଠାତା ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତି, ସମ୍ପାଦକ ଡ. ବିପିନ ବିହାରୀ ବିଶ୍ୱାଳ, କୋଷାଧ୍ୟକ୍ଷ ସୁଦର୍ଶନ ପାଢ଼ୀ, ସଭ୍ୟ ମନ୍ମଥ ଡୁକ, ଜଗଦୀଶ ଚନ୍ଦ୍ର ଦୋରା, ରାଜେନ୍ଦ୍ର ସାହୁ, ଲାବଣ୍ୟ ମୋହନ ପଟ୍ଟନାୟକ, ପ୍ରଦିପ୍ତ ପାତ୍ର, ରବି ନାରାୟଣ ଶତପଥୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ରାସ୍ତା ପାଇଁ ବଳିପଡ଼ିବ ୯ ହଜାର ଗଛ

## ଗଛ ନ କାଟି ସ୍ଥାନାନ୍ତର ଦାବି

ନବରଙ୍ଗପୁର,୧୨।୧୧(ସଦାଶିବ ପ୍ରହରାଜ)

ଗୋଟିଏ ବିକାଶ ଅନ୍ୟପଟେ ପରିବେଶ କ୍ଷତି। ବାଇପାସ୍ ରାସ୍ତା ପାଇଁ ବଳି ପଡ଼ିବ ପ୍ରାୟ ୯ ହଜାର ଗଛ। ନବରଙ୍ଗପୁର ସହରର ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ୧୬୮.୫୮କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଛି ବାଇପାସ୍ ରାସ୍ତା। ୯.୧୨କିଲୋମିଟର ଲମ୍ବ ବିଶିଷ୍ଟ ୨ଟି ବର୍ଗରେ ୪ ଓ ୨ଲାଇନ୍ ବିଶିଷ୍ଟ ରାସ୍ତା ତିଆରି ହେବ। ଏହି ରାସ୍ତା ପାଇଁ ଜଙ୍ଗଲ ଆଇନ ପରିଧି ଭିତର ଓ ଜଙ୍ଗଲ ଆଇନ ପରିଧି ବାହାରେ ପ୍ରାୟ ୯ ହଜାରରୁ ଉର୍ଦ୍ଧ ଗଛ କଟାଯିବ ବୋଲି ଏନଏଚ୍ କେସିଙ୍ଗା ଡିଭିଜନର ନବରଙ୍ଗପୁର ଅଞ୍ଚଳର ଏସ୍‌ଡିଓ ସୂର୍ଯ୍ୟ ଛତରିଆ କହିଛନ୍ତି। ଯାହାକୁ ନେଇ ଗଛଗୁଡ଼ିକୁ ନ କାଟି ସ୍ଥାନାନ୍ତର କରିବା ପାଇଁ ଦାବି ଉଠିଛି ।

ନବରଙ୍ଗପୁର ସହରର ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ୧୬୮.୫୮କୋଟି ଟଙ୍କା ବ୍ୟୟରେ ତିଆରି ହେଉଛି ବାଇପାସ୍ ରାସ୍ତା। ବାଇପାସ୍ ରାସ୍ତାଟି ଜୟପୁର ଆଡରୁ ଆସୁଥିବା ଏନ୍‌ଏଚ୍ ୨୦୬ର ଡାଇଭଙ୍ଗା ଗାଁ ପାର୍ଶ୍ୱ ଦେଇ ଜିଲା ଦୌରାଜଜ୍ କୋର୍ଟ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ମଧଭାଗ ଦେଇ ମାଝୀଗୁଡାସ୍ଥିତ ଏସପିଙ୍କ କାର୍ଯ୍ୟାଳୟ ଦେଇ ପାତ୍ରମୁଣ୍ଡ ଗାଁ ନିକଟସ୍ଥ ଏନ୍‌ଏଚ୍‌ରେ ସଂଯୋଗ ହେବ। ୯.୧୨କିଲୋମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତାରେ ବେସରକାରୀ, ସରକାରୀ ଜମି ଓ ଗଛ ଆଦି ରହିଛି। ରାସ୍ତାର ଆରମ୍ଭ ଓ ଶେଷରେ ୪ଲାଇନ୍ ବିଶିଷ୍ଟ ୩୦୦ମିଟର ଯାଏ ରହିବ। ବଳକା ସାଢ଼େ ୮କିଲୋମିଟର ୨ ଲାଇନରେ ରାସ୍ତା ୧୨ମିଟର ଓସାରରେ ନିର୍ମାଣ ହେବ। ୨୦୨୬ ଜାନୁଆରୀ ସୁଦ୍ଧା ନିର୍ମାଣ କାମ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ରାସ୍ତା ନିର୍ମାଣ ପାଇଁ ସରକାରୀ ଓ ବେସରକାରୀ ପ୍ରାୟ ୯ ହଜାରରୁ ଉର୍ଦ୍ଧ୍ୱ ଗଛ କଟାଯିବାକୁ ନେଇ ଚିହ୍ନଟ ହୋଇଛି। ତେବେ ଚିହ୍ନଟ ହୋଇଥିବା ଗଛ ମଧ୍ୟରେ ରିଜର୍ଭ ଫରେଷ୍ଟ ଜମିରେ ୧୨୩୭, ସରକାରୀ ଜମିରେ ୩୫୨, ଫରେଷ୍ଟ ଏରିଆ ଜମିରୁ ୮୬ ଓ ବେସରକାରୀ ଜମିରୁ ୭୪୬ ଅର୍ଥାତ ଜଙ୍ଗଲ ଆଇନ ପରିଧି ମଧ୍ୟରେ ୨୪୨୧ଟି ଗଛ କାଟିବା ପାଇଁ ଚିହ୍ନଟ କରାଯାଇଛି। ଏହାସହ ଜଙ୍ଗଲ ଆଇନ ପରିଧି ବାହାରେ ପ୍ରାୟ ୬ ହଜାରରୁ ଉର୍ଦ୍ଧ୍ୱ ଗଛ ମଧ କଟାଯିବ। ଯାହାକୁ ସାଧାରଣରେ ନାପସନ୍ଦ କରାଯାଇଛି। ବିକାଶ ଆଳୁଆଳରେ ବିନାଶ ନ କରିବା କରିବାକୁ ପରିବେଶବିତ୍‌ମାନେ ଆହ୍ୱାନ ଦେଇଛନ୍ତି। ତେବେ ରାସ୍ତା ଉନ୍ନୟନ ଆବଶ୍ୟକ। କିନ୍ତୁ ପ୍ରତିଟି ଗଛ କାଟିବା ସହ ନୂଆ ଗଛ ଲଗାଇବା, ଗ୍ରିନ୍ କରିଡୋର ରଖିବା ଓ ପରିବେଶ ସୁସମତା ରଖିବା ଅତ୍ୟାବଶ୍ୟକ ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ଗଛ କଟାଯାଇନାହିଁ। କଟା ଯିବାକୁ ଥିବା ଗଛ ବଦଳରେ ଦ୍ୱିଗୁଣିତ ଗଛ ଲଗାଯିବ ବୋଲି ଏନ୍ ଏଚ୍ ଏସ୍‌ଡିଓ ସୂର୍ଯ୍ୟ ଛତରିଆ କହିଛନ୍ତି।

# ମତ୍ସ୍ୟ, ପ୍ରାଣିସମ୍ପଦ ମେଳାରେ ସଫଳ ଚାଷୀ ସମ୍ବର୍ଦ୍ଧିତ

ପଦ୍ମପୁର,୧୨।୧୧(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଖିଲାମଣ୍ଡା ଆର୍‌ଏମ୍‌ସି ପରିସରରେ ବୁଧବାର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ପରିଷଦ ତରଫରୁ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ମୃଣ୍ମୟ କୁମାର ପଣ୍ଡା, ସଭାପତି ଭାବେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧକ୍ଷ ମଣିମାଳା ଶବର, ପଞ୍ଚାୟତ ସମିତି ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ଏମ୍‌ପି ପ୍ରତିନିଧି ମାଝୀ ସୁରେଶ କୁମାର, ପଦ୍ମପୁର ତହସିଲଦାର ଶୁଭାଶିଷ ଶତପଥୀ, ଜିଲା ପରିଷଦ ସଦସ୍ୟ ରବିନାରାୟଣ ଆଚାର୍ଯ୍ୟ, ପଦ୍ମପୁର ପ୍ରାଣୀ ଧନ ଚିକିତ୍ସାଧିକାରୀ ଡାକ୍ତର ସୁକାନ୍ତ କୁମାର ସାହୁ, ଜିଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ମେଳାରେ ବିଭାଗୀୟ ଅଧିକାରୀମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତଥା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ କଲ୍ୟାଣ ଯୋଜନା, ଜାତୀୟ ପ୍ରାଣୀଧନ ମିଶନ ଉପରେ ଚାଷୀଙ୍କୁ ଅବଗତ କରିଥିଲେ। ମେଳାରେ ମିଶନ ଶକ୍ତି, ମିଲେଟ ମିଶନ, ଆଇସିଡିଏସ୍ ପ୍ରାଣୀ ବିଭାଗ ଓ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲଗୁଡିକ ପ୍ରଦର୍ଶନ କରାଯାଇଥିଲା। ସଫଳ ପ୍ରାଣୀ ପାଳକ ଓ ମତ୍ସ୍ୟ ଚାଷୀଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।




ଜଣେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସଂକ୍ଷେପରେ

### ବିଡିଓ, ତହସିଲଦାରଙ୍କୁ ଦାବିପତ୍ର


ତହସିଲଦାର ଦାବିପତ୍ର ଗ୍ରହଣ କରୁଛନ୍ତି।

ନନ୍ଦାହାଣ୍ଡି, ୧୨।୧୧ (ପ୍ରତୀପ କୁମାର ଦାଶ)

ଜାତିଆଣ ମନୋଭାବ ରଖି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରୁ ବାଦ ଦିଆଯାଉଥିବା ଅଭିଯୋଗ କରି ଜଣେ ଯୁବକ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବିଡିଓ ଏବଂ ତହସିଲଦାରଙ୍କୁ ବୁଧବାର ଏକ ଦାବିପତ୍ର ଦେଇଛନ୍ତି। ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ପଞ୍ଚାୟତର ୟାର ଖାନଙ୍କ ପୁଅ ଅନୱର ଖାନ ଏହି ଅଭିଯୋଗ ଆଣି ଦାବିପତ୍ର ପ୍ରଦାନ କରିଛନ୍ତି।କେତେଜଣ ସରକାରୀ କର୍ମଚାରୀ ଓ ଲୋକପ୍ରତିନିଧି, ରାଜନୈତିକ ବ୍ୟକ୍ତି ମିଶି ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଯଥା ବିକଶିତ ଗାଁ ବିକଶିତ ଓଡିଶା, ପଞ୍ଚମ କେନ୍ଦ୍ରୀୟ ଆର୍ଥିକ କମିଶନ / ରାଜ୍ୟ ଆର୍ଥିକ କମିଶନ, ଅଣ ନିବାସୀ/ ଆବାସିକ ଯୋଜନା ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କାର୍ଯ୍ୟ କରିବାରୁ ବାଦ୍ ଦେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଜାତିଗତ ସମସ୍ୟା ଅସନ୍ତୋଷର ବାତାବରଣ ସୃଷ୍ଟି କରିବ ବୋଲି ଉଲ୍ଲେଖ ଅଛି। ତେଣୁ ଏହି ବିଷୟ ପ୍ରତି ବ୍ଲକ ପ୍ରଶାସନ ତଦନ୍ତ କରି ଉଚିତ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି। ଏ ନେଇ ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଓ ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆଙ୍କୁ ପଚାରିବାରୁ ସେମାନେ ଏହି ପ୍ରସଙ୍ଗରେ କିଛି ପଦକ୍ଷେପ ନେଇ ପାରିବେ ନାହିଁ। ତେଣୁ ଏହି ଦାବିପତ୍ର ବିଷୟରେ ଜିଲାପାଳ ଙ୍କୁ ଜଣେଇବେ ବୋଲି କହିଛନ୍ତି।

### ନିଆଁ ଲାଗି ଜଳିଗଲା ୩ ଧାନଗଦା



ଡାବୁଗାଁ, ୧୨।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ କେରଣ୍ଡୀ ଗ୍ରାମରେ ବୁଧବାର ଅପରାହ୍ଣ ୧ଟାରେ ୩ ଟି ଧାନ ଗଦାରେ ନିଆଁ ଲାଗିଯାଇଥିଲା ଜଳିଯାଇଛି। କେରଣ୍ଡି ଗ୍ରାମର ସନସାଏ ବିନ୍ଧାଣି ଏବଂ ମାନସିଂ ବିନ୍ଧାଣିଙ୍କ ଖଳାରେ ଥିବା ୩ ଟି ଧାନ ଗଦାରେ ନିଆଁ ଲାଗି ଯାଇଥିଲା। ଲୋକେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିବା ସହ ଡାବୁଗାଁ ଅଗ୍ନିଶମ କେନ୍ଦ୍ରକୁ ଫୋନ କରିଥିଲେ। ଖବରପାଇ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଚାଷୀଙ୍କ ସମସ୍ତ ଫସଲର ଯାହାକି ପ୍ରାୟ ୧ଲକ୍ଷ ଟଙ୍କାରୁ ଅଧିକ ହେବ ତାହା ନଷ୍ଟ ହୋଇଯାଇଛି। ଏଥିରେ ଡାବୁଗାଁ ଅଗ୍ନିଶମ କେନ୍ଦ୍ର ଭରପ୍ରାପ୍ତ ଅଗ୍ନିଶମ ଅଧିକାରୀ ହିମାଂଶୁ ଶେଖର ନାୟକ, ଏଲ୍‌ଏଫ୍‌ଏଫ୍ ଲକ୍ଷ୍ମୀଧର ଜାନୀ, ଏଫ୍‌ଏଫ୍‌ଡି ପ୍ରସନ୍ନ ବିଶ୍ୱାଳଙ୍କ ସମେତ ୪ ଜଣ ଅଗ୍ନିଯୋଦ୍ଧା ସାମିଲ ଥିଲେ।

# ରାସ୍ତା ପାଇଁ ବଳିପଡ଼ିବ ୯ ହଜାର ଗଛ

## ଗଛ ନ କାଟି ସ୍ଥାନାନ୍ତର କରିବା ଦାବି

ନବରଙ୍ଗପୁର,୧୨।୧୧(ସଦାଶିବ ପ୍ରହରାଜ)

ଗୋଟିଏ ବିକାଶ ଅନ୍ୟପଟେ ପରିବେଶ କ୍ଷତି। ବାଇପାସ୍ ରାସ୍ତା ପାଇଁ ବଳି ପଡ଼ିବ ପ୍ରାୟ ୯ ହଜାର ଗଛ। ନବରଙ୍ଗପୁର ସହରର ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ୧୬୮.୫୮କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଛି ବାଇପାସ୍ ରାସ୍ତା। ୯.୧୨କିଲୋମିଟର ଲମ୍ବ ବିଶିଷ୍ଟ ୨ଟି ବର୍ଗରେ ୪ ଓ ୨ଲାଇନ୍ ବିଶିଷ୍ଟ ରାସ୍ତା ତିଆରି ହେବ। ଏହି ରାସ୍ତା ପାଇଁ ଜଙ୍ଗଲ ଆଇନ ପରିଧି ଭିତର ଓ ଜଙ୍ଗଲ ଆଇନ ପରିଧି ବାହାରେ ପ୍ରାୟ ୯ ହଜାରରୁ ଉର୍ଦ୍ଧ ଗଛ କଟାଯିବ ବୋଲି ଏନଏଚ୍ କେସିଙ୍ଗା ଡିଭିଜନର ନବରଙ୍ଗପୁର ଅଞ୍ଚଳର ଏସ୍‌ଡିଓ ସୂର୍ଯ୍ୟ ଛତରିଆ କହିଛନ୍ତି। ଯାହାକୁ ନେଇ ଗଛଗୁଡିକୁ ନ କାଟି ସ୍ଥାନାନ୍ତର କରିବା ପାଇଁ ଦାବି ଉଠିଛି ।

ନବରଙ୍ଗପୁର ସହରର ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ୧୬୮.୫୮କୋଟି ଟଙ୍କା ବ୍ୟୟରେ ତିଆରି ହେଉଛି ବାଇପାସ୍ ରାସ୍ତା। ବାଇପାସ୍ ରାସ୍ତାଟି ଜୟପୁର ଆଡରୁ ଆସୁଥିବା ଏନ୍‌ଏଚ୍ ୨୦୬ର ଡାଇଭଙ୍ଗା ଗାଁ ପାର୍ଶ୍ୱ ଦେଇ ଜିଲା ଦୌରାଜଜ୍ କୋର୍ଟ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ମଧଭାଗ ଦେଇ ମାଝୀଗୁଡାସ୍ଥିତ ଏସପିଙ୍କ କାର୍ଯ୍ୟାଳୟ ଦେଇ ପାତ୍ରମୁଣ୍ଡ ଗାଁ ନିକଟସ୍ଥ ଏନ୍‌ଏଚ୍‌ରେ ସଂଯୋଗ ହେବ। ୯.୧୨କିଲୋମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତାରେ ବେସରକାରୀ, ସରକାରୀ ଜମି ଓ ଗଛ ଆଦି ରହିଛି। ରାସ୍ତାର ଆରମ୍ଭ ଓ ଶେଷରେ ୪ଲାଇନ୍ ବିଶିଷ୍ଟ ୩୦୦ମିଟର ଯାଏ ରହିବ। ବଳକା ସାଢ଼େ ୮କିଲୋମିଟର ୨ ଲାଇନରେ ରାସ୍ତା ୧୨ମିଟର ଓସାରରେ ନିର୍ମାଣ ହେବ। ୨୦୨୬ ଜାନୁଆରୀ ସୁଦ୍ଧା ନିର୍ମାଣ କାମ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ରାସ୍ତା ନିର୍ମାଣ ପାଇଁ ସରକାରୀ ଓ ବେସରକାରୀ ପ୍ରାୟ ୯ ହଜାରରୁ ଉର୍ଦ୍ଧ୍ୱ ଗଛ କଟାଯିବାକୁ ନେଇ ଚିହ୍ନଟ ହୋଇଛି। ତେବେ ଚିହ୍ନଟ ହୋଇଥିବା ଗଛ ମଧ୍ୟରେ ରିଜର୍ଭ ଫରେଷ୍ଟ ଜମିରେ ୧୨୩୭, ସରକାରୀ ଜମିରେ ୩୫୨, ଫରେଷ୍ଟ ଏରିଆ ଜମିରୁ ୮୬ ଓ ବେସରକାରୀ ଜମିରୁ ୭୪୬ ଅର୍ଥାତ ଜଙ୍ଗଲ ଆଇନ ପରିଧି ମଧ୍ୟରେ ୨୪୨୧ଟି ଗଛ କାଟିବା ପାଇଁ ଚିହ୍ନଟ କରାଯାଇଛି। ଏହାସହ ଜଙ୍ଗଲ ଆଇନ ପରିଧି ବାହାରେ ପ୍ରାୟ ୬ ହଜାରରୁ ଉର୍ଦ୍ଧ୍ୱ ଗଛ ମଧ କଟାଯିବ। ଯାହାକୁ ସାଧାରଣରେ ନାପସନ୍ଦ କରାଯାଇଛି। ବିକାଶ ଆଢୁଆଳରେ ବିନାଶ ନ କରିବା କରିବାକୁ ପରିବଶବିତ୍‌ମାନେ ଆହ୍ୱାନ ଦେଇଛନ୍ତି। ତେବେ ରାସ୍ତା ଉନ୍ନୟନ ଆବଶ୍ୟକ। କିନ୍ତୁ ପ୍ରତିଟି ଗଛ କାଟିବା ସହ ନୂଆ ଗଛ ଲଗାଇବା, ଗ୍ରିନ୍ କରିଡୋର ରଖିବା ଓ ପରିବେଶ ସୁସମତା ରଖିବା ଅତ୍ୟାବଶ୍ୟକ ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ଗଛ କଟାଯାଇନାହିଁ। କଟା ଯିବାକୁ ଥିବା ଗଛ ବଦଳରେ ଦ୍ୱିଗୁଣିତ ଗଛ ଲଗାଯିବ ବୋଲି ଏନ୍ ଏଚ୍ ଏସ୍‌ଡିଓ ସୂର୍ଯ୍ୟ ଛତରିଆ କହିଛନ୍ତି। ଏଥିସହ ବେସରକାରୀ ଜମି ମାଲିକଙ୍କୁ କ୍ଷତିପୂରଣ ଦିଆଯିବ। ଗଛ ନ କାଟି ସ୍ଥାନାନ୍ତର କରିବା ନେଇ ଜଙ୍ଗଲ ସଂରକ୍ଷଣ ଅଧିନିୟମ ଆଇନର ପରିଧି ମଧ୍ୟରେ ରହି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା କହିଛନ୍ତି।

# ପଞ୍ଚାୟତର ରାଜସ୍ୱ ବୃଦ୍ଧି ପାଇଁ ସରପଞ୍ଚ, ଅଧିକାରୀଙ୍କୁ ତାଲିମ


ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଜନପ୍ରତିନିଧି।

ମାଲକାନଗିରି, ୧୨।୧୧(ସୁଚିତ୍ରା ଦାସ)

ମାଲକାନଗିରି ଜିଲା ପ୍ରଶାସନ ତରଫରୁ ଜିଲାର ୭ଟି ବ୍ଲକ୍‌ରେ ସରପଞ୍ଚ, ପିଇଓ, ଏଡିଓ ଏଂ ଜିଆର୍‌ଏସ୍‌ଙ୍କୁ ନେଇ ଦକ୍ଷତା ବୃଦ୍ଧି ନେତୃତ୍ୱର ଗଠନ ମାଧ୍ୟମରେ ପଞ୍ଚାୟତର ନିଜ ରାଜସ୍ୱ ବୃଦ୍ଧି ନିମନ୍ତେ ଆୟୋଜିତ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମପଞ୍ଚାୟତର ବିକାଶ ଉଦ୍ଦେଶ୍ୟରେ ୪ଟି ବ୍ୟାଚ୍ ମାଧ୍ୟମରେ ୮ ଦିନିଆ ତାଲିମ ଶିବିରରେ ୨୧୬ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଜିଲା ପରିଷଦ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ କାଲିମେଳା, ପଡ଼ିଆ, କୋରୁକୋଣ୍ଡା, ଚିତ୍ରକୋଣ୍ଡା, ଖଇରପୁଟ, ମାଲକାନଗିରି ଏବଂ ମାଥିଲି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଏବଂ ଅଧିକାରୀ ଉପସ୍ଥିତ ରହି ତାଲିମ ନେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଡିଓ ନରେଶ ଚନ୍ଦ୍ର ଶବର, ସମ୍ମାନିତ ଅତିଥି ଭାବେ ଏପିଡି ମାନସ ମିଶ୍ର, ଅଶୋକ ସାହୁ ଉପସ୍ଥିତ ଥିଲେ। ପ୍ରୋଗ୍ରାମ ମ୍ୟାନେଜର ହିମାଂଶୁ ଭୂଷଣ ମହାରଣା ଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ। ଶିବିରରେ ତାଲିମଦାତା ଭାବରେ କସ୍‌ମସ୍ ତିର୍କୀ, ବିନାଶ କୁମାର ମିଶ୍ର, ଜଗନ୍ନାଥ ମଣ୍ଡଳ, ଶୁଭଲକ୍ଷ୍ମୀ ସାଇଁ, ସୁଜାତା ବିଶାସ ରହିଥିଲେ। ପରେ ଏହି ପ୍ରଶିକ୍ଷଣ ପାଇଥିବା ସମସ୍ତ ସରପଞ୍ଚ ଏବଂ ଅଫିସିଆଲମାନେ ନିଜ ନିଜ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନକରି ନିଜ ଜ୍ଞାନ ଓ ଅନୁଭବକୁ ବ୍ୟବହାରକରି ଗ୍ରାମପଞ୍ଚାୟତର ନିଜ ରାଜସ୍ୱ ବିକାଶର ଦାୟିତ୍ୱ ନେବେ। ବିନାଶ କୁମାର ମିଶ୍ରଙ୍କ ନେତୃତ୍ୱରେ ବିଷ୍ଣୁପ୍ରସାଦ ସାହୁ, ଏନ୍. ଅହଲ୍ୟା, ବିଶ୍ୱନାଥ ମଣ୍ଡଳ, ରାଜକୁମାର ଦୁରୁଆ, ନିପିନ୍ଦ୍ର ଦୁରୁଆ ଓ ଜିଲା ପରିଷଦ ଏବଂ ପଞ୍ଚାୟତ ସାଧନ କେନ୍ଦ୍ରର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶୋଭାଯାତ୍ରାରେ ସାଇବର ସୁରକ୍ଷା ବାର୍ତ୍ତା



ଶୋଭାଯାତ୍ରା ସହ ପରିକ୍ରମା କରୁଛି।

କୋଡ଼ିଙ୍ଗା, ୧୨।୧୧ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗାଠାରେ ବୁଧବାର ସାଇବର ସୁରକ୍ଷା ରଥକୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଗ୍ରାମବାସୀ, ଏସ୍‌ଏଚ୍‌ଜି ମହିଳା, ସ୍କୁଲ ଛାତ୍ରୀଛାତ୍ର ଏବଂ କୋଡ଼ିଙ୍ଗା ପୋଲିସ ସାଇବର ସଚେତନତା ନାରା ଦେଇ ନଗର ପରିକ୍ରମା କରିଥିଲେ। କୋଡ଼ିଙ୍ଗା ପଞ୍ଚାୟତ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଉପସ୍ଥିତ ଲୋକଙ୍କୁ ସାଇବର ଅପରାଧ ବିଷୟରେ ସଚେତନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ କୋଡ଼ିଙ୍ଗା ଥାନା ଅଧିକାରୀ ଯୁଗଳ ଶବର ଯୋଗ ଦେଇ ସାଇବର ଅପରାଧୀଙ୍କ କବଳରୁ ନିଜକୁ ସୁରକ୍ଷିତ ରଖିବା ବିଷୟରେ ଆଲୋଚନା କରିଥିଲେ। ସଭା ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା।

### ଦେଶୀ ମଦ ଚାଲାଣବେଳେ ଚଢାଉ, ୨ ଗିରଫ

ଜୟପୁର, ୧୨।୧୧(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ବୁଧବାର ଚଢାଉ ବେଳେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଲକାପୁଟ ନୁଆଗୁଡା ଗ୍ରାମର ଜଗନ୍ନାଥ ହରିଜନ ଓ ରଣ୍ଡାପାଲ୍ଲିର ବିପ୍ର ବାଲା। ଚଢ଼ାଉବେଳେ ୨୮ ଲିଟର ଦେଶୀ ମଦ ଜବତ ହୋଇଥିଲା। ଅପରାହ୍ଣ ୪ଟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରୀ ହିରନ ସୂଚନା ଦେଇଛନ୍ତି।

### ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍‌କୁ ଜାଳିଦେଲେ ଦୁର୍ବୃତ୍ତ

#### ଗୋରୁ ବୋଝେଇ ଭ୍ୟାନ୍ ଧକ୍କାରେ ଜଣେ ମୃତ,୩ ଗୁରୁତର ଘଟଣା

ରାୟଗଡ଼ା,୧୨।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଶେଷଖାଲ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଛକରେ ମଙ୍ଗଳବାର ୪ ଜଣ ବ୍ୟକ୍ତି ଛିଡ଼ାହୋଇଥିବାବେଳେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଧକ୍କାଦେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଜଗନ୍ନାଥପୁର ଗ୍ରାମର ମୋହନ ଉଲ୍ଲାକା(୪୭) । ଗୁରୁତର ୩ ଜଣ ସନ୍ତୋଷ ସେନାପତି, କୁମୁନ୍ଦନ ହିମିରିକା ଓ କୁମୁଦିନୀ କୋଣ୍ଡାଗିରି ଏବେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତେବେ ଦୁର୍ଘଟଣା ପରେ ଓଲଟି ପଡ଼ିଥିବା ଭ୍ୟାନ୍‌କୁ ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଜାଳିଦେଇଛନ୍ତି। ବୁଧବାର ସକାଳୁ ପୋଡ଼ିଯାଇଥିବା ଭ୍ୟାନ୍ ନଜରକୁ ଆସିଥିଲା। ଏହାପରେ ଶେଷଖାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ କିଏ ଏହି ଭ୍ୟାନ୍ ଜାଳିଦେଲେ ତାହା ସ୍ପଷ୍ଟହୋଇ ନ ଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।

# ମାଲକାନଗିରି ପ୍ରିମିୟମ ଲିଗ୍ ସିଜନ-୩ ଉଦ୍‌ଘାଟିତ


ଉଦ୍‌ଘାନୀ ମ୍ୟାଚର ବିଜେତା ଦଳ।

ମାଲକାନଗିରି,୧୨।୧୧(ସୁଚିତ୍ରା ଦାସ)

ମାଲକାନଗିରି ଡି.ଏନ୍.କେ ଖେଳ ପଡ଼ିଆରେ ଜଗଦୀଶ ରାଓ କ୍ରିକେଟ କ୍ଲବ୍ ପକ୍ଷରୁ ବୁଧବାର ମାଲକାନଗିରି ପ୍ରିମିୟର ଲିଗ୍- ୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଯୋଗଦେଇ ଅନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ କାଲିମେଳାର ମାହି ହୋଣ୍ଡା କିଙ୍ଗସ ଏକାଦଶ ଦଳ ଏମ.ଭି- ୭୯ର ସାବେରୀ ଟ୍ରାଇବାଲ ଯୋଦ୍ଧା ଦଳକୁ ୨୫ ରନ୍‌ରେ ପରାଜିତ କରିଛି । କାଲିମେଳାର ମାହି ହୋଣ୍ଡା କିଙ୍ଗସ ଏକାଦଶ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଟି ଉଇକେଟ ହରାଇ ମୋଟ ୧୮୧ ରନ୍ କରିଥିଲା । ଏହାର ଜବାବରେ ଏମ୍. ଭି-୭୯ର ସାବେରୀ ଟ୍ରାଇବାଲ ଯୋଦ୍ଧା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଟି ଉଇକେଟ ହରାଇ ମାତ୍ର ୧୫୬ ରନ ସଂଗ୍ରହ କରିଥିଲା । କାଲିମେଳାର ମାହି ହୋଣ୍ଡା କିଙ୍ଗସ ଏକାଦଶ ଦଳର ଦିନେଶ ହାଲବା ୨୪ଟି ବଲରେ ୨୭ ରନ କରି ୩ ଓଭରରେ ମାତ୍ର ୨୨ରନ ଦେଇ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜିଲା କ୍ରିକେଟ ଆସୋସିଏଶନ ସହଯୋଗରେ ତୃତୀୟ ଥର ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିବାରୁ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ୨୧ ତାରିଖରେ ହେବ। ବିଜେତା ଦଳକୁ ୧ ଲକ୍ଷ ୨୦ ହଜାର ପୁରସ୍କାର ରାଶି ଥିବାବେଳେ ରନର୍ ପାଇଁ ୯୦ ହଜାର ପୁରସ୍କାର ରାଶି ରହିଥିବା ଘୋଷଣା କରାଯାଇଛି।

# ଇଂଲିଶ୍ ବକ୍ତୃତାରେ ନନ୍ଦପୁରର ସ୍ୱନ୍ଦନା ପ୍ରଥମ

## ସାଇବର ସଚେତନତା କାର୍ଯ୍ୟକ୍ରମ

ନନ୍ଦପୁର,୧୨।୧୧(ତୁଷାର କାନ୍ତ ମହାନ୍ତି)



ସ୍ୱନ୍ଦନାଙ୍କୁ ପୁରସ୍କୃତ କରାଯାଉଛି।

ରାଜ୍ୟ ପୋଲିସ ବିଭାଗର ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କ୍ଷେତ୍ରାଞ୍ଚଳ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି ଓ ନୂଆପଡ଼ା ଜିଲାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୋଲିସ ବିଭାଗ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ନନ୍ଦପୁର ସିନ୍ଧେଦେବୀ ସ୍ନାତକ କଲେଜର ୧ମ ବର୍ଷର ଛାତ୍ରୀ ସ୍ୱନ୍ଦନା ଖିଲ ଡିଆଇଜି କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମିତ ମହାନ୍ତି, ମନୋବ୍ରତା ଶତପଥୀ, ସହକାରୀ ଆରକ୍ଷୀ ଅଧୀକ୍ଷକ ଭବାନୀ ପ୍ରଧାନ ଓ ଅଧ୍ୟାପକ ରବି ଶତପଥୀ ପ୍ରମୁଖ ଛାତ୍ରୀଙ୍କୁ ମାନପତ୍ର, ସ୍ମୃତି ଚିହ୍ନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କଲେଜ ଅଧକ୍ଷ ଅମର କୁମାର ମହାପାତ୍ର, ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ସହପାଠୀମାନେ ସ୍ୱନ୍ଦନାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଡାବୁଗାଁରେ ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ

ଡାବୁଗାଁ, ୧୨।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜନଜାତୀୟ ଗୌରବ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ବୁଧବାର ବିଡିଓ ଶରତ ମାଝି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ଡାବୁଗାଁ ବ୍ଲକରୁ କିପରି ହିତାଧିକାରୀମାନେ ଯୋଗ ଦେବେ ଓ କିପରି ଭାବେ ସୁଚାରୁରୂପେ କାର୍ଯ୍ୟକ୍ରମ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଡାବୁଗାଁ ବ୍ଲକର ଘୋଡ଼ାଖୁଣ୍ଟା ପଞ୍ଚାୟତ ଅଧୀନ କୁରୁପା ଗ୍ରାମରେ ଆସନ୍ତା ୧୫ ତାରିଖରେ ଜିଲା ସ୍ତରୀୟ ଜନଜାତିୟ ଗୌରବ ଦିବସ ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ତହସିଲଦାର ଗୀତା ମୁର୍ମୁ, ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶୁଭାଶିଷ ସାହୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ଅଙ୍ଗନୱାଡି ସୁପରଭାଇଜର ବିମଳା କୁମାରୀ ନାୟକ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରୋହିତ କିଶାନ, ବନପାଳ ଉମାକାନ୍ତ ପଟ୍ଟନାୟକ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ସରକାରୀ ସହାୟତାର ଲାଭ ଉଠାଇବାକୁ ପରାମର୍ଶ

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ଚନ୍ଦାହାଣ୍ଡି, ୧୨।୧୨(ଦିଲୀପ ଦାସ)


ଅତିଥିଙ୍କ ସହ ପରସ୍କୃତ ହୋଇଥିବା ମତ୍ସ୍ୟ ଚାଷୀ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ପିଙ୍କି ଶର୍ମା ଏବଂ ବ୍ଲକ ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଭାବଗ୍ରାହୀ ନାୟକଙ୍କ ତତ୍ତ୍ୱାବଧାନରେ ପାନାବେଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବୁଧବାର ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇ ଯାଇଛି। ଚନ୍ଦାହାଣ୍ଡି ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ନବରଙ୍ଗପୁର ଏମ୍‌ପିଙ୍କ ପ୍ରତିନିଧି ଆକାଲୁ ଜାଲି, ଝରିଗାଁ ବିଧାୟକଙ୍କ ପ୍ରତିନିଧି ଶ୍ୟାମସୁନ୍ଦର ମାଝୀ, ଜିଲା ପ୍ରାଣୀ ଚିକିତ୍ସାଧିକାରୀ ରାଧେଶ୍ୟାମ ଲାଇକ, ଜିଲା ମତ୍ସ୍ୟାଧିକାରୀ ବିଷ୍ଣୁ ମୋହନ କିସାନ, ଚନ୍ଦାହାଣ୍ଡି ବିଡିଓ ଚଇନୁ ରାମ ଗଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାଣୀ ଚିକିତ୍ସକ ଚାଷୀଙ୍କୁ ସଚେତନତା ଉପରେ ବୁଝାଇବା ସହ ସରକାରଙ୍କ ଦ୍ୱାରା ଦିଆଯାଉ ଥିବା ଋଣ ଏବଂ ଏହାର ରିହାତି ବାବଦରେ ବୁଝାଇ ଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ କଲ୍ୟାଣ ଯୋଜନା, ଜାତୀୟ ପ୍ରାଣୀଧନ ମିଶନ ଯୋଜନା ସହ ମାଛ ଚାଷର ବିଭିନ୍ନ ପ୍ରଣାଳୀ ଏହାର ଲାଭ ଏବଂ ଚାଷୀଙ୍କୁ ଦିଆଯାଉଥିବା ଋଣ ଏବଂ ରିହାତି ସମ୍ପର୍କରେ ଜିଲା ମତ୍ସ୍ୟ ଅଧିକାରୀ ବୁଝାଇଥିଲେ। ସଫଳ ଛେଳି ଚାଷୀ ଭାବରେ ପୂଜାରୀଗୁଡା ଗ୍ରାମର ପଦ୍ମନ ମାଳି, ବଏଲର ଚାଷୀ ହେମନ୍ତ ଧରୁଆ, ସଫଳ ଗୋରୁ ଚାଷୀ ସୁଶୀଲ ଦଣ୍ଡସେନା, ମଇଁଷି ଚାଷୀ ଭାବେ ସମୁନ୍ଦ ମାଝିଙ୍କୁ ପ୍ରୋତ୍ସାହନ ରାଶି ସହ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସେହିପରି ସଫଳ ମାଛ ଚାଷୀ ଭାବରେ ପୂଜାରୀଗୁଡ଼ା ମା ବୈଷ୍ଣବି ଏସ୍‌ଏଚ୍‌ଜି, ପୂଜାରୀଗୁଡା କୁଣ୍ଡ ମତ୍ସ୍ୟ ଚାଷୀ ଭାବେ ଗବ ପୂଜାରୀ, ଲକ୍ଷ୍ମୀ ବାଘ, କାଳେନ୍ଦ୍ରୀ ଧୋବା, ଦିବ୍ୟଲତା ନାୟକଙ୍କୁ ପୁରସ୍କୃତ କରାଯାଇ ଥିଲା। ଓମ୍‌ଫେଡ ଦୁଗ୍ଧ, ଶିଶୁ ବିଭାଗର କଞ୍ଚା ପନିପରିବା ମତ୍ସ୍ୟ ଖାଦ୍ୟ ଏବଂ ସାମଗ୍ରୀ, ଘାସ ଚାଷର ଷ୍ଟଲ ପକା ଯାଇଥିଲା। ସୂଚନାନୁଯାୟୀ ଏହା ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ହୋଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମ ଟିରେ ବ୍ଲକର ଜନପ୍ରତିନିଧି ତଥା ସମିତି ସଭ୍ୟାସଭ୍ୟଙ୍କୁ ନିମନ୍ତ୍ରଣ କରାନଯିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିରେ ପ୍ରଣୀଧନ ନିରୀକ୍ଷକ ମନୋଜ ବିଷୋୟୀ, ରୋହିଦାସ ନାୟକ,କାହ୍ନୁ ଜଗତ, ଡମାର ସାହୁ, ଗେଲ୍ଲୀ ପାଣିଗ୍ରାହୀ, କିରଣ ପତି, ବିକାଶ ଦାସ, ବନମାଳୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

# କୋଇଲା ପରିବହନ ବେଳେ ପାଲ ନ ଢାଙ୍କିଲେ କାର୍ଯ୍ୟାନୁଷ୍ଠାନ

## ୧୧ ଖଣି ଓ ୱାସେରିକୁ ଚିଠି ଲେଖିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

ଅନୁଗୋଳ,୧୨।୧୧
(ଦିବ୍ୟଶାନ୍ତନୁ ନାଥ)

ଖଣିଖାଦାନ ଭରା ଅନୁଗୋଳ ଜିଲାରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଅତ୍ୟଧିକ ଯାନବାହନ ଚଳାଚଳ ସହ ଖଣିରୁ ଖୋଲାମେଲାରେ କୋଇଲା ପରିବହନ ହିଁ ଏହି ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଛି। ତେଣୁ କୋଇଲା ପରିବହନ ବେଳେ ଏଣିକି ପାଲ ନ ଢାଙ୍କିଲେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୋଳ ଆଞ୍ଚଳିକ ଅଧିକାରୀ ଆର୍.ଏ. ଏକା. ଜିଲାର ୧୧ଟି ଖଣି ଓ କୋଲ୍ ୱାସେରୀକୁ ବୁଧବାର ଚିଠି କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ୨୦୨୦ ମେ ୨୧ରେ ଭାରତ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ଖଣିରୁ କୋଇଲା ଉତ୍ତୋଳନ ପରେ ରେଳ ୱାଗନ ମାଧ୍ୟମରେ ଖୋଲାମେଲାରେ ଏସବୁକୁ ପରିବହନ ନ କରିବା ସହ କେତେକ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। କିନ୍ତୁ ଏସବୁ ନିୟମକୁ ଅଧିକାଂଶ କମ୍ପାନୀ ଏବଂ ଖଣି କର୍ତ୍ତୃପକ୍ଷ ପାଳନ କରୁ ନ ଥିବା ଦେଖାଯାଉଛି। ଏ ନେଇ ଅନେକ ଥର ସାଧାରଣ ଲୋକଙ୍କ ପକ୍ଷରୁ ଅଭିଯୋଗ ମଧ୍ୟ ହୋଇଛି। ଅନୁଗୋଳ ଜିଲାର ତାଳଚେରଠାରେ ବହୁ କୋଇଲ ଖଣି ରହିଛି। ଜିଲାରେ ଥିବା ବିଭିନ୍ନ କାରଖାନାକୁ ଟ୍ରେନ୍ ମାଧ୍ୟମରେ ସେଠାରୁ କୋଇଲା ପରିବହନ କରାଯାଉଛି। କେତେକାଂଶରେ ଖଣି କର୍ତ୍ତୃପକ୍ଷ ପରିବହନ ସମୟରେ ୱାଗନରେ ପାଲ ବନ୍ଧୁଥିବା ବେଳେ ଅନେକେ ଏସବୁ ନିୟମ ମାନୁନାହାନ୍ତି। ଫଳରେ କୋଇଲା ଗୁଣ୍ଡ ଉଡ଼ି ବାୟୁମଣ୍ଡଳ ଅଧିକ ପ୍ରଦୂଷିତ ହେଉଛି। ଏହି ପ୍ରଦୂଷଣ କାରଣରୁ ଗତ ମେ ୨୧ ତାରିଖରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ଡିଭିଜନ ପକ୍ଷରୁ ଚିଠି କରାଯାଇଥିଲା। ଉନ୍ନତମାନର ତାରପୋଲିନ ଚାଦର ସହ ରଶି ମାଧ୍ୟମରେ କୋଇଲ ବୋଝେଇ ରେଳ ୱାଗନଗୁଡ଼ିକୁ ଘୋଡ଼ାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ରେଲୱେ ଡିଭିଜିନାଲ କମର୍ସିଆଲ ମ୍ୟାନେଜର ସମସ୍ତ ସମସ୍ତ ଅଧସ୍ତନ କର୍ମଚାରୀଙ୍କୁ ଏହାର ନକଲ ପଠାଇଥିଲେ। ନିୟମ ମାନି କୋଇଲା ପରିବହନ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ କୋଇଲା ପରିବହନରେ କୌଣସି ପରିବର୍ତ୍ତନ ନ ଆସିବାରୁ ବୁଧବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ଜିଲାର ଅନନ୍ତ, ବଳରାମ, ଭରତପୁର, ଭୁବନେଶ୍ୱରୀ, ହିଙ୍ଗୁଳା, ଜଗନ୍ନାଥ, କଣିହାଁ, ଲିଙ୍ଗରାଜ, ନନ୍ଦିରା ଓପନ କାଷ୍ଟ ମାଇନ୍ସ ଏବଂ ଡଅଁରା, ବଲଣ୍ଡା କୋଲ୍ ୱାସେରୀ ପ୍ରୋଜେକ୍ଟ ମ୍ୟାନେଜର ଏବଂ ନିର୍ଦ୍ଦେଶକମାନଙ୍କୁ ଚିଠି ଲେଖିଛନ୍ତି। ସରକାରଙ୍କ ନିୟମ ମାନିବା ସହ କୋଇଲା ପରିବହନ ସମୟରେ ଯଦି ଖଣି କର୍ତ୍ତୃପକ୍ଷ ପାଲ ନ ଢାଙ୍କନ୍ତି, ତେବେ ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚିଠିରେ ଚେତାବନୀ ଦେଇଛନ୍ତି।

# ଚେୟାର ଫିଙ୍ଗିଲେ, କଳାକାରଙ୍କୁ ମାଡ଼ ମାରିଲେ

## ଯାତ୍ରା ମଞ୍ଚକୁ ଚଢ଼ିଗଲେ ଦର୍ଶକ

ଭଦ୍ରକ,୧୨।୧୧
(ସନାତନ ରାଉତ)



ମଞ୍ଚ ଉପରେ କଳାକାରଙ୍କୁ ମାଡ଼ ମାରୁଛନ୍ତି ଜଣେ ଦର୍ଶକ।

ନାଟକ ମଝିରେ ହଠାତ୍ ମଞ୍ଚ ଉପରକୁ ଚଢ଼ିଗଲେ ଜଣେ ଦର୍ଶକ। କିଛି ବୁଝିବା ଆଗରୁ ମଞ୍ଚ ଉପରେ କଳାକାରଙ୍କୁ ଚାପୁଡ଼ା ଉପରେ ଚାପୁଡ଼ା ମାରିଲେ। ମଙ୍ଗଳବାର ରାତିରେ ଭଦ୍ରକ ବ୍ଲକ ସାହାଡ଼ାର ଅଣ୍ଡରେଇରେ ଯାତ୍ରା ପରିବେଷଣ ବେଳେ ଏଭଳି ଏକ ଘଟଣା ଘଟିଛି। ଏହି ଘଟଣା ବୁଧବାର ସୋସିଆଲ ମିଡିଆରେ ବହୁ ମାତ୍ରାରେ ଭାଇରାଲ ହୋଇଛି।

ରାଜନନ୍ଦିନୀ ଅପେରା ପାର୍ଟି ପକ୍ଷରୁ 'ଏମିତି ବିଚାର କେବେ ଦେଖିନି' ନାଟକ ଚାଲିଥିଲା। ନାଟକର ଏକ ଦୃଶ୍ୟରେ ନିଜ ପୋଲିସ ପୁଅ ପାଖରେ ମା' ବାପା ନ୍ୟାୟ ପାଇଁ ବିନତି କରିଥିଲେ। ଏହି ଦୃଶ୍ୟରେ ହଠାତ୍ ଜଣେ ଦର୍ଶକ ଉତ୍ତ୍ୟକ୍ତ ହୋଇ ମଞ୍ଚ ଉପରକୁ ଚେୟାର ଫିଙ୍ଗିବା ସହ ମଞ୍ଚକୁ ଚଢ଼ିଯାଇ ଅଭିନୟ କରୁଥିବା ଜଣେ କଳାକାରଙ୍କୁ ମାଡ଼ ମାରିଥିଲେ। ମଞ୍ଚରେ ଅଭିନୟ କରୁଥିବା ଅନ୍ୟ କଳାକାରମାନେ ଉକ୍ତ ଦର୍ଶକଙ୍କୁ ବୁଝାଶୁଝା କରି ମଞ୍ଚ ତଳକୁ ପଠାଇ ଦେବା ପରେ ଯାତ୍ରା ପରିବେଷଣ ହୋଇଥିଲା। କମିଟିର ସଦସ୍ୟମାନେ ଉକ୍ତ ଦର୍ଶକଙ୍କୁ ଯାତ୍ରା ଟେଣ୍ଟ ବାହାରକୁ ନେଇଯାଇଥିଲେ। ସେ ଭାବବିହ୍ୱଳ ହୋଇ ମଞ୍ଚକୁ ଚଢ଼ିଯାଇଥିଲେ ବୋଲି କହିବା ସହ କ୍ଷମାପ୍ରାର୍ଥନା କରିବା ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା।

# ଦୟା ଆମକୁ ଏକାଠି କରେ

## ଆଜି ବିଶ୍ୱ ଦୟା ଦିବସ



ଦୟାପୂର୍ଣ୍ଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ନଭେମ୍ବର ୧୩ରେ ପାଳନ ହେଉଛି ବିଶ୍ୱ ଦୟା ଦିବସ। ଏହା ସ୍କୁଲ, ପରିବାର ଏବଂ ସମ୍ପ୍ରଦାୟ ମଧ୍ୟରେ ଦୟାପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ଗ୍ରହଣ ସହ ପ୍ରସାର କରିବା ଲାଗି ପ୍ରେରଣା ଦିଏ। ଏଥିସହ ଏହି ଅନ୍ତର୍ଜାତୀୟ ସଚେତନତା ଦିବସ କରୁଣା, ସହାନୁଭୂତି ଏବଂ ସକାରାତ୍ମକତାର ଶକ୍ତିକୁ ପ୍ରୋତ୍ସାହିତ କରିଥାଏ, ଯାହା ଆସନ୍ତାକାଲିର ବିଶ୍ୱକୁ ଗଠନ କରୁଥିବା ଛାତ୍ର ଏବଂ ଯୁବକମାନଙ୍କ ପାଇଁ ବିଶେଷ ଭାବରେ ପ୍ରାସଙ୍ଗିକ ହୋଇଥାଏ।

ସୂଚନାଯୋଗ୍ୟ, ୧୯୯୭ରେ ଟୋକିଓଠାରେ ବିଶ୍ୱ ଦୟା ଆନ୍ଦୋଳନ ଗଠନ ସକାଶେ ବିଭିନ୍ନ ଦେଶର ପ୍ରତିନିଧିମାନେ ଏକାଠି ହୋଇଥିଲେ। ଏହିଠାରେ ହିଁ ଉକ୍ତ ଦିବସ ପାଳନ ଲାଗି ଭିତ୍ତିଭୂମି ସ୍ଥାପନ ହୋଇଥିଲା। ୧୯୯୮ରେ ଦୟାର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି ପାଇଁ 'ବିଶ୍ୱ ଦୟା ଦିବସ' ସୃଷ୍ଟି ହେବା ସହ ନଭେମ୍ବର ୧୩ରେ ଏହା ପାଳିତ ହୋଇଥିଲା।

ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଦୟା ଆମକୁ ଏକାଠି କରେ,' ଯାହା ଦୟାପୂର୍ଣ୍ଣ କାର୍ଯ୍ୟ କିପରି ଲୋକଙ୍କୁ ସଂଯୋଗ ସହ ଏକ ଶକ୍ତିଶାଳୀ ସମ୍ପ୍ରଦାୟ ଗଠନରେ ବିଶେଷ ଭୂମିକା ନିଭାଇଥାଏ ତାହା ଉପରେ ଗୁରୁତ୍ୱାରୋପ କରେ। ଏହା ମଧ୍ୟ ସୂଚାଇଦିଏ ଯେ ଦୟା ଏକ ସାର୍ବଜନୀନ ଶକ୍ତି; ଯାହା ଜାତି, ଧର୍ମ କିମ୍ବା ରାଜନୀତିରେ ପାର୍ଥକ୍ୟକୁ ଅତିକ୍ରମ କରିଥାଏ।


## e-Procurement Notice

No. O-1153

for Road Works Identification No. 10/SERW/JLS/2025-26

1. Procurement Officer : Superintending Engineer, Rural Works Division, Jaleswar
2. Name of the Work : Roads
3. Total No. of Works : 52 Nos.
4. Estimated Cost : Approx. Estimated Cost Rs.5.98 Lakh to Rs.44.86 Lakh
5. Class of Contractor : D, C & B Class
6. Time of Completion : Three Calendar Months (As per Annexure)
7. Availability of tender Online for bidding : From 12.11.2025 at 11.00 P.M. to 24.11.2025 upto 05.00 P.M.
8. Last date & time of seeking tender clarification : 22.11.2025 upto 05.00 P.M.
9. Date & time of Opening of tender in the Office of the Superintending Engineer, R.W. Division, Jaleswar : Date & time of Opening of Technical & Financial bid 25.11.2025 at 11.00 A.M.

Further details can be seen from the website: **www.tendersodisha.gov.in**.

OIPR-

**Sd./- Superintending Engineer**
**R.W. Division, Jaleswar**

ଓଡ଼ିଶା ସରକାର

GOVERNMENT OF ODISHA

## OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, KANDHAMAL & BOUDH

Email Id: deikandhamal-od@od.gov.in, Ph./Fax: 0680-2291017
At: Gajapati Nagar, 1st Line, Berhampur, Dist.: Ganjam, PIN - 760010
Tender Notice No. 01/2025-26 Date: 10.11.2025, Berhampur

### QUOTATION CALL NOTICE FOR HIRING OFFICE BUILDING ON RENT BASIS

No. AA-34: Seald quotations are invited from the interested house owners for providing ready built office building of carpet area about 1100 to 1200 Sq.ft. in Phulbani Municipality Corporation area for the Office of the Superintending Engineer-cum-Deputy Electrical Inspector, Kandhamal & Boudh along with its subordinate offices. The details of quotation specifications will be available in the office of Superintending Engineer-cum-Deputy Electrical Inspector, Kandhamal & Boudh (Address: 1st Lane extension, Gajapati Nagar, Berhampur - 760010) from Dt.18.11.2025 to Dt.08.12.2025 (3 P.M.) in working hours.

OIPR-

**Sd./- Superintending Engineer-cum-Deputy Electrical Inspector, Kandhamal & Boudh**

GOVERNMENT OF ODISHA

No.A-872

## OFFICE OF THE SUPERINTENDING ENGINEER MINOR IRRIGATION DIVISION, MAYURBHANJ

Tel.No.(06792) 260788, e-Mail ID:mi.mayurbhanj@yahoo.co.in

### "e" Procurement Notice

**No.3963, Dated 06.11.2025**

**Identification No.S.E.M.I.D. MBJ. No.18/MID,MBJ/2025-26**

The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of Works : Civil Construction works as mentioned in the website
2. Total No. of Work : 5 Nos.
3. Tender Amount : 56.67 Lakh to 99.65 Lakh (Detail list of work Annexed)
4. Class of Contractor : As Mentioned against Work
5. Period of Completion : As Mentioned against Work
6. Date & Time of availability of Bid document in the Portal : 13.11.2025 at 10.00 AM to 24.11.2025 upto 5.00 P.M.
7. Last date/time for receipt of Bids in the Portal : 24.11.2025 upto 5.00 P.M.
8. Date/Time of Opening of Technical Bid : 25.11.2025 at 11.00 A.M.
9. Name and Address of the Officer Inviting the Bid : Superintending Engineer, M.I. Division, Mayurbhanj
10. Mode of Payment of Bid Cost : Online
11. Further details can be seen from the "e" Procurement Portal **"https://tendersorissa.gov.in"**.

OIPR-

**Sd./- 06.11.2025**
**Superintending Engineer**
**Minor Irrigation Division, Mayurbhanj**

GOVERNMENT OF ODISHA

No.A-871

## OFFICE OF THE SUPERINTENDING ENGINEER MINOR IRRIGATION DIVISION, MAYURBHANJ

Tel.No.(06792) 260788, e-Mail ID:mi.mayurbhanj@yahoo.co.in

### "e" Procurement Notice

**No.3954, Dated 06.11.2025**

**Identification No.S.E.M.I.D. MBJ. No.17/MID,MBJ/2025-26**

The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of Works : Civil Construction works as mentioned in the website
2. Total No. of Work : 1 No.
3. Tender Amount : 22.15 Lakh (Detail of work Annexed)
4. Class of Contractor : As Mentioned against Work
5. Period of Completion : As Mentioned against Work
6. Date & Time of availability of Bid document in the Portal : 13.11.2025 at 10.00 AM to 24.11.2025 upto 5.00 P.M.
7. Last date/time for receipt of Bids in the Portal : 24.11.2025 upto 5.00 P.M.
8. Date/Time of Opening of Technical Bid : 25.11.2025 at 11.00 A.M.
9. Name and Address of the Officer Inviting the Bid : Superintending Engineer, M.I. Division, Mayurbhanj
10. Mode of Payment of Bid Cost : Online
11. Further details can be seen from the "e" Procurement Portal **"https://tendersorissa.gov.in"**.

OIPR-

**Sd./- 06.11.2025**
**Superintending Engineer**
**Minor Irrigation Division, Mayurbhanj**

GOVT. OF ODISHA

eMail: se_nerwkjr@rediffmail.com

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR

e-Procurement Notice for Road & Bridge Work under MMSY-Impvt. to Existing RD Roads & Weir Adjacent Bridge

Bid Identification No. NCB-29/RWCKJR/2025-26

No.O-1309

No.4690/ Date: 31.10.2025

1. Name of the Work: Construction and Maintenance of road under MMSY-Impvt. to Existing RD Roads & Weir Adjacent Bridge in the District of Keonjhar. 2. No. of Work: 02 (Two) Nos. 3. Estimated Cost: As per Annexure in NIT. 4.Class of Contractor (Eligible) : As per Annexure in NIT. 5. Period of Completion: As per Annexure in NIT. 6. Other details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/o C.C.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-29/ RWCKJR/ 2025-26 | Dt.10.11.25 at 11.00 AM | Dt.24.11.25 upto 5.00 P.M. | Dt.21.11.25 upto 5.00 PM | Dt.25.11.25 at 11.00 AM | Will be intimated later |

Further details can be seen from the website: www.tendersorissa.gov.in.

OIPR-

**Sd./- Chief Construction Engineer, R.W.Circle, Keonjhar**

GOVT. OF ODISHA

No.O-1398

## OFFICE OF THE SUPERINTENDING ENGINEER, RURAL WORKS DIVISION, BOLANGIR

Office Order No.5407, Dated 04.11.2025

1st Corrigendum Notice to Bid Identification No.EEBLGR-online-14/2025-26

Invited vide this office letter No.5017 dated 24.10.2025 due to partial modification of estimated cost of works mentioned in TCN No.EEBLGR-online-14/2025-26.

| Tender Identification No. | Approx. Estimated Cost excluding GST (in Rs.in Lakhs) | Approx. Estimated Cost excluding GST (in Rs. in Lakhs) | Items | Tender Status as per original TCN |
|---|---|---|---|---|
| EEBLGR -online- 14/2025-26 | Construction of R.I. office-cum-Residence at Agalpur in the district of Bolangir for the year 2024-25 | 91.13 | Availability of Tender on-line for bidding | 06.11.2025 at 11.00 AM 18.11.2025 upto 5.00 P.M. |
| | Construction of R.I. office-cum-Residence at Bendra of Agalpur block in the district of Bolangir for the year 2024-25 | 91.40 | Date & Time of seeking tender clarification | 17.11.2025 upto 1.00 PM |
| | Construction of R.I. office-cum-Residence at Babufasad of Agalpur block in the district of Bolangir for the year 2024-25 | 92.79 | Date & Time for Opening tender | 19.11.2025 at 11.00 AM |
| | Construction of R.I. office-cum-Residence at Salebhata of Agalpur block in the district of Bolangir for the year 2024-25 | 92.13 | | |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.

OIPR-

**Sd./- Executive Engineer, R.W.Division, Bolangir**

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୟାଗଡ଼

ବିଜ୍ଞାପନ ସଂଖ୍ୟା–3694, ତାରିଖ–06.11.2025

No.i–374:ଏତଦ୍ୱାରା ପଞ୍ଚାୟତ ସମିତି, ନୟାଗଡ଼ ଅନ୍ତର୍ଗତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୫-୨୬ ଆର୍ଥିକ ବର୍ଷର ୦୧ ଏପ୍ରିଲ ୨୦୨୫ ରୁ ୩୦ ସେପ୍ଟେମ୍ବର ୨୦୨୫ ମସିହା ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟଗୁଡିକର ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରେ OSSAAT ଦ୍ୱାରା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗ୍ରାମ ପଞ୍ଚାୟତର ଜବ୍‌କାର୍ଡଧାରୀ ଶ୍ରମିକ, ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତିବିଶେଷ ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନକରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଏହି ବୈଠକରେ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ମେଟ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସମ୍ବଳ କର୍ମୀ ଇତ୍ୟାଦି ଉପସ୍ଥିତ ରହିବେ ।

| କ୍ର. ନଂ. | ଗ୍ରାମପଞ୍ଚାୟତ ନାମ | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | | ସା.ସ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ |
|---|---|---|---|---|---|
| | | ସା.ସ.ଆରମ୍ଭ ତାରିଖ | ସା.ସ. ଶେଷ ତାରିଖ | | |
| ୧ | ବଡ଼ପଣ୍ଡୁସର, ବାଲୁଗାଁ, ବାଉଁସିଆପଡା, ଭାଟସାହି | ୧୩.୧୧.୨୦୨୫ | ୧୯.୧୧.୨୦୨୫ | ୧୯.୧୧.୨୦୨୫ | |
| ୨ | ବିରୁଡା, ଚମ୍ପତିପୁର, ଚଣ୍ଡିବସ୍ତ୍ର, ଗଦାଧରପ୍ରସାଦ | ୨୪.୧୧.୨୦୨୫ | ୦୧.୧୨.୨୦୨୫ | ୦୧.୧୨.୨୦୨୫ | |
| ୩ | ଗମ୍ଭାରିଡିହି, ଘଡୁଆଳ, ଇଟିରି, ଇଟାମାଟି | ୦୬.୧୨.୨୦୨୫ | ୧୨.୧୨.୨୦୨୫ | ୧୨.୧୨.୨୦୨୫ | |
| ୪ | ଜେମାଦେଇପୁରପାଟଣା, କାଳିକାପ୍ରସାଦ, କେନ୍ଦୁଡିପି, ଖୁଟୁବନ୍ଧ | ୧୮.୧୨.୨୦୨୫ | ୨୪.୧୨.୨୦୨୫ | ୨୪.୧୨.୨୦୨୫ | ୩୦.୦୩.୨୦୨୬ |
| ୫ | କ୍ରୀଡାସପୁର, ଲାଠିପଡା, ଲକ୍ଷ୍ମୀପ୍ରସାଦ, ଲେଙ୍କୁଡିପଡା | ୦୫.୦୨.୨୦୨୬ | ୧୧.୦୨.୨୦୨୬ | ୧୧.୦୨.୨୦୨୬ | |
| ୬ | ମାଛିପଡା, ମୁଥାଗାଡିଆ, ନବଘନପୁର | ୧୬.୦୨.୨୦୨୬ | ୨୩.୦୨.୨୦୨୬ | ୨୩.୦୨.୨୦୨୬ | |
| ୭ | ନୋଡର, ନଡିଆଳି, ନାଟୁଗାଁ | ୦୨.୦୩.୨୦୨୬ | ୦୯.୦୩.୨୦୨୬ | ୦୯.୦୩.୨୦୨୬ | |
| ୮ | ଶରଧାପୁର, ଶରଣକୁଳ, ସିନ୍ଦୁରିଆ | ୧୬.୦୩.୨୦୨୬ | ୨୩.୦୩.୨୦୨୬ | ୨୩.୦୩.୨୦୨୬ | |

OIPR-

**ସ୍ୱା./–ମଣ୍ଡଳ ଉନ୍ନୟନ ଅଧିକାରୀ, ନୟାଗଡ଼**

GOVERNMENT OF ODISHA

Email:eerwgunupur@gmail.com

## OFFICE OF THE SUPERINTENDING ENGINEER, RURAL WORKS DIVISION, GUNUPUR

GEPNIC e-Procurement Notice

Bid Identification No.EERWGNP-Online-07/2025-26

No.O-1341

No3994 / Dt.29.10.2025

1. Name of the Work: Repair & Maintenance of Road Works, 2. Total No. of Works: 02 Nos. (Percentage Rate tender), 3. Estimated Cost: As mentioned in Col.3 of Annexure. 4. Class of Contractor: As mentioned in Col.5 of Annexure, 5. Period of Completion: As mentioned in Col.4 of Annexure, 6. EMD: As mentioned in Col.6 of Annexure, 7. Paper Cost : As mentioned in Col.7 of Annexure, 8. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Gunupur | EERWGNP -Online- 07/2025-26 | 11.11.2025 at 10.00 AM | 17.11.2025 upto 5.00 P.M. | 18.11.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill. Further details can be seen from the website: www.tendersodisha.gov.in

OIPR-

**Sd./- Executive Engineer, Rural Works Division, Gunupur**

Government of Odisha

No.O-1354:

## Office of the Executive Engineer, Rural Works Division-II, Nabarangpur, Umerkote

e-mail: eerwukt@gmail.com & eerwukt@ymail.com
Letter No.3783, Date:01.11.2025

GePNIC e-Procurement Notice

1. Name of the Work: Building Works (Composite Tender), 2. Total No.of works: 02 (Two) Nos., 3. Approx. Estimated Cost: Rs.71.54 Lakhs, 4. Class of Contractor: Only "B" Class of Contractor, 5. Period of Completion: As per TCN.

| Procurement Officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W.Division-II, Nabarangpur, Umerkote | Online Tender/12/ RWD-UKT/ 2025-26 | 11.11.2025 at 11.00 AM | 20.11.2025 upto 5.00 P.M. | 19.11.2025 at 01.00 PM | 21.11.2025 at 11.00 AM | To be intimated separately |

Further details can be seen from the Government website www.tendersodisha.gov.in

OIPR-

**Sd./- Executive Engineer, Rural Works Division-II, Nabarangpur, Umerkote**

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ: ଆୟପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail: serwbpr2004@yahoo.com, Tel No.: 0680-2404287)

NATIONAL COMPETITIVE BIDDING THROUGH GEPNIC e-Procurement

No. O-1390

Bid Identification No. Online Tender / 39-2025-26/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 39-2025-26/ BPR | Building Works | 02 Nos. | From Rs.100.83 to Rs.126.05 Lakhs | "B" Class & "A" Class as applicable | 12 (Twelve) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 39-2025-26/BPR | 11.11.2025 at 10.00 A.M. | 25.11.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in**.

OIPR-

**Sd./- Chief Construction Engineer, R.W. Circle, Berhampur**

## ODISHA PUBLIC SERVICE COMMISSION, CUTTACK

### NOTICE

No.7824/PSC Dt.11.11.2025
(1R-05-24/25) (DR-V)

**Assistant Professor (Stage-I) in Economics**
**(Advertisement No. 27 of 2023-24)**

No. D-257: It is for information of all concerned that, document verification of **170 (One hundred Seventy)** candidates having **PPSAN** mentioned below for the post of **Assistant Professor (Stage-I) in "Economics",** pursuant to advertisement No. 27 of 2023-24 shall be held from **19.11.2025 to 26.11.2025 (Except Govt. Holidays)** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 19.11.2025 | 10.30 A.M. | P240301365, P240302770, P240309995, P240306613, P240297730, P240304347, P240301573, P240303755, P240303125, P240308038, P240308489, P240276781, P240306452, P240308543, P240306961, P240307840 & P240301999 = **17 Candidates** |
| | 2.30 P.M. | P240305545, P240306351, P220081754, P220079213, P240304484, P220057096, P240299646, P240305100, P240304663, P240305768, P240306901 & P240301298 = **12 Candidates** |
| 20.11.2025 | 10.30 A.M. | P240296578, P230198140, P240308337, P240299075, P220046691, P240293685, P240309950, P220081597, P240309170, P220081594, P240304977, P240274756, P230150819, P220081724, P240305193, P220074443 & P220061720 = **17 Candidates** |
| | 2.30 P.M. | P240306877, P240296589, P240305064, P240307860, P240306999, P240301373, P240312131, P240308221, P240306484, P240307313, P240312441 & P240300798 = **12 Candidates** |
| 21.11.2025 | 10.30 A.M. | P230099638, P240307922, P240300586, P240302680, P220081733, P220081502, P220051514, P240311832, P220074287, P240238227, P240301726, P240304433, P240311830, P240306469, P240309279, P230094518 & P240311769 = **17 Candidates** |
| | 2.30 P.M. | P230207462, P220083291, P230119990, P240305143, P240310088, P240310936, P240302724, P240309369, P240300039, P240304695, P220082267 & P230114460 = **12 Candidates** |
| 24.11.2025 | 10.30 A.M. | P240303138, P240287419, P240308296, P220075835, P240309521, P220085784, P220014722, P240306398, P230113928, P220081083, P220064465, P240313066, P220065198, P240309538, P230133161, P240300782 & P230093808 = **17 Candidates** |
| | 2.30 P.M. | P240305044, P240307461, P240306744, P230128120, P220087137, P220074378, P230093987, P240296475, P240302432, P240307352, P240311584 & P220054662 = **12 Candidates** |
| 25.11.2025 | 10.30 A.M. | P230157774, P240306563, P230093999, P240309411, P240307238, P240305608, P240303287, P240297778, P220079333, P240305274, P240306816, P230150804, P220085508, P220081084, P240310643, P240302609 & P220050108 = **17 Candidates** |
| | 2.30 P.M. | P240303013, P220074619, P240236565, P240308548, P230208065, P240312010, P230147264, P220051767, P240304666, P230199323, P240304533 & P220081402 = **12 Candidates** |
| 26.11.2025 | 10.30 A.M. | P230118571, P220076343, P240307115, P230094022, P240304157, P240310217, P220051541, P230092397, P220074325, P230090922, P240305578, P230097058, P240311328, P230133147, P240303707, P220051159 & P240296588 = **17 Candidates** |
| | 2.30 P.M. | P240302671, P240311692, P220076503, P240289610, P230110800, P240264939, P240302982 & P240303359 = **08 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.
The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.
**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-

**Sd./- Secretary**

## ବାଜିଲା ବିଗୁଲ୍, କୁଟୁଣିପଦରରୁ ବାହାରିଲା ପରବ ମଶାଲ



କୁଟୁଣିପଦରରୁ ସହସ୍ର ଶିବଲିଙ୍ଗ ମନ୍ଦିରରୁ ପରବ ମଶାଲ ଅଣାଯାଉଛି।



ଶୋଭାଯାତ୍ରାରେ ସାମିଲ କଳାକାର ଓ ଅନ୍ୟମାନେ।

### ଆରମ୍ଭ ହେଲା ଜାତୀୟସ୍ତରୀୟ ଲୋକ ମହୋତ୍ସବ ପରବ-୨୦୨୫

■ ଆଦିବାସୀ ନୃତ୍ୟ, ବାଜାରେ ଦୁଲୁକିଲା ଅଞ୍ଚଳ

କୋରାପୁଟ/ ଲକ୍ଷ୍ମୀପୁର, ୧୨।୧୧ (ଅମିତାଭ ବେହେରା/ ଅନନ୍ତ ପ୍ରସାଦ ନାୟକ)

ଜାତୀୟସ୍ତରୀୟ ଲୋକ ମହୋତ୍ସବ ପରବ ୨୦୨୫ର ବିଗୁଲ୍ ବାଜିଛି। ବୁଧବାର ଲକ୍ଷ୍ମୀପୁର ବ୍ଲକ୍ କୁଟୁଣିପଦରରୁ ସହସ୍ର ଶିବଲିଙ୍ଗ ମନ୍ଦିରରୁ ପୂଜାର୍ଚ୍ଚନା ପରେ ପରବ ମଶାଲକୁ ପ୍ରଜ୍ୱଳିତ କରାଯାଇଥିଲା। ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ମଶାଲକୁ ଉଦ୍‌ଘାଟନୀ ମଞ୍ଚ ନିକଟକୁ ଅଣାଯାଇଥିଲା। ସେଠାରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। କୋରାପୁଟ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲା ପରିଷଦ ସଭାପତି ସସ୍ମିତା ମେଲେକା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କୋରାପୁଟ ଜିଲାପାଳ ପରବ ଶପଥ ପାଠ କରାଇଥିଲେ। ଏହି ଅବସରରେ ଅତିଥିମାନେ ପରବ ପୋଷ୍ଟର ଓ ଷ୍ଟିକର ଉନ୍ମୋଚନ କରିଥିଲେ। ମଞ୍ଚାସୀନ ଅତିଥିମାନେ ପରବର ଗୌରବ ଗାଥା ସମ୍ପର୍କରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲାର ଲୁକ୍କାୟିତ ପ୍ରତିଭାକୁ ଏକ ମଞ୍ଚ ଦେଇ ତାକୁ ଉଚିତ ମାର୍ଗ ଦର୍ଶନ କରିବା ଉଦ୍ଦେଶ୍ୟରେ ୧୯୯୬ରେ ଆରମ୍ଭ କରାଯାଇଥିବା ପରବ, ଯାହାକି ଆଜି ଅନେକ ଦିଗରେ ସଫଳତା ଆଣିଦେଇଛି ବୋଲି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଓ ଜିଲା ପରିଷଦ ସଭାପତି ସସ୍ମିତା ମେଲେକା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପୁର ଅଧ୍ୟକ୍ଷା ଶୁଆଇ କୁଲେସିକା, ଉପାଧ୍ୟକ୍ଷ ଆରତୀ କୁଲଦୀପ, କୁସୁମଗୁଡ଼ା ସରପଞ୍ଚ ଇନ୍ଦ୍ର ପାଙ୍ଗିଆ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ ଓ ଝିନ୍ନ ହିକ୍କା ଏବଂ କୋରାପୁଟ ଓ ନବରଙ୍ଗପୁର ଏମ୍‌ପିଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ଲକ୍ଷ୍ମୀପୁର ବିଡିଓ ସବ୍ୟସାଚୀ ବେହେରା ଓ ବ୍ଲକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଦିବାସୀ ସଙ୍ଗୀତର ତାଳେ ତାଳେ ପ୍ରଶାସନିକ ଅଧିକାରୀ ଏବଂ ବିଧାୟକମାନେ ନାଚୁଥିବାର ଦେଖିବାକୁ ମିଳିଥିଲା। ଅତିଥିମାନେ ପ୍ରଦର୍ଶନୀ ମେଳା ଉଦ୍‌ଘାଟନ କରିଥିଲେ।

ଏଥିପୂର୍ବରୁ ବୁଧବାର ସକାଳେ କୋରାପୁଟ ନିଶାଣିମୁଣ୍ଡାରେ ଗ୍ରାମଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରି ପରବ ଆୟୋଜନ କମିଟିର ସଦସ୍ୟମାନେ ମା'ଙ୍କ ନିକଟରେ ପ୍ରାର୍ଥନା କରିଥିଲେ। କୋରାପୁଟ ବିଧାୟକ, ଜିଲାପାଳ, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଅତିରିକ୍ତ ଜିଲାପାଳ ତପନ ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ, ଜିଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନନ୍ଦପୁର ଆସିଲା ପରବ ମଶାଲ





ପରବ ମଶାଲ ସହ ନନ୍ଦପୁର ବ୍ଲକ୍‌ର ପ୍ରତିନିଧି ଦଳ।

**ନନ୍ଦପୁର, (ତୁଷାର କାନ୍ତ ମହାନ୍ତି):** ଜିଲାସ୍ତରୀୟ ପରବ ଉଦ୍‌ଘାଟନୀ ଉତ୍ସବ ଶେଷହେବା ପରେ ସେଠାରୁ ସଂଗୃହୀତ ମଶାଲ ନନ୍ଦପୁର ବ୍ଲକ୍‌କୁ ଅଣାଯାଇଥିଲା। ପରବ ମଶାଲ ଆଣିବାକୁ ନନ୍ଦପୁର ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲଙ୍କ ନେତୃତ୍ୱରେ ଦଳ ବୁଧବାର ସକାଳୁ ବାହାରିଥିଲା। ବାଜା ବାଇଦ, ନାଚଗୀତର ଦଳ ସହ ବିଡିଓ ଦୁର୍ଗାପ୍ରସାଦ ଦୋରା, ଜିଲା ପରିଷଦ ସଦସ୍ୟ, ୨୩ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, କଳା ଓ ସଂସ୍କୃତି ପ୍ରତି ରୁଚି ରଖିଥିବା ନନ୍ଦପୁର ବ୍ଲକ୍ ଅଞ୍ଚଳର ବୁଦ୍ଧିଜୀବୀ, ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ବିଭାଗର ଅଧିକାରୀ, ଦଳଗତ ନିର୍ବିଶେଷରେ ସମସ୍ତ ଦଳର କର୍ମୀ ଜିଲାସ୍ତରୀୟ ଉଦ୍‌ଘାଟନୀ ସ୍ଥଳକୁ ଯାଇଥିଲେ। ଉଦ୍‌ଘାଟନୀ ସଭାସ୍ଥଳରୁ ଜିଲାପାଳ ତଥା ସଂସ୍କୃତି ବିଭାଗ ଅଧ୍ୟକ୍ଷ ମନୋଜ ସତ୍ୟବାନ ମହାଜନ, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମଙ୍କ ଉପସ୍ଥିତିରେ ମଶାଲ ସଂଗ୍ରହକରି ନନ୍ଦପୁର ଆଣିଥିଲେ। ଏହାକୁ ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରେ ସୁରକ୍ଷିତ ଭାବେ ସ୍ଥାପନ କରାଯାଇଛି। ବ୍ଲକ୍‌ସ୍ତରୀୟ ପରବ ପାଳନ ବେଳେ ଏହାକୁ ପୁନଶ୍ଚ ନନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସର ପରବ ପଡ଼ିଆକୁ ନିଆଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି।

## ପରବରେ ସାମିଲହେଲା କୁନ୍ଦୁରା ବ୍ଲକ୍



କୁନ୍ଦୁରା ବ୍ଲକ୍ ପ୍ରତିନିଧିମାନେ ଜିଲାପାଳଙ୍କଠାରୁ ପରବ ମଶାଲ ଗ୍ରହଣ କରୁଛନ୍ତି।

କୁନ୍ଦୁରା, (ସନ୍ତୋଷ ପ୍ରହରାଜ): ପରବର ଜିଲାସ୍ତରୀୟ କାର୍ଯ୍ୟକ୍ରମରେ କୁନ୍ଦୁରା ବ୍ଲକ୍ ସାମିଲ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ତରୁଣୀସେନ ବିଷୋୟୀଙ୍କ ନେତୃତ୍ୱରେ ପଞ୍ଚାୟତର ଲୋକ ପ୍ରତିନିଧି, କଳା ପ୍ରେମୀ ଏବଂ ଯୁବବର୍ଗ ସାମିଲହୋଇ ପରବ ମଶାଲ ଧରିଥିଲେ। ନଭେମ୍ବର ୨୪ରୁ ଡିସେମ୍ବର ୪ ମଧ୍ୟରେ ବ୍ଲକ୍‌ସ୍ତରୀୟ ପରବ ପାଳନ କରାଯିବ। କୁନ୍ଦୁରା ବ୍ଲକ୍‌ସ୍ତରୀୟ ପରବ ହେବା ପର୍ଯ୍ୟନ୍ତ ମଶାଲକୁ ବୁଢ଼ୀଠାକୁରାଣୀ ମନ୍ଦିରରେ ରଖାଯିବ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଏମ୍‌ପି ପ୍ରତିନିଧି ବେଣୁଧର ପାତ୍ର, ତୁଷାର ଭଞ୍ଜ, ଦିଗାପୁର ସରପଞ୍ଚ ନୀଳା ନାୟକ, ସମିତି ସଭ୍ୟ ଗୁପ୍ତ ଅଡାରି, ଘୁମର ସମିତି ସଭ୍ୟା ନବୀନା ନାୟକ, ରାଣୀଗୁଡା ସମିତି ସଭ୍ୟା ସୁବର୍ଣ୍ଣ ନାୟକ, ପ୍ରଶାନ୍ତ ଆଚାର୍ଯ୍ୟ, ଅମରନାଥ ଭଞ୍ଜ, ଦୈତାରି ମଲ୍ଲିକ, ଲଛମନ ଭତ୍ରା, ମାଧବ ଉଦଲବାଡିଆ, ମଙ୍ଗରାଜ ଗୌଡ଼, ଏଇଇ ରମାକାନ୍ତ ନାୟକ, ଜିପିଇଓ ଜଗତ ସିଂ ମାଝୀ, ବିଏସ୍ଏସ୍‌ଓ ବଳିରାମ ଭତ୍ରା, ବସନ୍ତ ଭୋଳ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଡିଇଏଲ୍‌ଇଡି ମୂଲ୍ୟାୟନ ବର୍ଜନ କଲେ ଶିକ୍ଷକ, ପ୍ରଶିକ୍ଷକ

ଜୟପୁର,୧୨।୧୧(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରଶିକ୍ଷକମାନେ ମୂଲ୍ୟାୟନ ବର୍ଜନ କରିଛନ୍ତି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଡିଇଏଲ୍‌ଇଡି ଉତ୍ତରପତ୍ର ମୂଲ୍ୟାୟନ ପାଇଁ ନିୟୋଜିତ ଶିକ୍ଷକ ପ୍ରଶିକ୍ଷକମାନେ ଅବ୍ୟବସ୍ଥା ଏବଂ ସରକାରୀ ନିୟମ ଉଲ୍ଲଂଘନ ଅଭିଯୋଗ କରି ମୂଲ୍ୟାୟନ ପ୍ରକ୍ରିୟାକୁ ବର୍ଜନ କରିଛନ୍ତି। ଜୟପୁରସ୍ଥିତ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଜୋନ୍‌ରେ ୨୧ ଜଣ ଶିକ୍ଷକ ଓ ପ୍ରଶିକ୍ଷକମାନେ ୨ ଦିନ ଧରି ମୂଲ୍ୟାଙ୍କନର ତାଲିମ ନେଇଥିଲେ। ବୁଧବାର ମୂଲ୍ୟାଙ୍କନ ଥିବା ବେଳେ ସମସ୍ତ ଜୋନରେ ଶିକ୍ଷକ ପ୍ରଶିକ୍ଷକମାନେ ମୂଲ୍ୟାଙ୍କନ ବର୍ଜନ କରିଛନ୍ତି। ସୂଚନା ପାଇବା ପରେ ଜୟପୁରରେ ମଧ୍ୟ ମୂଲ୍ୟାଙ୍କନ ବନ୍ଦ କରିଛନ୍ତି। ପ୍ରଶିକ୍ଷକମାନେ କହିଛନ୍ତି ଯେ, ପରୀକ୍ଷା ଫି' ବୃଦ୍ଧି ପାଇଥିଲେ ମଧ୍ୟ ମୂଲ୍ୟାୟନ ଦର ଅପରିବର୍ତ୍ତିତ ରହିଛି। ଏହା ସହିତ ୧୦୦ କିଲୋମିଟରରୁ ଅଧିକ ଦୂର ଯାତ୍ରା କରୁଥିବା ଶିକ୍ଷକମାନଙ୍କ ପାଇଁ ମଧ୍ୟ ଦୈନିକ ଭତ୍ତା, ଯାତ୍ରା କିମ୍ବା ରହଣି ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ସେମାନଙ୍କର ଏହି ପ୍ରତିବାଦ କେବଳ ଆର୍ଥିକ ଲାଭ ପାଇଁ ନୁହେଁ, ବରଂ ବୃତ୍ତିଗତ ଗୌରବ ଏବଂ ସମ୍ମାନ ପାଇଁ। ମୂଲ୍ୟାୟନ କାର୍ଯ୍ୟ ପୁନଃ ଆରମ୍ଭ କରିବା ପୂର୍ବରୁ ବୋର୍ଡ ସ୍ୱଚ୍ଛତା, ନିରପେକ୍ଷତା ଏବଂ ସରକାରୀ ନିର୍ଦ୍ଦେଶାବଳୀର ଅନୁପାଳନ କରିବାକୁ ପ୍ରଶିକ୍ଷକମାନେ ଦାବି କରିଛନ୍ତି।

## ନନ୍ଦପୁରରେ ମତ୍ସ୍ୟ,ପ୍ରାଣିସମ୍ପଦ ମେଳା

ନନ୍ଦପୁର,୧୨।୧୧(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦରସ୍ଥିତ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଜିଲା ପ୍ରାଣୀଧନ ଅଧିକାରୀ ଡ.ଲକ୍ଷ୍ମୀଧର ବେହେରା, ଜିଲା ମତ୍ସ୍ୟ ଅଧିକାରୀ ସାଗର ରାମ, ଏସ୍‌ଡିଭିଓ ଡ. ସୁଦର୍ଶନ ସାହୁ, ବିଡିଓ ଦୁର୍ଗାପ୍ରସାଦ ଦୋରା, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ଅତିରିକ୍ତ ଜିଲା ପ୍ରାଣୀଧନ ଅଧିକାରୀ ପ୍ରକାଶ ମହାନ୍ତି, ଲମତାପୁଟ ବ୍ଲକ ପ୍ରାଣୀଧନ ଅଧିକାରୀ ମିହିର ଖୁମାର, ବ୍ଲକ ଅଞ୍ଚଳର ୫୦୦ରୁ ଉର୍ଦ୍ଧ୍ୱ ଚାଷୀ, କୃଷି ଉଦ୍ୟାନ, ମିଶନଶକ୍ତି, ମହିଳା ଶିଶୁ ବିକାଶ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଦାନ ଓ ପ୍ରଗତିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ଚାଷୀଙ୍କ ହିତରେ ରହିଛି। ବହୁଳ ସଂଖ୍ୟାରେ ଚାଷୀ ଉକ୍ତ ଯୋଜନାରେ ସାମିଲ ହୋଇ ନିଜସ୍ୱ, ଗୋଷ୍ଠୀଗତ ରୋଜଗାର ବଢ଼ାଇବା ସହ ବ୍ଲକ ଅଞ୍ଚଳର ମତ୍ସ୍ୟ ଓ ପଶୁ ସମ୍ପଦର ବିକାଶ କରିବାକୁ ବିଧାୟକ କହିଥିଲେ। ଚଳିତ ବର୍ଷ ଜୋଲାପୁଟ ଡ୍ୟାମରେ ୨୦ ହଜାର କିଲୋ ମାଛ ଜାଅଁଳ ଛଡାଯିବ ବୋଲି ଜିଲା ମତ୍ସ୍ୟ ଅଧିକାରୀ ଘୋଷଣା କରିଥିଲେ। ମେଳାରେ କୁକୁଡ଼ା, ଛେଳି, ଗୋପାଳନ, ବ୍ୟକ୍ତିଗତ କୁକୁଡ଼ା ପାଳନ, ବିହନ ଉତ୍ପାଦନ, ପଶୁ ପକ୍ଷୀ ପଲ ପାଳନ ପାଇଁ ଓ ମତ୍ସ୍ୟ ପୋଖରୀ ଯୋଜନାରେ ୮ ଚାଷୀଙ୍କୁ ପୁଷ୍ପଗୁଚ୍ଛ ମାନପତ୍ର, ଉପଢୌକନ ଏବଂ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶେଖ୍ ଗଫୁର, ଭଗବାନ ମୁଦୁଲି, ସୁରେଶ ଡଙ୍ଗାୟତ, ଜୟରାମ ଭୋଇ, କାମେଶ କାମୁଡି, ଦେବେନ୍ଦ୍ର ଖେମୁଣ୍ଡୁ, ୨୩ ପଞ୍ଚାୟତର ସରପଞ୍ଚ, ନନ୍ଦପୁର ପୋଲିସ କର୍ମଚାରୀ ଓ ଅଗ୍ନିଶମ ବାହିନୀର କର୍ମକର୍ତ୍ତା ଉପସ୍ଥିତ ଥିଲେ। ନନ୍ଦପୁର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଜସବନ୍ତ କୁମୁଟି, ଅତିରିକ୍ତ ମତ୍ସ୍ୟ ଅଧିକାରୀ ସ୍ୱପ୍ନାରାଣୀ ସାମନ୍ତରାୟ, ପାଡୁଆ ପ୍ରାଣୀ ଚିକିତ୍ସକ ସିଦ୍ଧାର୍ଥ ବେହେରା, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ଧନୀରାମ ଖରା, ଏଲ୍‌ଆଇ ଚିରଞ୍ଜିବୀ ଲାଇଚେଲ, ଲକ୍ଷ୍ମୀ ସାହୁକାର ଓ ରେଣୁକା ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ପୁଅ ମୃତ, ବାପା ଗୁରୁତର

କୋରାପୁଟ,୧୨।୧୧(ଅମିତାଭ ବେହେରା)



କୋରାପୁଟରୁ ରାୟଗଡା ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥ ବିରିଗୁଡ଼ା ଓ ଅମିନଗୁଡ଼ା ଛକ ମଝିରେ ବୁଧବାର ଦୁର୍ଘଟଣା ଘଟିଛି। ଏଥିରେ ଅଟୋରେ ବସିଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ବାପା ଗୁରୁତର ଅଛନ୍ତି। ତାଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ବାରିଗୁଡ଼ାର ଜୟସନ ଗୌଡ଼ଙ୍କ ପୁଅ ସନ୍ତୋଷ (୨୫)। ସୂଚନାନୁଯାୟୀ, ଜୟସନ ପୁଅ ସନ୍ତୋଷଙ୍କ ସହ କୋରାପୁଟରୁ ଏକ ଅଟୋ (ଓଡି-୧୦ବି -୩୦୩୭)ରେ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ (ଓଆର୍-୦୪ଏ-୪୯୪୧) ସହ ମୁହାଁମୁହିଁ ହୋଇଥିଲା। ଏଥିରେ ଜୟସନ ଓ ପୁଅ ସନ୍ତୋଷ ଗୁରୁତର ହୋଇଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ଉଭୟଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ୧୯୦/୨୦୨୫ରେ ଏକ ମାମଲା ରୁଜୁ କରାଯାଇଥିବା କାରାପୁଟ ସଦର ଥାନା ଅଧିକାରୀ ରୁନୁ ମାଝୀ କହିଛନ୍ତି। ଏଏସ୍‌ଆଇ କେ.ଡି. ଖୋସାଲା ଏହି ଘଟଣାର ତଦନ୍ତ କରୁଛନ୍ତି।

## ଝିଅ ଜନ୍ମ କରିବାରୁ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

**ଜୟପୁର, ୧୨।୧୧(ପବନ ପାଣିଗ୍ରାହୀ)**

ଝିଅ ଜନ୍ମ କରିବାରୁ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଉଥିବା ନେଇ ଜଣେ ମହିଳା ବୁଧବାର କୋରାପୁଟ ଜିଲା ଜୟପୁର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତି କରି ମହିଳା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଗତ ୩ ବର୍ଷ ପୂର୍ବେ ସେ ସୁନାବେଡ଼ା ମହାବିଦ୍ୟାଳୟରେ ପଢୁଥିବାବେଳେ କୁନ୍ଦୁଲି ଗ୍ରାମର ସାଜିତ ବାଡବୁରା (୨୫) ତାଙ୍କୁ ପ୍ରେମ ନିବେଦନ କରିଥିଲେ। ଏହି ସମୟରେ ସେ ନାବାଳିକା ଥିଲେ ମଧ୍ୟ ତାଙ୍କ ସହ ଜବରଦସ୍ତି ଦୈହିକ ସମ୍ପର୍କ ରଖୁଥିଲେ। ଶେଷରେ ଏହି ଘଟଣା ପ୍ରଘଟ ହେବା ପରେ ଉଭୟ ପରିବାର ଆପୋଷ ବୁଝାମଣା ଏବଂ ନିଜ ଧର୍ମ ଅନୁଯାୟୀ ରୀତିନୀତିରେ ବିବାହ କରିଥିଲେ। ତେବେ ୨୦୨୪ ଫେବୃୟାରୀରେ ସେ ଏକ କନ୍ୟାସନ୍ତାନକୁ ଜନ୍ମ ଦେଇଥିଲେ। ଝିଅ ଜନ୍ମ କରିଥିବାରୁ ସାଜିତ ତାଙ୍କୁ ନିର୍ଯାତନା ଦେବା ସହିତ ମାଡ ମାରୁଥିଲେ। ଏପରିକି ସେ ଅନ୍ୟ ଯୁବତୀଙ୍କ ସହିତ ଅନୈତିକ ସମ୍ପର୍କ ରଖୁଥିବା ସେ ଅଭିଯୋଗ କରିଛନ୍ତି। କିଛିମାସ ହେଲା ସେ ବାପା ଘରେ ରହୁଥିବା ମହିଳା ଜଣକ କହିଛନ୍ତି। ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ଥାନା ଅଧିକାରୀ ଆଶ୍ରିତା ଲାକ୍ରା କହିଛନ୍ତି।

## ଇଣ୍ଟର ସ୍କୁଲ କ୍ରିକେଟ୍ ପ୍ରତିଯୋଗିତା ସହ ଚୟନ ପ୍ରକ୍ରିୟା ଆରମ୍ଭ

**ଜୟପୁର, ୧୨।୧୧(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଇଣ୍ଟର ସ୍କୁଲ ପ୍ରତିଯୋଗିତା ସହ ଚୟନ ପ୍ରକ୍ରିୟା ବୁଧବାର ଜୟପୁର ଦଶହରା ପଡିଆ ଓ କଲେଜ ପଡିଆ ପରିସରରେ ଆରମ୍ଭ ହୋଇଛି। ୬୦ଜଣ ଖେଳାଳିଙ୍କୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରେଡ, ବ୍ଲୁ, ଅରେଞ୍ଜ ଓ ୟେଲୋକୁ ନେଇ ୪ଟି ଦଳ କରାଯାଇଛି। ପ୍ରଥମ ମ୍ୟାଚ ରେଡ ଓ ବ୍ଲୁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲୁ ଦଳ ପ୍ରଥମେ ବ୍ୟାଟିଂ କରି ୨୧.୨ ବଲରେ ୧୨୫ ରନ କରି ଅଲଆଉଟ ହୋଇଯାଇଥିଲେ। ରେଡ ଦଳ ୨୦.୧ ଓଭରରେ ୩ଟି ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲେ। ବ୍ଲୁ ଦଳର ସଲମିତ ସଲାମ ଡଙ୍ଗରୀ ୨୮ ରନ ସଂଗ୍ରହ କରିଥିବା ବେଳେ ରେଡ ଦଳର ଅଂଶୁମାନ ପରିଡ଼ା ୨୮ ରନ ସଂଗ୍ରହ କରିଥିଲେ। ସେହିପରି ରେଡ ଟିମର ଶୁଭ୍ରାଂଶୁ ଷଡଙ୍ଗୀ ୩ଟି ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମ ମ୍ୟାଚରେ ଅନୁପ ପାତ୍ର ଓ ରାଜେନ୍ଦ୍ର ଗୌଡ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାବୁଲା ରାଉତ, ରବି ନାୟକ,ବାପି ପରିଡା, ବଳରାମ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଅମ୍ପାୟାର ଭାବେ ପ୍ରିୟ ରଞ୍ଜନ ପାତ୍ର ଓ ଅବେଦ ନାୟକ ଏବଂ ସ୍କୋରର ଭାବେ ବିକ୍ରମ ଦେବ ମହାପାତ୍ର ଓ ଅକ୍ଷୟ କୁମାର ପ୍ରଧାନୀ ଉପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ୟେଲୋ ଓ ଅରେଞ୍ଜ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟେଲୋ ଦଳ ପ୍ରଥମେ ବ୍ୟାଟିଂ କରି ୨୨.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରିଥିବା ବେଳେ ଅରେଞ୍ଜ ଦଳ ୩୫ ଓଭରରେ ୯ଟି ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲେ। ଏହି ମ୍ୟାଚରେ ବାଲା ରାୟ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ସୁଭମ ସିଂ ଓ ରୋସନ ବେହେରା ଅମ୍ପାୟର ଓ ସାହୁକାରୀ ଗୌରବ ସ୍କୋରର ଭାବେ ଉପସ୍ଥିତ ଥିଲେ। ଏହି ଚୟନ ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ଟିମ ଆସନ୍ତା ୨୦ ତାରିଖରେ କଟକଠାରେ ହେବାକୁ ଥିବା ଇଣ୍ଟର ସ୍କୁଲ ଟୁର୍ନାମେଣ୍ଟରେ ଭାଗ ନେବେ।

## ନିର୍ମାଣକାରୀ ସଂସ୍ଥା କବ୍‌ଜାରେ ଯାତ୍ରୀ ବିଶ୍ରାମ ଗୃହ

ସୁନାବେଡ଼ା, ୧୨।୧୧ (କୃତ୍ତିବାସ ପ୍ରଧାନ)





ଯାତ୍ରୀ ବିଶ୍ରାମା ଗୃହ ଆଗରେ ଜମା ହୋଇ ରହିଥିବା ମାଟି।

ପ୍ରାୟ ବର୍ଷେ ହେବାକୁ ବସିଲାଣି। ନିର୍ମାଣ ଚାଲିଛି ୨୬ନଂ. ଜାତୀୟ ରାଜପଥ ରାସ୍ତା କାମ। ସୁନାବେଡ଼ା ଘାଟଗୁଡ଼ାରୁ କୋରାପୁଟ ସରକାରୀ ମହାବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ହେଉଛି ପୁନରୁଦ୍ଧାର। ଏଥିସହ ଅନେକ ସ୍ଥାନରେ ରାସ୍ତା ପ୍ରଶସ୍ତୀକରଣ କରାଯିବା ସହ ପୁରୁଣା ପିଚୁ ଓ ମାଟିକୁ ମଧ୍ୟ ଖୋଳାଯାଇ ସେ ସ୍ଥାନରେ ନୂଆ ପିଚୁମିଶା ଗୋଡ଼ି ବିଛାଯାଉଛି। ହେଲେ ବିଡ଼ମ୍ବନାର ବିଷୟ, ଖୋଳା ଯାଉଥିବା ପୁରୁଣା ପିଚୁ ଓ ମାଟିକୁ ରାସ୍ତାର ଉଭୟ ପାର୍ଶ୍ୱରେ ଗଦା କରୁଛି ନିର୍ମାଣକାରୀ ସଂସ୍ଥା। ଯଦ୍ୱାରା ରାସ୍ତା ଅବରୋଧ ହେବା ସହ ରାସ୍ତା କଡ଼ରେ ଥିବା ଯାତ୍ରୀ ଆଶ୍ରୟସ୍ଥଳ ମଧ୍ୟ ପ୍ରଭାବିତ ହେଉଥିବା ଦେଖିବାକୁ ମିଳିଛି। ନିର୍ମାଣକାରୀ ସଂସ୍ଥାର ଖାମଖିଆଲ ନୀତି ଯୋଗୁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଦୀର୍ଘ ବର୍ଷେ ହେବ ଏପରି ସମସ୍ୟାର ସମ୍ମୁଖୀନ ହେଉଥିବା ଡୁମୁରିପୁଟ ନିକଟ ଲିମ୍‌କା ଛକ ଯାତ୍ରୀ ବିଶ୍ରାମ ଗୃହ ବ୍ୟବହାର କରୁଥିବା ଗାଁ ଲୋକ ଅଭିଯୋଗ ଆଣିଛନ୍ତି। ବିଭାଗ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସମସ୍ୟା ସମ୍ପର୍କରେ ୨୬ ନମ୍ବର ଜାତୀୟ ରାଜପଥ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟର୍ଜିନୀ ସେଠୀଙ୍କୁ ତାଙ୍କ ମୋବାଇଲ ନମ୍ବରକୁ ବାରମ୍ବାର ଫୋନ୍ କରିଥିଲେ ବି ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ। ପରେ କଥାହେବେ ବୋଲି ମେସେଜ୍‌ରେ ଲେଖି ପଠାଇଥିଲେ। ଏହାପରେ ସେ ଆଉ କଲ୍ କରି ନଥିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ନଦୀକୂଳରେ କୁଣ୍ଡି ଖୋଳି ପାଣି ସଂଗ୍ରହ

■ ୨ ନଳକୂପ ଅଚଳ

■ ବଣ୍ଡାପୁଟରେ ଜଳକଷ୍ଟ

**ନନ୍ଦପୁର, ୧୨।୧୧ (ତୁଷାରକାନ୍ତ ମହାନ୍ତି)**



ମହିଳାମାନେ କୁଣ୍ଡି ଖୋଳି ପାଣି ନେଉଛନ୍ତି।

କୋରାପୁଟ ଜିଲା ନନ୍ଦପୁର ବ୍ଲକ କୁଲାବିର ପଞ୍ଚାୟତ ଅଧୀନ ବଣ୍ଡାପୁଟ ଗ୍ରାମରେ ପାନୀୟ ଜଳର ସମସ୍ୟା ଉତ୍କଟ ହୋଇଛି। ଗ୍ରାମରେ ଥିବା ଦୁଇଗୋଟି ନଳକୂପ ଅଚଳ ରହିଛି। ଅନ୍ୟ ଉପାୟ ନ ପାଇ ଗ୍ରାମବାସୀ ଗାଁ ପାର୍ଶ୍ୱ ନଦୀଘାଟରେ କୁଣ୍ଡି ଖୋଳି ପାନୀୟ ଜଳ ସଂଗ୍ରହ କରୁଥିବା ଗ୍ରାମର ଶଶୀ ହନ୍ତାଳ, ସଇତା ହନ୍ତାଳ, ସସ୍ମିତା ଦୋରା, ହରିବଲା ହନ୍ତାଳ, ମୁକ୍ତା ସୁଆବି ପ୍ରମୁଖ କହିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ବଣ୍ଡାପୁଟ ଗ୍ରାମରେ ୨ ଗୋଟି ନଳକୂପ ରହିଛି। କିନ୍ତୁ ଦୁଇଟି ଯାକ ନଳକୂପ କାମରେ ଆସୁନାହିଁ। ଗୋଟିଏରୁ ଗୋଳିଆପାଣି ବାହାରୁଥିଲା। ଉକ୍ତ ନଳକୂପରୁ ପାଣି ନେଇ ଗରମ କରିବା ମାତ୍ରେ କଳା ପଡ଼ିଯାଉଥିଲା। ଅଭିଯୋଗ ପରେ ମରାମତି ଦଳ ପହଞ୍ଚି ପରଖି ଦେଖିବା ପରେ ଉକ୍ତ ନଳକୂପର ମୁଣ୍ଡ କାଢ଼ି ରଖି ଦେଇଛନ୍ତି। ଅନ୍ୟଟି ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ି ରହିଛି। ଫଳରେ ଗ୍ରାମବାସୀ ଜୋଲାପୁଟ ଜଳଭଣ୍ଡାର ପାର୍ଶ୍ୱ ନଦୀ କୂଳରେ କୁଣ୍ଡି ଖୋଳି ସେଥିରୁ ଜଳ ସଂଗ୍ରହ କରୁଥିବା କହିଛନ୍ତି। ଜଳଭଣ୍ଡାର ଜଳ ଯେତିକି ନିମ୍ନଗାମୀ ହେବ ସେମାନେ ମଧ୍ୟ ଜଳସ୍ତରର ପିଛା କରି କୁଣ୍ଡି ଖୋଲୁଥିବା କହିଛନ୍ତି। ଗ୍ରାମବାସୀଙ୍କ ଜଳକଷ୍ଟ ସମ୍ପର୍କରେ ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁଚରଣ ସେଠୀଙ୍କୁ ସ୍ଥିତି ପରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଯନ୍ତ୍ରୀ କାହ୍ନୁଚରଣ ସେଠୀଙ୍କୁ ପଚାରିବାରୁ ପ୍ରଥମେ ୨ ଅଚଳ ନଳକୂପର ମରାମତି କରାଯିବ। ଯଦି ସେଥିରୁ ଭଲ ପାଣି ନ ବାହାରେ ତା'ହେଲେ ନୂଆ ନଳକୂପ ଖୋଳିବାକୁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

# ମୃତ ଲୋକଙ୍କୁ ସଫେଇ କର୍ମଚାରୀ ଦର୍ଶାଇ ଟଙ୍କା ହଡ଼ପ

## ପୌର ପରିଷଦରେ ସଫେଇ ନାଁରେ ଦୁର୍ନୀତି ଅଭିଯୋଗ

ମାଲକାନଗିରି,୧୨।୧୧ (ସୁଚିତ୍ରା ଦାସ)

ମାଲକାନଗିରି ପୌର ପରିଷଦରେ ସଫେଇ ନାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଠିକା ସଂସ୍ଥା ଏଲ୍ ଆଣ୍ଡ କେ ସର୍ଭିସ ମୃତ ଲୋକଙ୍କୁ ସଫେଇ କର୍ମଚାରୀ ଦର୍ଶାଇ ପ୍ରତିମାସରେ ଟଙ୍କା ଉଠାଯାଉଥିବାବେଳେ କେତେଜଣ କର୍ମଚାରୀ କାର୍ଯ୍ୟ କରୁ ନ ଥିବା ବେଳେ ତାଙ୍କ ନାମରେ ମଧ ଟଙ୍କା ଉଠାଯାଉଛି। ଏପରିକି ଦୈନିକ ଉପସ୍ଥାନ ଖାତାରେ କୌଣସି କର୍ମଚାରୀ ଦସ୍ତଖତ କରୁ ନ ଥିବା ବେଳେ ଜାଲ୍ ଦସ୍ତଖତ କରୁଛି ଠିକା ସଂସ୍ଥା। ସେହିଭଳି କର୍ମଚାରୀଙ୍କ ଇପିଏଫ୍ ଟଙ୍କା ନିୟମିତ ପୈଠ ନ କରି ହଡ଼ପ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅଧିକାରୀ ଆଇନ ବଳରେ ସାମାଜିକ କର୍ମୀ ସନ୍ତୋଷ କୁମାର ନାଗଙ୍କ ଦ୍ୱାରା ହସ୍ତଗତ ହୋଇଥିବା ତଥ୍ୟରେ ଏହା ଜଣାପଡ଼ିଛି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକଙ୍କୁ




ସାମାଜିକ କର୍ମୀ ସନ୍ତୋଷ ନାଗ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଦୁର୍ନୀତି ସମ୍ବନ୍ଧୀୟ ତଥ୍ୟ ଦେଖାଉଛନ୍ତି।

ପଚାରିବାରୁ ୭ ଦିନ ଭିତରେ ଏହାର ତଦନ୍ତ କରାଯିବ। ଯଦି ଠିକା ସଂସ୍ଥା ନାମରେ କୌଣସି ଦୁର୍ନୀତି ପଦାକୁ ଆସିବ ତା'ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ମୃତ ସଫେଇ କର୍ମଚାରୀଙ୍କ ମଧ୍ୟରୁ ଜଣେ ହେଉଛନ୍ତି ମାଲକାନଗିରି ସଦରସ୍ଥିତ ରୁକ୍ମିଣୀଗୁଡାର ଥୋମାସ ସୋରେନ। ଥୋମାସ ମାଲକାନଗିରି ପୌର ପରିଷଦରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବାବେଳେ ୧୧।୫।୨୦୨୫ରେ ତାଙ୍କର ମୃତ୍ୟୁ ହୋଇଥିଲା। ମେ ୩୧ ତାରିଖ ପର୍ଯ୍ୟନ୍ତ ତାଙ୍କ ନାମରେ ଟଙ୍କା ଉଠାଯାଇଛି। ଏ ସମ୍ପର୍କରେ ପରିବାର ଲୋକ କିଛି ଜାଣି ନ ଥିବା କହିଛନ୍ତି। ଏଭଳିକି ଉପସ୍ଥାନ ଖାତାରେ ଜାଲ୍ ଦସ୍ତଖତ ହୋଇଥିବା ଜଣାପଡ଼ିଛି। ଅନ୍ୟ ଜଣେ ସଫେଇ କର୍ମଚାରୀ ହେଲେ ଟି.ଜୁଲି। ତେବେ ସେ କୌଣସି ଦିନ ଉପସ୍ଥାନ ଖାତାରେ ଦସ୍ତଖତ କରୁ ନ ଥିବା କହିଛନ୍ତି। ଏପରିକି ଦସ୍ତଖତ ଖାତାକୁ ଭଲଭାବେ ନଜର କଲେ ଗୋଟିଏ ବ୍ୟକ୍ତି ହିଁ ସମସ୍ତ କର୍ମଚାରୀଙ୍କ ଦସ୍ତଖତ ଓ ଟିପ ମାରିଥିବା ଅନୁମାନ କରାଯାଉଛି। ଆଉ ଉପସ୍ଥାନ ଖାତାରେ ଥିବା ୯୫ ନମ୍ବର କେ.ସୁନିତା ବିବାହକରି ଆନ୍ଧ୍ରପ୍ରଦେଶରେ ରହୁଥିବା ବେଳେ ତାଙ୍କ ନାମରେ ମଧ ମାସ ମାସ ଧରି ଉଠାଯାଇଛି ଟଙ୍କା। ସେହିଭଳି ଅନ୍ୟ ମୃତ ବ୍ୟକ୍ତି ରାଡମା ହରିଜନ, ଶ୍ୟାମଲ ହେମ୍ବ୍ରମ, ମଙ୍ଗଳା ହେମ୍ବ୍ରମ, ସୁମିତ୍ରା କିସକୁ, ଗୌରୀ ମଜୁମଦାର, ପୁଷ୍ପାଞ୍ଜଳି ଶଗଡିଆ, ବିଶ୍ୱନାଥ ମୁର୍ମୁ, ନରହରି ହେମ୍ବ୍ରମ, ଅନିତା ବାସ୍କେ, ବାସନ୍ତୀ ମୁର୍ମୁ, ନିମାଲ ହାଁସଦା, ସୋନାଲି ହେମ୍ବ୍ରମ, ରଞ୍ଜିତା ମାଦି, ଧନେଶ୍ୱର ହେମ୍ବ୍ରମ, ପ୍ରକାଶ ମୁର୍ମୁ, ସିପୁନ ଗୌଡ ଭଳି ଅନେକଙ୍କ ନାମରେ ଟଙ୍କା ଉଠାଯାଉଥିବା ଜଣାପଡ଼ିଛି। ତେବେ ପୌର ପରିଷଦରେ ମୋଟ ୧୧୮ ଜଣ ସଫେଇ କର୍ମଚାରୀ କାର୍ଯ୍ୟ କରୁଥିବା ଉପସ୍ଥାନ ଖାତାରେ ଥିବାବେଳେ ବାସ୍ତବିକ ୬୦ରୁ ୭୦ ଜଣ ସଫେଇ କର୍ମଚାରୀ କାର୍ଯ୍ୟ କରୁଥିବା ସୂଚନା ଅଧିକାର ବଳରେ ହାସଲ କରିଥିବା ତଥ୍ୟରୁ ଜଣାପଡ଼ିଥିବା ସାମାଜିକ କର୍ମୀ ସନ୍ତୋଷ ନାଗ କହିଛନ୍ତି। ପ୍ରତି କର୍ମଚାରୀ ମାସକ ସାରା ସମ୍ପୂର୍ଣ୍ଣ କାର୍ଯ୍ୟ କଲେ ଦୈନିକ ୪୫୨ ଆକାରରେ ମାସିକ ୧୩,୫୬୦ ଟଙ୍କା ପାଇଥାନ୍ତି। ଯଦି ୪୦ ଜଣଙ୍କର ଦରମା ଟଙ୍କା ହଡପ କଲେ ମାସକୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଏପରିକି ଠିକା ସଂସ୍ଥା ପୌର ପରିଷଦରୁ ଇପିଏଫ ଟଙ୍କା ନେଇ ଚାଲିଥିବା ବେଳେ କର୍ମଚାରୀଙ୍କୁ ଠିକ ଭାବେ ପୈଠ କରୁ ନ ଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ କେତେ ମାସରୁ ଏପରି ପୌର ପରିଷଦରେ ଦୁର୍ନୀତି ଚାଲିଛି ଓ କେତେ ଟଙ୍କା ଦୁର୍ନୀତି ହୋଇଛି ଓ କେଉଁମାନେ ଏଥିରେ ସଂପୃକ୍ତ ତାହା ପଦାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି।

# ଜିଲା ପରିଷଦ ଅଧ୍ୟକ୍ଷାଙ୍କ ପଦବୀ ରଦ୍ଦ ଦାବିକଲା ବିଏସ୍‌ପି

## ନକଲି ଆଦିବାସୀ ଜାତି ପ୍ରମାଣପତ୍ର ଦେଇଥିବା ଅଭିଯୋଗ



ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ବିଏସ୍‌ପି ନେତା ।

ମାଲକାନଗିରି, ୧୨।୧୧(ସୁଚିତ୍ରା ଦାସ)

ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ ନକଲି ଆଦିବାସୀ ଜାତି ପ୍ରମାଣପତ୍ର ଦେଇ ପଦବୀ ହାତେଇଥିବା ଜିଲା ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ସମାରି ଟାଙ୍ଗୁଲୁଙ୍କ ପଦବୀ ତୁରନ୍ତ ରଦ୍ଦ କରିବା ସହ ତାଙ୍କ ବିରୋଧରେ କ୍ରିମିନାଲ କେସ୍ ଦାୟର କରିବାକୁ ଜାରା ଶବର ମାଡ଼ିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗପତ୍ରର ନକଲ ସେମାନେ ମାଲକାନଗିରି ଉପ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ରାଜ୍ୟ ନିର୍ବାଚନ ଆୟୋଗ, ରାଜ୍ୟ ଜନଜାତି ଆୟୋଗ, ଓଡ଼ିଶା ପଞ୍ଚାୟତିରାଜ ବିଭାଗର ପ୍ରଧାନ ସଚିବ, ଭାରତ ସରକାରଙ୍କ ମୁଖ୍ୟ ନିର୍ବାଚନ ଆୟୋଗ, ରାଜ୍ୟ ନିର୍ବାଚନ ଆୟୋଗ, ମୁଖ୍ୟ ଶାସନ ସଚିବ, ରାଜ୍ୟପାଳ, ରାଷ୍ଟ୍ରପତି, ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଜନଜାତି ଆୟୋଗ ଏବଂ ମାଲକାନଗିରି ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ପ୍ରେରଣ କରି ଘଟଣାର ତୁରନ୍ତ ତଦନ୍ତ ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରାଯାଇଛି। ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବା ସମୟରେ ସନାତନ କବାସୀ, ସୁଶାନ୍ତ ବେଟି, ଉଙ୍ଗା ପଡ଼ିଆମୀ, ଜଗା ପଡ଼ିଆମୀ, ଗଣେଶ ମାଡକାମୀ, ରମେଶ ପଡ଼ିଆମୀ ଓ ଲାକମା ମାଡକାମୀ ପ୍ରମୁଖ ଜନଜାତି ସମ୍ପ୍ରଦାୟର ନେତୃ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କିଛିଦିନ ତଳେ ମାଲକାନଗିରି ଜିଲା ବହୁଜନ ସମାଜ ପାର୍ଟି ଏକ ଖବରଦାତା ସମ୍ମିଳନୀ କରି ଜିଲା ପରିଷଦ ଅଧ୍ୟକ୍ଷା ନକଲି ଆଦିବାସି ଜାତି ପ୍ରମାଣପତ୍ର ଦେଇଥିବା ଅଭିଯୋଗ କରିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ବିଏସ୍‌ପି ସଭାପତି ଜାରାଶବର ମାଡି ଜିଲା ପରିଷଦ ଅଧ୍ୟକ୍ଷାଙ୍କ ପିତା ଖଗପତି ଟାଙ୍ଗୁଲଙ୍କ ନାମରେ ଚିତ୍ରକୋଣ୍ଡା ତହସିଲ ଅଧୀନରେ ବଡପଡା ଗ୍ରାମ ଓ ମୌଜାରେ ଖାତିୟନର କ୍ରମିକ ନଂ. ୬୩/୪୧ ରେ ଜାତି– କଟିଆ (ସାଧାରଣ) ବୋଲି ସେଟେଲମେଣ୍ଟ ପଟ୍ଟାରେ ଉଲ୍ଲେଖ ରହିଥିବାର ପ୍ରମାଣିତ କପି ଦେଖେଇଥିଲେ।

# ଠକେଇର ଶିକାର ହେଲେ ଟୋଲ୍ ଫ୍ରି ନଂ. ୧୯୩୦ରେ ଜଣାଅ




ମଞ୍ଚରେ ଉପସ୍ଥିତ ପୋଲିସ ଅଧିକାରୀ ଏବଂ ଜନପ୍ରତିନିଧି।

## କୋରୁକୋଣ୍ଡା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା

କୋରୁକୋଣ୍ଡା,୧୨।୧୧(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ପକ୍ଷରୁ ଥାନା ଅଧିକାରୀ ହିମାଂଶୁ ଶେଖର ବାରିକଙ୍କ ନେତୃତ୍ୱରେ ବୁଧବାର ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କୋରୁକୋଣ୍ଡା ସଦରସ୍ଥିତ ସ୍ୱାମୀ ଶିବାନନ୍ଦ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି କୋରୁକୋଣ୍ଡା ସଦରର ବିଭିନ୍ନ ଅଞ୍ଚଳ ପରିକ୍ରମାକରି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସାଇବର ଠକେଇରୁ କିପରି ନିବୃତ୍ତ ରହିବେ ସେ ନେଇ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନ କରାଯାଇଥିଲା। ଏହାପରେ ସ୍ୱାମୀ ଶିବାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ପୋଲିସ ପ୍ରଶାସନ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡୁଡ଼ାମେଟା ପଞ୍ଚାୟତର ସରପଞ୍ଚ ମାଧବ ମାଡ଼ି, ସମ୍ମାନିତ ଅତିଥି ଭାବେ ଖବରଦାତା ଶିବଦତ୍ତ ସାହୁ, କୋରୁକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନଳିନୀକାନ୍ତ ନାୟକ, କୋରୁକୋଣ୍ଡା ସରପଞ୍ଚ ପଦ୍ମା ମାଡକାମୀ, ତାର୍ଲାକୋଟା ସରପଞ୍ଚ ସାନରୀ ଖିଲ, ତୁମସାପାଲ୍ଲୀ ସରପଞ୍ଚ ଦେବା ମାଡାକାମୀ, ଡୁଡ଼ାମେଟା ପଞ୍ଚାୟତର ସମିତି ସଭ୍ୟା ସବିତା ଦାସ, କୋରୁକୋଣ୍ଡା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସତ୍ୟବ୍ରତ ବାରୋଇଙ୍କ ସମେତ ଏସ୍‌ଆଇ ପ୍ରଶାନ୍ତ କୁମାର ସାବତ ପ୍ରମୁଖ ଉପସ୍ଥିତ ଥିଲେ। ଇଣ୍ଟରନେଟ୍ ଯୁଗରେ ହେଉଥିବା ସାଇବର ଠକେଇରୁ ଜନସାଧାରଣ କିପରି ଭାବେ ସୁରକ୍ଷିତ ରହିପାରିବେ ସେ ନେଇ ମଞ୍ଚାସୀନ ଅତିଥି ଉପସ୍ଥିତ ଛାତ୍ରୀଛାତ୍ର ଓ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ମୁଖ୍ୟତଃ ସାଇବର ଅପରାଧୀମାନେ ଡିଜିଟାଲ ପ୍ଲାଟ୍‌ଫର୍ମ ମାଧ୍ୟମରେ ଲୋକଙ୍କ ବ୍ୟାଙ୍କ ଜମାଖାତାରୁ ଟଙ୍କା ଠକି ନେଇଥାନ୍ତି। ଅନେକ ସମୟରେ ସାଇବର ଅପରାଧୀମାନେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକିଥାନ୍ତି। ଅଜଣା ବ୍ୟକ୍ତିଙ୍କ ନମ୍ବରରୁ କଲ୍ ଆସିଲେ ତୁରନ୍ତ ପ୍ରଥମେ ନିଜର ଅଭିଭାବକ ଏବଂ ଆବଶ୍ୟକ ପଡ଼ିଲେ ତତ୍‌କ୍ଷଣାତ ପୋଲିସକୁ ଅବଗତ କରିବାକୁ କୁହାଯାଇଥିଲା। ସୂଚନା ପାଇବା ମାତ୍ରେ ପୋଲିସ ଏହା ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଥାନା ଅଧିକାରୀ ବାରିକ କହିଥିଲେ। ଯଦି କୌଣସି ବ୍ୟକ୍ତି ସାଇବର ଠକାମିର ଶିକାର ହେଉଛନ୍ତି ତେବେ ତୁରନ୍ତ ନିକଟସ୍ଥ ଥାନାରେ ଅବଗତ କରାଇବା ସହ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଟୋଲ୍ ଫ୍ରି ନମ୍ବର ୧୯୩୦ରେ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇବାକୁ କୁହାଯାଇଥିଲା। ଏଥିସହ ଓଟିପି କିମ୍ବା ନିଜର କୌଣସି ବ୍ୟକ୍ତିଗତ ତଥ୍ୟ କାହାରିକୁ ନ ଦେବାକୁ ସଚେତନ କରାଯାଇଥିଲା। ଏହି ଅବସରରେ ସାଇବର ସଚେତନତାକୁ ନେଇ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମଞ୍ଚାସୀନ ଅତିଥି ପୁରସ୍କୃତ କରିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସଭାରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅଞ୍ଚଳବାସୀଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରାଯାଇଥିଲା।

# ଜିଲା ବଣିଜ ସଂଘ ବୈଠକ

ମାଲକାନଗିରି, ୧୨।୧୧ (ଗୌରିଶଙ୍କର ପଣ୍ଡା): ମାଲକାନଗିରି ଜିଲା ବଣିଜ ସଂଘ ପକ୍ଷରୁ ବୁଧବାର ଜିଲା ସଦରରେ ଥିବା ନଗର ଭବନ ପରିସରରେ ଏକ ବନ୍ଧୁମିଳନ ଓ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘର ସଭାପତି ସୁରେଶ ଚନ୍ଦ୍ର ସୋମାନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଂଘର ଅନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ଜିଲା ବଣିକ ସଂଘର ଆଗାମୀ ଦିନର ପଦକ୍ଷେପ, ସଦସ୍ୟଙ୍କ ରହିଥିବା ବିଭିନ୍ନ ସମସ୍ୟା ଓ ଜିଲାରେ ବ୍ୟବସାୟୀଙ୍କ ରହିଥିବା ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା।


**OFFICE OF THE SUPERINTENDING ENGINEER**
**RWS&S DIVISION, BHUBANESWAR**
E-Mail: eebbsrrwss@gmail.com
**Cancellation of Quotation Call Notice No.20 of 2025-26**
**Letter No.4378, Dt.11.11.2025**

No.O-1418: The Quotation Call Notice No.20 of 2025-26 for Hiring of vehicle for Office use of the Engineer-in-Chief, RWS&S (O), Bhubaneswar is hereby cancelled due to non response.

Sd./- Superintending Engineer
RWS&S Division, Bhubaneswar
OIPR-

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, BALLIGUDA**
No. 4073/RWDBLG Date: 07.11.2025
**2nd Corrigendum to the Bid Identification No. Online Tender/04/EERWD BLG/2025-26**

No. O-1409: The tender invited vide Bid Identification No. Online tender/04/EERWD BLG/2025-26 vide T.O. Office Letter No. 3561 Dt.25.09.2025. Due to unavoidable circumstances, the availability of tender online for bidding is from 11.11.2025 at 10.00 A.M. to 19.11.2025 upto 5.00 P.M. Instead of 04.11.2025 at 10.00 A.M. to 14.11.2025 upto 5.00 P.M. Opening Dt.20.11.2025.
The other terms and conditions are remained unchanged.
Further details, corrigendum(s) etc can be seen from the e-procurement portal "https://www.tendersorissa.gov.in".
OIPR- Sd./- Executive Engineer, R.W. Division, Balliguda

**COUNCIL OF HIGHER SECONDARY EDUCATION, ODISHA**
**PRAJNAPITHA, SAMANTAPUR, BHUBANESWAR-13**
**NOTIFICATION**
No.N-194: Bhubaneswar, Dated 11th November, 2025
**Extension of Timeline for Central Sector Scheme of Scholarship**

No.S.W.116/2025/5800/ CHSE (O), This is for information of the students and INO/DNO that timeline for all post matric/ Top Class Central Sector Schemes has been extended as under.

| Particulars | Extension Granted Upto |
|---|---|
| Last date for receipt of applications | 15.11.2025 |
| Last date for INO level verification(L1) | 30.11.2025 |
| Last date for DNO/SNO/ Ministry level verification (L2) | 15.12.2025 |

For detailed information please visit the website (NSP) www.scholarships.gov.in.

By order of the Chairman
Sd./- Dy. Secretary
OIPR-

**TDCCOL**
**TRIBAL DEVELOPMENT CO-OPERATIVE CORPORATION OF ORISSA LTD.**
Tel.: 0674-2542475/2542617, Fax: 2544828
Email: admin@tdccorissa.org, Website: www.tdccodisha.org
No. 2904/TDCCOL Date: 07.11.2025
**TENDER CALL NOTICE FOR SUPPLY OF COFFEE BREWING MACHINES, BEANS GRINDERS & BLENDERS**

No. CAD-2235: Sealed tender(s) are invited from registered dealers/manufacturers/ authorized suppliers for supply, installation, testing and commissioning of coffee brewing machines, grinders and blenders along with accessories to be supplied and installed at different locations in Odisha. The tender paper with all documents sealed cover will be received at the office of the MD, TDCCOL, Rupali Square, Bhubaneswar - 751022 only by Speed Post/Registered Post. The tender paper will not received by Courier/personal means/by hand/special messenger. The undersigned reserves the right to accept or reject any or all the tenders without assigning any reason thereof. The detail terms and conditions can be downloaded from the official website: **www.tdccodisha.org**. The intending vendors/suppliers who are willing to supply the iterms are requested to submit their willingness/offers in a prescribed format as mentioned in the tender paper. The last date and time of receipt of tender documents is upto 05.00 P.M. on 01.12.2025.
OIPR- Sd./- Managing Director

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**
No. O-1323
**'e' PROCUREMENT NOTICE No. Tender Online 10 JJPT of 2025-26**

1. Name of Work : Road work
2. Total No. of Work : 1 No. Road Work
3. Estimated Cost (Approx.) : Rs.58.73 Lakhs
4. Period of Completion : 60 Days
5. Class of Contractors : B Class

**Other details as follows:**
a) Procurement Officer : Superintending Engineer, Rural Works Division, Jajpur
b) Availability of tender online & submission of bid : 11.11.2025 at 10.00 A.M. to 21.11.2025 upto 5.00 P.M.
c) Last date & time of seeking of tender clarification : 20.11.2025 upto 5.00 P.M.
d) Opening of Technical Bid : 24.11.2025 at 11.00 A.M.

Further details can be seen from the Govt. website: **www.tendersodisha.gov.in**.
**Note:** If situation arises the transparent lottery will be held on 28.11.2025, at 11.30 A.M.
Sd./- Superintending Engineer
Rural Works Division, Jajpur
OIPR:

**GOVERNMENT OF ODISHA** No. C-1381
**OFFICE OF THE SUPERINTENDING ENGINEER, PUBLIC HEALTH DIVISION, BALANGIR**
Email. ID – eephbgr@yahoo.co.in, Ph. No – (06652 – 234647)
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. ACEPHBGR 11/2025-26 Dt.30.10.2025**

| | | | |
|---|---|---|---|
| 01. | Name of the Work | : | 07 No. |
| 02. | Estimated Cost | : | Rs.8.79 Lakhs to 62.63 Lakhs |
| 03. | Period of Completion | : | 03 Months |
| 04. | Date & Time of availability of bid document in the portal | : | From 11.00 AM of dt. 11.11.2025 to 5.00 PM of dt. 25.11.2025 |
| 05. | Last date / time of receipt of bids in the portal | : | 5 PM of dt. 25.11.2025 |
| 06. | Date & Time of opening of bids | : | At 11.00 AM of dt. 26.11.2025 |
| 07. | Name and Address of the Officer Inviting Bid | : | The Superintending Engineer, Office of The Superintending Engineer, Public Health Division, Balangir, At- Tulasinagar, Po/Dist.- Balangir, Pin- 767001, Odisha, Phone:- 06652-234647, E-mail: eephbgr@yahoo.co.in |

**Further details can be seen from the website https://tenders.ori.nic.in or www.tendersodisha.gov.in**
Sd./-Addl. Chief Engineer,
P.H.Division, Balangir
OIPR-

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I,GANJAM,BERHAMPUR**
**Government of Odisha e-Procurement Notice**
Bid Identification No.Online Tender//13//SERWDG-I//2025-26
E-Mail: eerw_gm1@yahoo.co.in
No.O-1396 Letter No.5141// RWDG-I//BAM//Date:01.11.2025

| | | | |
|---|---|---|---|
| 1. | Name of the Work | :: | Road Work |
| 2. | Estimated Cost | :: | Rs.50.42 Lakhs |
| 3. | Period of Completion | :: | 02 (Two) Calendar Months as shown in Column No.06 of Annexure |
| 4 | Date & Time of Availability of Bid documents in the Portal | :: | From 12.11.2025 at 11.00 AM to 24.11.2025 upto 5.00 P.M. |
| 5 | Last Date/Time for Receipt of Bids in the Portal | :: | 24.11.2025 upto 5.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in.
Sd./- Executive Engineer
R.W. Division-I, Ganjam, Berhampur
OIPR-

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523
**INVITATIONS FOR BIDS (IFB)**
File No. B-II-Rev.-18/2024 Lr. No. 42147 / Bhubaneswar, Dtd. 4th Nov., 2025
No. B-684 **Invitation for Bids**
**1st Corrigendum**
**RFP Identification No. C.E. (B) - 27/2025-26**

Name of the Work - Supervision Consultancy Services for the work "Construction of New Collectorate Building, Cuttack (G/S+5 Floors) on Turnkey Basis in the State of Odisha".
The following changes have been made in RFP Identification No. C.E.(B) - 27/2025-26. Bid documents can be seen/downloaded from the Govt. Website i.e. **www.tendersorissa.gov.in,** during the period **Dt.15.11.2025 to 17.30 hours of Dt.01.12.2025** instead of **Dt.03.11.2025 to 17.30 hours of Dt.17.11.2025** for ONLINE BIDDING respectively.
1. A pre-bid meeting shall be held on Dt.21.11.2025 at 11.30 A.M. at the Conference Hall of Office of the Chief Engineer (Buildings-I), Odisha, Nirman Soudha, Unit-V, Bhubaneswar instead of Dt.10.11.2025.
2. Online bids shall be received till 17.30 hours of Dt.01.12.2025 instead of Dt.17.11.2025.
3. Hardcopy shall be received on or before Dt.05.12.2025 upto 17.30 hours by this office instead of Dt.24.11.2025.
4. The technical bids will be opened at 11.30 A.M. of Dt.06.12.2025 instead of Dt.25.11.2025.

All other terms and conditions remain unchanged.
OIPR- Sd./- Chief Engineer (Buildings-I), Odisha

**GOVERNMENT OF ODISHA** No. A-864
**DEPARTMENT OF WATER RESOURCES**
**Office of the Superintending Engineer, Drainage Division, Jajpur**
**Email id-ddckl121@gmail.com**
**"e" PROCUREMENT NOTICE NO.- DDJPR - 02/2025-26**

| | | |
|---|---|---|
| 1 | Name of work: - | Drainage works (Under D.I.P. Scheme) |
| 2 | Total No. of Project: - | 5 Nos. of individual work. |
| 3 | Estimated cost of individual works: | Varies from Rs.74,62,217/- to Rs.79,71,065/- (Excluding G.S.T.) |
| 4 | Period of completion: - | 08 (Eight) Calendar months |
| 5 | Bid Identification Number | **DDJPR-05/2025-26 to DDJPR-09/2025-26** |
| 6 | Date & Time of availability of Bid document in the Portal | From Dt.12.11.2025 at 10.00 hours to Dt.26.11.2025 at 17.00 hours |
| 7 | Date of Opening of bid | Dt.27.11.2025 at 11.30 Hrs in the O/o The Superintending Engineer, Drainage Division, Jajpur |
| 8 | Date of Opneing of Financial bid | Dt.08.12.2025 at 11.30 Hrs in the O/o The Superintending Engineer, Drainage Division, Jajpur |
| 9 | Date of Lottery (if required) | Dt.22.12.2025 at 11.30 Hrs in the O/o The Superintending Engineer, Drainage Division, Jajpur |
| 10 | Procurement Officer/ Name & address of the officer inviting Bids. | Superintending Engineer, Drainage Division, Jajpur. |

Further details can be seen from the Govt. Website **www.tendersodisha.gov.in**
Sd./- Superintending Engineer
Drainage Division, Jajpur
OIPR-

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RWSS DIVISION, KORAPUT**
e-mail: eerwss_kpt@rediffmail.com, Ph. No.: 06852-250281 (Off), Ph. No.: 06852-250680 (Res.), Fax No.: 06852-251098
**National Competitive Bidding Through E-Procurement**
**Tender Identification No. 13/SE/RWSS/KPT/2025-26/01.11.2025**

No. O-1357: The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single Cover (P1 Contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted online in the website **www.tenderorissa.gov.in** separately for the works.

| | | |
|---|---|---|
| 1 | Nature of Work | Rural piped water supply projects under Koraput District |
| 2 | Estimated Cost | Varies from 15.19 Lakhs to 59.36 Lakhs |
| 3 | Total Nos. of Works | 8 Nos. |
| 4 | Tender Cost | Rs.6,000.00 & Rs.10,000.00 |
| 5 | Class of Contractor | "D", "C" & "B" |
| 6 | Availability of Bid document in the website | Dt.11.11.2025 at 17.00 hours to 20.11.2025 upto 17.00 hours |
| 7 | Date of seeking clarification | During the office hours of 11.11.2025 to 19.11.2025 |
| 8 | Date of Opening of Bid | Dt.21.11.2025 at 11.00 hours |

Further details can be seen in the bidding documents which is available in the e-procurement portal **https/www.tendersorissa.gov.in.** Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.
Sd./- Addl. Chief Engineer
RWS&S Division, Koraput
OIPR-

**ଓଡ଼ିଶା ସରକାର** No.A-883
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଜାରକା ଜଳସେଚନ ବିଭାଜନ**
ଇମେଲ–eeidjaraka@yahoo.com
**"e" Procurement Notice**
**Bid Identification No.-JKID-03/2025-26**

1. କାର୍ଯ୍ୟର ନାମ : Irrigation Project Works as per DTCN
2. ମୋଟ କାର୍ଯ୍ୟ ସଂଖ୍ୟା : ୩୪ (ଚଉତିରିଶ ଗୋଟି କାର୍ଯ୍ୟ)
3. ଅଟକଳ ମୂଲ୍ୟ : ୫.୧୧ ଲକ୍ଷରୁ ୩୨.୩୩ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : କ୍ର.ନଂ.୧ ରୁ ୩୪ ୯୦ ଦିନ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :

I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନ,ଜାରକା
II. ଅନଲାଇନ Biddingର ସମୟସୀମା: ତା.୧୩.୧୧.୨୦୨୫ ଦିବା ୧୧ ଘଟିକାରୁ ତା.୨୪.୧୧.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial bid: ଖୋଲାଯିବାର ତାରିଖ ଓ ସମୟ ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୫.୧୧.୨୦୨୫ ଦିବା ୧୧.୦୦ ଘଟିକା
IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଜାରକା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୫.୧୨.୨୦୨୫ ଦିବା ୧୧.୦୦ ଘଟିକା ସମୟରେ ।

Further details can be seen from the Govt. website www.tendersorissa.gov.in
Sd./– ଅଧୀକ୍ଷଣ ଯନ୍ତ୍ରୀ
ଜାରକା ଜଳସେଚନ ବିଭାଜନ, ଜାରକା
OIPR-

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JASHIPUR**
**GOVERNMENT OF ODISHA**
No.A-874 **"e" Procurement Notice**
**Bid Identification No.05 MID (JSP/2025-26)**

1. Name of the Inviting Officer : Superintending Engineer, Minor Irrigation Division, Jashipur
2. Name of the Work : Improvement of Embankment Road of MIP in Jashipur Block of Mayurbhanj District under the scheme CAPEX Road for the year 2025-26
3. No. of Works : 1 (One) Nos.
4. Tender Amount Varies From : 92.29 Lakhs
5. Date & Time of availability of Bid document in the Portal for online bidding from : Dt.15.11.2025 10.00 hrs to Dt.24.11.2025 17.00 Hrs.
6. Last date and time for receipt of Bids in the Portal : Dt.24.11.2025 upto 17.00 hrs
7. Last date and time for clarification upto : Dt.24.11.2025 upto 17.00 hrs
8. Date of Opening of Bid : Dt.25.11.2025 at 11.00 hrs onwards

The detail tender call notice can also be seen in the DOWR website: http://dowrorissa.gov.in.
Name & Address of the OIT : Superintending Engineer, M.I.Division, Jashipur, At/PO-Khairi / Dist: Mayurbhanj, PIN-757091 E-Mail: eemijashipur@yahoo.com
Further details can be seen from the e-Procurement market place : http://tenderorissa.gov.in
• Subsequent corrigendum/addendum if required shall be available in the above portal.
• The tender inviting authority reserves the right to reject/cancel any or all tenders without assigning any reason thereof.
Sd./- Superintending Engineer
M.I. Division, Jashipur
OIPR-

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଦେବାଂଶି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶଙ୍କର ପୃଷ୍ଟିଙ୍କ ପ୍ରମୁଖ ସହଯୋଗୀ ସାଗର ଗିରଫ

## ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା

- ସାଗରଙ୍କ ଜରିଆରେ ଏଜେଣ୍ଟଙ୍କ ସହ ଲିଙ୍କ୍‌ରେ ଥିଲେ ଶଙ୍କର
- ଶଙ୍କର ସମେତ ୬ଜଣଙ୍କ ଜାମିନ ଆବେଦନ
- ଆସନ୍ତା ସପ୍ତାହରେ ଓଡ଼ିଶା ଆସିବ ସିବିଆଇ ଟିମ୍

ଭୁବନେଶ୍ୱର, ୧୨।୧୧(ତ୍ରିନାଥ ମହାନ୍ତି)

ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାରେ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ପ୍ରମୁଖ ସହଯୋଗୀ ସାଗର ଗୌଡ଼ଙ୍କୁ କ୍ରାଇମବ୍ରାଞ୍ଚ ବୁଧବାର ଗିରଫ କରିଛି। ସାଗରଙ୍କ ଜରିଆରେ ଶଙ୍କର ଏଜେଣ୍ଟଙ୍କ ସହ ଲିଙ୍କ୍‌ରେ ଆସୁଥିଲେ ବୋଲି କ୍ରାଇମବ୍ରାଞ୍ଚ ତଦନ୍ତରୁ ଜାଣିବାକୁ ପାଇଛି। ଦୀଘା ମଡ୍ୟୁଲକୁ ଅପରେଟ୍ କରୁଥିଲେ ସାଗର। ଗିରଫ ପରେ କ୍ରାଇମବ୍ରାଞ୍ଚ ସାଗରଙ୍କୁ ନେଇ ପଚରାଉଚରା କରୁଛି। ସାଗର ଉତ୍ତର ଓଡ଼ିଶାରୁ ପିଲା ସଂଗ୍ରହ କରିବା ଦାୟିତ୍ୱରେ ରହିଥିଲେ। ପିଲା ଯୋଗାଡ଼ ହେବା ପରେ ଶଙ୍କରଙ୍କ ନିକଟରେ ପହଞ୍ଚାଉଥିଲେ। ଶଙ୍କର ସେମାନଙ୍କୁ ପୋଲିସ ଏସ୍ଆଇ ଚାକିରି କରାଇ ଦେବାକୁ କହି ଜଣଙ୍କ ପିଛା ୨୫ ଲକ୍ଷ ସଂଗ୍ରହ କରୁଥିଲେ। କ୍ରାଇମବ୍ରାଞ୍ଚ ଶଙ୍କର ସିଡିଆର ଯାଞ୍ଚ କରିବା ପରେ ସାଗର ଲିଙ୍କ୍ ପାଇଥିଲା। ଏହାପରେ ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁରରେ ଚଢାଉ କରାଯାଇ ସାଗରଙ୍କୁ ଗଞ୍ଜାମରୁ ଗିରଫ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଶଙ୍କରଙ୍କ ସହ ସାଗରଙ୍କ ଉତ୍ତମ ସମ୍ପର୍କ ଥିବାରୁ ସେ ଅନ୍ୟ ଦଲାଲଙ୍କ ମଧ୍ୟରେ ସମନ୍ୱୟ ରଖୁଥିଲେ। ଶଙ୍କର ଯାହା କହୁଥିଲେ, ତାହାକୁ ସାଗର ମାନୁଥିଲେ। ସାଗର ଏକାଧିକ ପିଲାଙ୍କ ଠାରୁ ଅସଲି ସାର୍ଟିଫିକେଟ ଏବଂ ଟଙ୍କା ନେଇଥିଲେ। ଏସ୍ଆଇ ପରୀକ୍ଷା ଜାଲିଆତି ଧରାପଡ଼ିବା ପରେ ସାଗର ଫେରାର ଥିଲେ। ରାଜ୍ୟ ସରକାର ଦେଇଥିବା ସିବିଆଇ ତଦନ୍ତକୁ କେନ୍ଦ୍ର ସରକାରଙ୍କ କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରଣାଳୟ ଅଧୀନ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ମଞ୍ଜୁରୀ କରିଛି। ତେଣୁ ପରୀକ୍ଷା ଜାଲିଆତି ମାମଲାର ତଦନ୍ତ ପାଇଁ ଆସନ୍ତା ସପ୍ତାହରେ ସିବିଆଇ ଟିମ୍ ଓଡ଼ିଶା ଆସିବ ବୋଲି ଜଣାପଡ଼ିଛି। ଭୁବନେଶ୍ୱର ସିବିଆଇ ଜୋନ୍ ଅଧିକାରୀଙ୍କ ସହ


ସାଗର ଗୌଡ଼

ଭେଟିବାପରେ ମାମଲାର ତଦନ୍ତ ଆଗକୁ ବଢିବ ବୋଲି ସୂଚନା ମିଳିଛି।

ଆହୁରି ମଧ ପଞ୍ଚସଫ୍ଟ ଟେକ୍ନୋଲୋଜିର ମାଲିକ ଗଞ୍ଜାମ ଜିଲାର ଶଙ୍କର ପୃଷ୍ଟିଙ୍କ ସମେତ ୬ଜଣ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରିଛନ୍ତି। ଏହାର ଶୁଣାଣି ଗୁରୁବାର ହେବ ବୋଲି ଜଣାପଡ଼ିଛି। ଶଙ୍କରଙ୍କୁ କ୍ରାଇମବ୍ରାଞ୍ଚ ଆଣି ପଚରାଉଚରା କରିଥିଲେ ମଧ୍ୟ ସେ ଏକାଧିକ ମିଛ କହିଛନ୍ତି। ତେଣୁ ତାଙ୍କର ଲାଏ ଡିଟେକ୍ସନ ପରୀକ୍ଷା ପାଇଁ କ୍ରାଇମବ୍ରାଞ୍ଚ କୋର୍ଟରେ ଆବେଦନ କରିଛି। କୋର୍ଟ ଅନୁମତି ଦେବା ପରେ ତାଙ୍କୁ ଆଣି ମିଛଧରା ପରୀକ୍ଷା କରାଯିବ। ଏହି କେଲେଙ୍କାରୀ ପଛରେ ବହୁ ପ୍ରଭାବଶାଳୀ, ବରିଷ୍ଠ ଅଧିକାରୀଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି। ଏପରି କି ଶଙ୍କର ନିଜେ ପୂର୍ବ ସରକାର କଥା କହି ଏହି ଘଟଣାରେ ୧୦୦୦ କୋଟି ଟଙ୍କାର ଡିଲ୍ ହୋଇଥିବା କଥା କହିଥିଲା। ଗୋଳିଆପାଣି ଭିତରେ ର୍ୟାକେଟରେ ସମ୍ପୃକ୍ତ ଥିବା ପ୍ରଭାବଶାଳୀ ଓ ସମ୍ପୃକ୍ତ ଥିବା ପୋଲିସ ଅଧିକାରୀ ଖସିଯିବେ ବୋଲି ଭାବିଥିଲେ। ହେଲେ ସିବିଆଇର ଏଣ୍ଟ୍ରିକୁ ନେଇ ଏବେ ବି ମୁଣ୍ଡରେ ଚଡ଼କ ପଡିଛି।

# ଲଜ୍‌ରେ କଲେଜ ଛାତ୍ରୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)


ରିତେଶ ପଟ୍ଟନାୟକ

ଜଣେ କଲେଜ ଛାତ୍ରୀଙ୍କୁ ପ୍ରଲୋଭିତ କରି ଲଜ୍‌ରେ ରଖି ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ବ୍ରହ୍ମପୁର ବଡ଼ବଜାର ପୋଲିସ ବାନ୍ଧିଛି। ସେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ହଳଦିଆପଦର ତିରୁପତି ନଗର ୪ର୍ଥ ଲାଇନ୍‌ରେ ରହୁଥିବା ରିତେଶ ପଟ୍ଟନାୟକ(୨୩)। ତାଙ୍କୁ ବଳାତ୍କାର, ଠକେଇ ଓ ପ୍ରତାରଣା ଅଭିଯୋଗରେ ଗିରଫ କରାଯାଇଛି। ରିତେଶଙ୍କଠାରୁ ଏକ ଦାମୀ ବାଇକ୍, ୨ଟି ମୋବାଇଲ ଫୋନ୍ ଜବତ ହୋଇଛି। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ରିତେଶଙ୍କୁ ମାମଲା ନଂ.୫୬୫/୨୫ରେ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଲଜ୍ କିଏ ବୁକ୍ କରିଥିଲେ, ପୀଡ଼ିତା ସେଠାରେ ରହିଥିଲେ ଓ ଏଥିରେ ଲଜ୍‌ର କୌଣସି କର୍ମଚାରୀଙ୍କ ସମ୍ପୃକ୍ତି ଅଛି କି ନାହିଁ ସେ ଦିଗରେ ପୋଲିସ ତଦନ୍ତ ଜାରି ରଖିଛି।

ରିତେଶ ଦୁବାଇରେ କାମ କରୁଥିବା କହି ବଡ଼ବଜାର ଥାନା ଅଞ୍ଚଳରେ ରହି ଯୁକ୍ତ୨ ପଢୁଥିବା ଛାତ୍ରୀଙ୍କ ସହ ଗତ ଜୁନ୍ ମାସରେ ଇନ୍‌ଷ୍ଟାଗ୍ରାମରେ ସମ୍ପର୍କ ଆରମ୍ଭ କରିଥିଲେ। କିଛିଦିନ ମେସେଜ୍ କରିବା ପରେ ରିତେଶ ତାଙ୍କୁ ବିବାହ କରିବେ ବୋଲି କହି ଫଟୋ ଉଠାଇଥିଲେ। ସମ୍ପର୍କ ବଢ଼ିବା ପରେ ଛାତ୍ରୀଙ୍କୁ ଘରୁ ସୁନା ଓ ଟଙ୍କା ଆଣିବାକୁ କହିଥିଲେ। ତେଣୁ ଛାତ୍ରୀ ଜଣଙ୍କ ନିଜ ଆକାଉଣ୍ଟରୁ ୪୦ ହଜାର ଟଙ୍କା ଉଠାଇବା ସହ ଘରୁ ୧୦ ଭରି ସୁନା ଅଳଙ୍କାର ଆଣି ଯୁବକଙ୍କୁ ଦେଇଥିଲେ। ସେହି ସୁନାକୁ ରିତେଶ ମୁଥୁଟ୍ ଫାଇନାନ୍ସରେ ବନ୍ଧକ ରଖି ୫ ଲକ୍ଷ ଆଣିଥିଲେ। ଏହାପରେ ସେ ଛାତ୍ରୀଙ୍କୁ ସହରର ଏକ ଲଜ୍‌କୁ ନେଇ ସେଠାରେ ବିବାହ ପ୍ରତିଶ୍ରୁତି ଦେଇ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ସେ ସମୟରେ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ମଧ୍ୟ ଉତ୍ତୋଳନ କରିଥିଲେ। ପରେ ନାବାଳିକାଙ୍କୁ ପ୍ରତାରଣା କରିବା ସହ ଟଙ୍କା ଓ ସୁନା ଅଳଙ୍କାର ମାଗିଲେ ଫଟୋ, ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଏଥିରେ ଛାତ୍ରୀ ଜଣଙ୍କ ଭୟଭୀତ ହୋଇ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ କରି ଅଧ୍ୟାପକ ନିଲମ୍ବିତ

କଣ୍ଟପଡ଼ା,୧୨।୧୧(ସୁରନାରାୟଣ ସାହୁ)

ଅଡ଼ଶପୁରସ୍ଥିତ ୟୁ.ଏନ୍. ସ୍ୱୟଂଶାସିତ ମହାବିଦ୍ୟାଳୟର +୨ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗର ଜଣେ ଛାତ୍ରୀଙ୍କୁ ବିଭିନ୍ନ ସମୟରେ ଅସଦାଚରଣ କରିବା ଅଭିଯୋଗରେ ଉଚ୍ଚଶିକ୍ଷା ବିଭାଗ ଜଣେ ଅଧ୍ୟାପକଙ୍କୁ ନିଲମ୍ବନ କରିଥିବା ଜଣାପଡ଼ିଛି। ଅପରପକ୍ଷେ ସମ୍ପୃକ୍ତ ଅଧ୍ୟାପକ ପୀଡ଼ିତା ଛାତ୍ରୀଙ୍କ ପରିବାରକୁ ଯାଇ କ୍ଷମା ମାଗିଥିବା ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି।

ଖବର ନେବାରେ ଜଣାପଡ଼ିଛି, ନିଲମ୍ବିତ ଅଧ୍ୟାପକ ଲକ୍ଷ୍ମୀଧର ସାହୁ କ୍ଲାସରେ ପାଠ ପଢ଼ାଇବା ସମୟରେ ପୀଡ଼ିତା ଛାତ୍ରୀଙ୍କୁ ସେକ୍ସୁଆଲ ହାରାସ୍‌ମେଣ୍ଟ କରି ଆସୁଥିଲେ। ଏଥିରେ ଅତିଷ୍ଠ ହୋଇ ଛାତ୍ରୀ ଜଣକ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକଙ୍କଠାରୁ ଅଭିଯୋଗ ପାଇବାପରେ ମହାବିଦ୍ୟାଳୟ ଅଧକ୍ଷ ଲୁଲୁମିନା ଦାସ ଘଟଣାର ତଦନ୍ତ ପାଇଁ ଏକ ଆଭ୍ୟନ୍ତରୀଣ କମିଟି ଗଠନ କରିଥିଲେ। କମିଟିର ତଦନ୍ତ ରିପୋର୍ଟରେ ଘଟଣାର ସତ୍ୟତା ଥିବା ଜଣାପଡିବା ପରେ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚଶିକ୍ଷା ବିଭାଗକୁ ସୁପାରିସ କରାଯାଇଥିଲା। ଅପରପକ୍ଷେ ନିଲମ୍ବିତ ଅଧ୍ୟାପକ ପୀଡ଼ିତା ଛାତ୍ରୀଙ୍କ ପରିବାରକୁ ଯାଇ ସେ କରିଥିବା ଭୁଲ୍ ପାଇଁ କ୍ଷମା ମାଗିଥିବା ଓ ପ୍ରାକ୍ଟିକାଲ୍ ପରୀକ୍ଷାରେ ତାଙ୍କୁ ସର୍ବାଧିକ ନମ୍ବର ଦେବାକୁ କହୁଥିବା ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ମହାବିଦ୍ୟାଳୟ ଅଧକ୍ଷ ଦାସଙ୍କ କହିବା ହେଲା, ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗ ତଦନ୍ତ ବେଳେ ସତ୍ୟତା ଥିବା ଜଣାପଡିବା ପରେ ତାଙ୍କୁ ନିଲମ୍ବନ କରାଯାଇଛି।




D-2558


# ଘର ଆଗରେ ଯୁବକଙ୍କୁ ଫାଣ୍ଡି ଅଧିକାରୀଙ୍କ ମାଡ଼

## ଡିଜିଙ୍କୁ ଅଭିଯୋଗ ପରେ ଡିଏସ୍‌ପିଙ୍କ ତଦନ୍ତ

ମାହାଙ୍ଗା,୧୨।୧୧ (ଅଜୟ କୁମାର ମହାନ୍ତି )

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁମୁଡ଼ା ଜୟପୁର ଫାଣ୍ଡି ଅଧିକାରୀ ସମସରପୁର ଗ୍ରାମ ପ୍ରଧାନସାହିର ଦେବବ୍ରତ ପ୍ରଧାନଙ୍କୁ ଗତ ୧୦ତାରିଖ ରାତି ଅଧରେ ଘରୁ ଡାକି ନେଇ ନିର୍ଘୁମ୍ ପିଟିଥିବା ଅଭିଯୋଗ ହୋଇଛି। ଏନେଇ ଡିଜିଙ୍କୁ ବୁଧବାର ଦେବବ୍ରତ ଅଭିଯୋଗ କରିବା ପରେ କଟକ ଗ୍ରାମାଞ୍ଚଳ ଏସ୍‌ପି ବିନିତ୍ ଅଗ୍ରୱାଲ୍‌ଙ୍କୁ ଡିଜି ଜଣାଇଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ କଟକ ହେଡ କ୍ୱାର୍ଟରରୁ ଡିଏସ୍‌ପି ଅର୍ଚ୍ଚନା ଦେବୀ ଫାଣ୍ଡିରେ ସନ୍ଧ୍ୟାରେ ପହଞ୍ଚି ଯୁବକଙ୍କୁ ମାଡ଼ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ଦେବବ୍ରତ ଡିଜିଙ୍କୁ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ, ସେ ଜଣେ ଅନାଥ ଯୁବକ। ୮ ବର୍ଷ ତଳେ ବାପାଙ୍କ ଦେହାନ୍ତ ପରେ ଦାରିଦ୍ର୍ୟ ଯୋଗୁ ମା' କେଉଁ ଆଡ଼େ ପଳାଇଛନ୍ତି। ଏଣୁ ତାଙ୍କ ବିଧବା ବୁଢ଼ୀ ଆଈ ମା' ସହ ସେ ଘରେ ରୁହନ୍ତି। ଘର ଚଳାଇବା ପାଇଁ ଏକ ଜଳଖିଆ ଦୋକାନରେ କାମ କରନ୍ତି। ବଡ଼ ବାପା ବାଇନ ପ୍ରଧାନ ବାହାରେ ରହୁଥିବାବେଳେ ତାଙ୍କ ପରିବାର ପକ୍ଷରୁ ଦେବବ୍ରତଙ୍କ ଘରକୁ ଲଗାଇ ପାଇଖାନା ନିର୍ମାଣ କରାଯାଉଛି। ଏନେଇ ଗତ ୧୦ ତାରିଖ ରାତିରେ ଦେବବ୍ରତ ତାଙ୍କ ବଡ଼ବୋଉଙ୍କୁ ପଚାରିବାରୁ ସେ ଗାଳିମନ୍ଦ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଝଗଡ଼ା ସୃଷ୍ଟି ହୋଇଥିଲା। ଏହାର କିଛି ସମୟ ପରେ ଫାଣ୍ଡି ଅଧିକାରୀ ମନୋଜ ବେହେରା ସଦଳବଳ ଆସି ଦେବବ୍ରତଙ୍କୁ ଘରୁ ବାହାରକୁ ଆସିବା ପାଇଁ କହିଥିଲେ। ସେ ବାହାରକୁ ଆସିବା କ୍ଷଣି କିଛି ପଚରା ଉଚରା ନ କରି ଗାଡ଼ିରୁ ବାଡ଼ି ଆଣି ପିଟିବା ସହ ମୁହଁକୁ ଚାପୁଡ଼ା ଓ ମୁଥ ମାରିଥିଲେ। ଏପରି କି ତାଙ୍କୁ ଗାଡ଼ିରେ ବସାଇ ବଡ ବୋଉଙ୍କୁ କିଛି ନ କହିବାକୁ ତାଗିଦ୍ କରିଥିଲେ। ଏହା ପରେ ଫାଣ୍ଡି ଅଧିକାରୀ ଦେବବ୍ରତଙ୍କ ଠାରୁ ମୋବାଇଲ୍ ଏବଂ ପକେଟରୁ ୭୦୦ଟଙ୍କା ନେଇ ମଙ୍ଗଳବାର ଫାଣ୍ଡିକୁ ଯିବାକୁ କହିଥିଲେ। ପରଦିନ ସକାଳେ ଫାଣ୍ଡିକୁ ଯାଇ ଦେବବ୍ରତ ମୋବାଇଲ୍ ଆଣିଥିବାବେଳେ ଫାଣ୍ଡି ଅଧିକାରୀ ୭୦୦ ଟଙ୍କା ଫେରାଇ ନ ଥିଲେ। ତେଣୁ ଦେବବ୍ରତ ବୁଧବାର ପୋଲିସ ଡିଜିଙ୍କ ନିକଟରେ ଅଭିଯୋଗ କରି ଘଟଣାର ଅନୁଧ୍ୟାନ ସହ ଫାଣ୍ଡି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଏ ନେଇ ଜୟପୁର ଫାଣ୍ଡି ଅଧିକାରୀ ମନୋଜ ବେହେରାଙ୍କୁ ତାଙ୍କ ମୋବାଇଲ ନଂ.୯୭୭୬୬୭୭୦୪୬କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଉଠାଇ ନ ଥିଲେ। ମାହାଙ୍ଗା ଥାନା ଅଧିକାରୀ ତପନ କୁମାର ରାଉତଙ୍କୁ ପଚାରିବାରେ ଏ ବିଷୟରେ ସେ କିଛି ଜାଣିନାହାନ୍ତି ବୋଲି କହିଥିଲେ।

# ପ୍ରେମ ନିବେଦନ କରି ବନ୍ଧା ହେଲେ କନ୍‌ଷ୍ଟେବଲ୍

ମାର୍ଶାଘାଇ,୧୨।୧୧
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)


ଗିରଫ ଅଜୟ ସାହୁ

ଜଣେ ବିବାହିତା ମହିଳାଙ୍କୁ ବାରମ୍ବାର ପ୍ରେମ ନିବେଦନ କରିବା, ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଜୀବନରେ ମାରିଦେବା ଆଦି ଧମକ ଦେବା ଅଭିଯୋଗରେ ଜଣେ କନ୍‌ଷ୍ଟେବଲଙ୍କୁ ବୁଧବାର କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ଅଜୟ ସାହୁ। ତାଙ୍କ ବିରୋଧରେ ମାର୍ଶାଘାଇ ଥାନାରେ ନଂ.୨୫୩/୨୫ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ନାରାୟଣ ସାହୁ କହିଛନ୍ତି।

ପ୍ରକାଶ ଯେ, ମାର୍ଶାଘାଇ ଅଞ୍ଚଳର ଜଣେ ବିବାହିତା ମହିଳା କୌଣସି ଏକ ମାମଲା ନେଇ ମାର୍ଶାଘାଇ ଥାନାକୁ ଯାଇଥିବା ବେଳେ ସେତେବେଳେ କାର୍ଯ୍ୟରତ କନ୍‌ଷ୍ଟେବଲ ଅଜୟ ସାହୁଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଅଜୟ ତାଙ୍କ ଫୋନ ନମ୍ବର ରଖିଥିଲେ। ଇତିମଧ୍ୟରେ ଅଜୟଙ୍କର କୁଦାନଗରୀ ଥାନାକୁ ବଦଳି ହୋଇଯାଇଥିଲା। ଅଗଷ୍ଟ ୨୨ ତାରିଖରେ ଅଜୟ ଉକ୍ତ ମହିଳାଙ୍କୁ ମୋବାଇଲରେ ଫୋନ କରି ପ୍ରେମ ନିବେଦନ କରିବା ସହ ବାହାରକୁ ବୁଲିଯିବା ପାଇଁ ପ୍ରସ୍ତାବ ଦେଇଥିଲେ। ମହିଳା ଜଣକ ଏହାକୁ ପ୍ରତ୍ୟାଖ୍ୟାନ କରିବାରୁ ସେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଭିଡିଓ ସେତେବେଳେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ମହିଳା ଜଣକ ମାର୍ଶାଘାଇ ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ମାମଲା ରୁଜୁ ହେବାରୁ କନ୍‌ଷ୍ଟେବଲ ଅଜୟ ଗିରଫ ଭୟରେ ଫେରାର ହୋଇଯାଇଥିଲେ। ପରେ ଜିଲା ପୋଲିସ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଥିଲା। ମାର୍ଶାଘାଇ ପୋଲିସ ବୁଧବାର ଶିଳିପୁରରେ ଥିବା ଅଜୟଙ୍କ ଭଡା ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛି ।

# ଖାଇବାକୁ ଦେବାରେ ବିଳମ୍ବରୁ ବାପାଙ୍କୁ ହତ୍ୟା

କେନ୍ଦୁଝର,୧୨।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)


ଅଭିଯୁକ୍ତ ପୁଅ ତ୍ରିନାଥ ନାଏକ

କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ ଶିରିଶପାଳ ନାଏକସାହି ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଖାଇବା ଦେବାରେ ବିଳମ୍ବକୁ ନେଇ ଏକମାତ୍ର ପୁଅ ବାପାଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ତରଣୀସେନ ନାଏକ (୬୦)। ପୋଲିସ ଅଭିଯୁକ୍ତ ପୁଅ ତ୍ରିନାଥ ନାଏକ (୩୦)ଙ୍କୁ ଗିରଫ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୧ଟା ୩୦ରେ ଘରେ ତ୍ରିନାଥ ମା'ବାପାଙ୍କୁ ଖାଇବାକୁ ମାଗିଥିଲେ। ତେବେ ଖାଇବା ଦେବାକୁ ବିଳମ୍ବ ହେବାରୁ ତ୍ରିନାଥ ଉତ୍ତ୍ୟକ୍ତ ହୋଇ ବାପାଙ୍କୁ ଠେଲି ଦେଇଥିଲେ। ତରଣୀସେନ ତଳେ ପଡ଼ିଯାଇଥିବା ବେଳେ ଖଟ ବାଡ଼ାରେ ମୁଣ୍ଡ ବାଜି ଆହତ ହୋଇଥିଲେ। ପରେ ତ୍ରିନାଥ ଗୋଡ଼ରେ ବାପାଙ୍କ ମୁଣ୍ଡକୁ ଗୋଇଠା ମାରିଥିଲେ। ଫଳରେ ଘଟଣାସ୍ଥଳରେ ତରଣୀସେନଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଘଟଣାରେ ଏକ ହତ୍ୟା ମାମଲା (ନଂ. ୮୭୮/୨୦୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ପାଟଣା,୧୨।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଘୁରୁମୁଣ୍ଡା ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ସୋମବାର ଅପରାହ୍ନରେ ବଳାତ୍କାର ହୋଇଛି। ଏ ନେଇ ଅଭିଯୋଗ ପରେ ବୁଧବାର ଘୁରୁମୁଣ୍ଡା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଯୁବକ ପାଟଣା ବ୍ଲକ୍ ଚାକୁଣ୍ଡାପାଳ ପଞ୍ଚାୟତ ଜଡ଼ିଚାତର ଗ୍ରାମର ସୁରେନ୍ଦ୍ର ବେହେରା(୨୫)। ନାବାଳିକା ପୋଖରୀରେ ଗାଧୋଉଥିବା ସମୟରେ ଅଭିଯୁକ୍ତ ଏକୁଟିଆ ଦେଖି ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଘୁରୁମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ବୁଧବାର ସନ୍ଧ୍ୟାରେ ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଏ ନେଇ ଘୁରୁମୁଣ୍ଡା ଥାନାରେ ଏକ ମାମଲା(ନଂ.୨୮୦/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇ ତଦନ୍ତ ଚାଲିଥିବା ଏସ୍ଆଇ ସୁରେଶ ସାହୁ କହିଛନ୍ତି।

# ବାଣ ଭିଡ଼ିବା ବେଳେ ବିସ୍ଫୋରଣ: ମହିଳା ଗୁରୁତର

ନିଶ୍ଚିନ୍ତକୋଇଲି, ୧୨।୧୧
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ନତକାଇ ଗ୍ରାମରେ ବୁଧବାର ଏକ ବେଆଇନ ବାଣ କାରଖାନାରେ ବାଣ ଭିଡ଼ିବାବେଳେ ବିସ୍ଫୋରଣ ଘଟି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଭାଗ୍ୟଧର ମଲିକ (୬୦)ଙ୍କ ଝିଅ ପ୍ରଭାସିନୀ(୩୩)। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବିସ୍ଫୋରଣରେ ଛାତ ଘରଟି ଫାଟିଯିବା ସହ ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ବାଣ ବିସ୍ଫୋରଣ ଯୋଗୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିସ୍ଫୋରଣର କାରଣ ତଦନ୍ତ କରିଥିଲେ। ବାଣ ବିସ୍ଫୋରଣସ୍ଥଳରେ ସନ୍ଧ୍ୟାରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ଦୀର୍ଘଦିନ ହେବ ନତକାଇ ଗ୍ରାମର ୩ ନଂ. ୱାର୍ଡର ଭାଗ୍ୟଧର ମଲିକ ନିଜ ଘରେ ବାଣ ଗୋଦାମ କରି ବେଆଇନ ଭାବେ ବାଣ ଭିଡ଼ି ବ୍ୟବସାୟ କରୁଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗ ଏଭଳି ବେଆଇନ ବାଣ ଗୋଦାମ ସମ୍ପର୍କରେ ଜାଣି ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଭାଗ୍ୟଧର ବଣ ପ୍ରସ୍ତୁତ କରି ବେଧଡ଼କ ଭାବେ ବ୍ୟବସାୟ କରି ଆସୁଥିଲେ। ମଧ୍ୟାହ୍ନରେ ଭାଗ୍ୟଧରଙ୍କ ଘରେ ଆସି ରହୁଥିବା ବିବାହିତ ଝିଅ ପ୍ରଭାସିନୀ ବାଣ ଭିଡ଼ିବା ବେଳେ ଆକସ୍ମିକ ଭାବେ ବିସ୍ଫୋରଣ ଘଟିଥିଲା। ଏଥିରେ ପ୍ରଭାସିନୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତରଙ୍କ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ୭୦ ପ୍ରତିଶତ ପୋଡ଼ିଯାଇଥିବା ଡାକ୍ତରଙ୍କ ସୂତ୍ରରୁ ଜଣାପଡ଼ିଛି। ଘରଟି ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଭାଗ୍ୟଧରଙ୍କୁ ଥାନାକୁ ନେଇ ପଚରା ଉଚରା କରୁଛି।


# Classified Everyday

0674-2580101, 9692975378


REAL ESTATE

SALE

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ଫ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ଫ୍ଲଟ୍, 2/3 BHK Flat/Duplex ଅଛି- 8327785834. D-06

Khordha Municipality ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବା -7008634668 ଧ-୦୮

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666. ଧ-୨୪୪୪




The massage felt totally professional! & comfortable at all times- 7978109255. D-211

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


BUSINESS

World best Olympiad education gives business opportunity of your district investment one time 4-5 lakh income minimum 20lakhs per month. Contact- 7978597325, 9437260818. D-2542

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT


By virtue of an affidavit sworn before Executive Magistrate, Bhubaneswar, dated- 03.06.2025, I, Nirakar Rath, Address: At- Ghantiali, P.O.- Baniapal, Dist.- Jajapur, Odisha, PIN- 755027 declared that I have changed my name from Niranjan Rath to Nirakar Rath. Henceforth, I shall be known as Nirakar Rath for all purposes.

NIRAKAR RATH
D-2557

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Bidyasagar, S/o.- Braja Kishore Dash, residing at House No. 06, Gonita Bhavan, Street No.- 62K, Deulasahi, Ward No.- 09, Near Jagannath Mandir, Baripada Town, Baripada, Mayurbhanj, Odisha- 757001 have changed my name to Bidyasagar Dash Bharadwaj vide Affidavit dated- 11.11.2025 sworn before the Executive Magistrate, Baripada. Henceforth, I shall be known by the new name for all future purposes.
D-2556

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



D-2555



ନୂଆ ସିନେମା

ସମ୍ବିତ୍

# ଲାଇନ୍‌ବାଲା

ଇଲେକ୍ଟ୍ରି ବା ବିଦ୍ୟୁତ୍ ପ୍ରତି ଆମେ ସତର୍କ ରହିବା ଦରକାର। ଏଥିରେ କିଛି ସମସ୍ୟା ଦେଖାଦେଲେ ତାହାକୁ ସଜାଡ଼ିବାକୁ ଲାଇନ୍‌ବାଲା ବା ଇଲେକ୍ଟ୍ରି ମ୍ୟାନ୍ ଥାଆନ୍ତି। ସେମାନଙ୍କର ଜୀବନୀକୁ ନେଇ ପ୍ରସ୍ତୁତ ହେଉଛି ଏକ ନୂଆ ଓଡ଼ିଆ ସିନେମା ଯାହାର ଟାଇଟଲ ରହିଛି 'ଲାଇନ୍‌ବାଲା'। ଶ୍ରୀହରି ମୋଶନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ବର୍ତ୍ତମାନର ଅନ୍ୟତମ ବ୍ୟସ୍ତ ଅଭିନେତା ସମ୍ବିତ୍ ଆଚାର୍ଯ୍ୟ। ଏଥିରେ ତାଙ୍କର ନାୟିକା ସାଜିଛନ୍ତି ସ୍ୱପ୍ନା ପ୍ରିୟଦର୍ଶିନୀ। ଏହାପୂର୍ବରୁ ସ୍ୱପ୍ନା 'ଲଭ୍ ଇନ୍ ଲଣ୍ଡନ'ରେ ଅନୁଭବଙ୍କ ସହ ଅଭିନୟ କରିଥିଲେ। ଏହା ସହ ସେ ମଧ୍ୟ କେତୋଟି ଟେଲିଫିଲ୍ମରେ ଅଭିନୟ କରିଛନ୍ତି। ଏହି ଫିଲ୍ମର ଶୁଟିଂ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ନବାଗତ ସୁଶାନ୍ତ ମହାନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ନିରଞ୍ଜନ ବେହେରା। ସମ୍ବିତ୍ ଓ ସ୍ୱପ୍ନାଙ୍କ ବ୍ୟତୀତ ଏଥିରେ ପ୍ରତିଭା ପଣ୍ଡା, ଦେବୁ ବ୍ରହ୍ମା ଓ ଅଶ୍ରୁମୋଚନ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସମ୍ବିତ୍ 'ପ୍ରେମ ୱେଡ୍ସ ପ୍ରିୟା', 'ଚଉକା ଛକା', 'ଗଞ୍ଜା ଲଡ଼େଇ', 'ହାପି ଲକି', 'ଆଶିକ', 'ଲେଖିଛି ନାଁ ତୋର' ଓ ଆହୁରି କେତେକ ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି। ତେବେ 'ଲାଇନବାଲା' ଫିଲ୍ମଟି ମଧ୍ୟ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ସେ।

# ଅଡୁଆ କରିଛି ଡବଲ୍ ରୋଲ୍

ସାନ୍ୟା ମାଲହୋତ୍ରା ଏବେ ଦୋଛକିରେ ପଡ଼ିଛନ୍ତି। କଥାଟି ପୁଣି ଏମିତି ହୋଇଛି ଯେ, ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମହତ୍ୟା। କଥା କ'ଣ କି ନିକଟରେ ଜଣେ ନବାଗତ ପ୍ରଯୋଜକ ସାନ୍ୟାଙ୍କୁ ତାଙ୍କର ନୂଆ ସିନେମାର ଲିଡ୍ ରୋଲ୍‌ରେ ଅଭିନୟ କରିବାକୁ ସାଇନ୍ କରାଇଛନ୍ତି। କିନ୍ତୁ ଏହାକୁ ନେଇ ସେ ଟିକେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏଥିରେ ତାଙ୍କୁ ଡବଲ୍ ରୋଲ୍‌ରେ ଅଭିନୟ କରିବାକୁ ପଡ଼ିବ। କିନ୍ତୁ ଏଭଳି ଭିନ୍ନ ଭିନ୍ନ ଚରିତ୍ରକୁ ଠିକ୍ ଭାବରେ ତୁଲାଇ ପାରିବେ କି ନାହିଁ, ସେ ନେଇ ଅଡୁଆରେ ପଡିଛନ୍ତି ଏହି ଅଭିନେତ୍ରୀ। ଏ ବିଷୟରେ ସାନ୍ୟା କହନ୍ତି,''ଏହି ଡବଲ ରୋଲ୍ ମୋର ଟିକେ ଟେନ୍‌ସନ ବଢ଼ାଇ ଦେଇଛି। କାରଣ ଏଥିରେ ପ୍ରଥମେ ମୁଁ ଜଣେ ନିପଟ ମଫସଲ ଝିଅ ଏବଂ ପରେ ଜଣେ ମଡର୍ନ ତରୁଣୀ ଭୂମିକାରେ ଅଭିନୟ କରିବି। କିନ୍ତୁ ମୋତେ ଲାଗୁଛି ଭୂମିକାଦ୍ୱୟକୁ କାହାଣୀରେ ଠିକ୍ ଜଷ୍ଟିସ ମିଳିନାହିଁ। ତେଣୁ ଏହାକୁ ନେଇ ମୁଁ ପଜଲ୍‌ରେ ରହିଛି। ଏମିତି ବି ଯଦି ଭୂମିକା ମୋତେ ଭଲ ଭାବରେ ପ୍ରଭାବିତ କରି ନ ପାରିଲା ତେବେ ଅଫରଟିକୁ ହାତଛଡ଼ା କରିବା କଥା ଚିନ୍ତା କରୁଛି। ଏ ନେଇ ପ୍ରଯୋଜକ ମୋତେ ମଧ୍ୟ କିଛି ଦିନ ସମୟ ଦେଇଛନ୍ତି।'' ତେବେ ଏ ନେଇ ସାନ୍ୟା କି ନିଷ୍ପତ୍ତି ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



ସାନ୍ୟା

# ଦର୍ପଣର ଭିତିରି କଥା

ରହସ୍ୟ, ରୋମାଞ୍ଚଭରା କାହାଣୀକୁ ଆଧାର କରି ନିର୍ମିତ 'ଦର୍ପଣ' ଚଳିତ ମାସ ୨୧ ତାରିଖରେ ରିଲିଜ ହେବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି ନବାଗତ ଅଭିନେତା ଭାରତ ପୁଷ୍ପରାଗ। ସେ ମଧ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ସାୟନ ପ୍ରଡକ୍ସନ ହାଉସ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଦିଲୀପ କୁମାର ସାହୁ। ଏହାର ଟେକ୍ନିକାଲ ସପୋର୍ଟ ଡାଇରେକ୍ଟର ଅଛନ୍ତି ଆନନ୍ଦ କୁମାର। ଭାରତଙ୍କ ବ୍ୟତୀତ ଏଥିରେ ଅଙ୍କିତ କୁମାର ନାୟକ ସାଜିଛନ୍ତି। ଅଙ୍କିତଙ୍କ ସହ ତୃପ୍ତି ମିରମ୍ବିକା ଏବଂ ଭାରତଙ୍କ ଅପୋଜିଟ୍‌ରେ ହିରଣ୍ମୟୀ ଅଭିନୟ କରିଛନ୍ତି। ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲା ଏବଂ ପ୍ରଜ୍ଞା ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି। ଏହାର ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ ଓ ଟୁନୁ ପଟ୍ଟନାୟକ । କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ହ୍ୟୁମାନ ସାଗର, ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ୍ ନନ୍ଦ ଓ ନାଭ୍ୟା ।



(ବାମରୁ)ତୃପ୍ତି, ଭାରତ, ଅଙ୍କିତ

# ଭୁଲିପାରିବେନି ସାରା

ସୈଫ ତନୟା ସାରା ଅଲ୍ଲୀ ଖାନ୍। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'କେଦାରନାଥ'। ଏଥିରେ ସେ ସୁଶାନ୍ତ ସିଂ ରାଜପୁତଙ୍କ ନାୟିକା ସାଜିଥିଲେ। ଏଥିରେ ସେ ଜଣେ ହିନ୍ଦୁ ତରୁଣୀ ଭୂମିକାରେ ଅଭିନୟ କରିଥିଲେ। ଆଉ ଏଥିପାଇଁ ପ୍ରସ୍ତୁତ ହେବାକୁ ତାଙ୍କୁ ଖୁବ୍ କଷ୍ଟ ସ୍ୱୀକାର କରିବାକୁ ପଡିଥିଲା। ପ୍ରଥମ ସମସ୍ୟା ଥିଲା ହିନ୍ଦୀ ଭୋକାବୋଲାରି। ଏଥିରେ ସାରାଙ୍କର ଦକ୍ଷତା କମ୍ ଥିଲା। ଏ ନେଇ ସେ କହନ୍ତି,''ଯେତେବେଳେ ମୋ ପ୍ରଥମ ସିନେମାର ନିର୍ଦ୍ଦେଶକ ଅଭିଷେକ କପୁର ମୋତେ କହିଲେ ଯେ, ଏହି ଫିଲ୍ମରେ ମୁଁ ଜଣେ ହିନ୍ଦୁ ଝିଅ ଭୂମିକାରେ ଅଭିନୟ କରିବି ସେତେବେଳେ ମୁଁ ଟିକେ ଦ୍ୱନ୍ଦ୍ୱରେ ପଡିଥିଲି। କିନ୍ତୁ ସେ ମୋତେ ମୋ ରୋଲ୍ ବିଷୟରେ ବେଶ୍ ଭଲ ଭାବରେ ଅବଗତ କରିବା ପରେ ତାକୁ ନେଇ ମୋ ମନରେ ଥିବା ସନ୍ଦେହଗୁଡିକ ଦୂର ହୋଇଥିଲା। ଏହି ସମୟରେ ମୋର ହିନ୍ଦୀ ଭୋକାବୋଲାରି ଆଉ ଏକ ସମସ୍ୟା ଥିଲା। ଯାହାହେଉ ବେଶ୍ ପରିଶ୍ରମ ଦ୍ୱାରା ମୋର ସବୁ ସମସ୍ୟାର ସମାଧାନ ହୋଇପାରିଥିଲା।'' ଏହି ଫିଲ୍ମରେ ସୁଶାନ୍ତ ଜଣେ ମୁସଲମାନ ଯୁବକ ରୋଲ୍‌ରେ ଦେଖାଦେଇଥିଲେ। ଆଉ ସିନେମାଟିକୁ ଦର୍ଶକ ଗ୍ରହଣ ମଧ୍ୟ କରିଥିଲେ। ଏଥିରେ ସାରାଙ୍କ ଅଭିନୟକୁ ସିନେ ସମୀକ୍ଷକମାନେ ଖୁବ୍ ପ୍ରଶଂସା କରିଥିଲେ। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। ତା'ସହ ଏଥିପାଇଁ ସେ ଆଇଫା ପୁରସ୍କାର ହାସଲ କରିଥିଲେ।



ସାରା

# ଆଶା ରଖିଛନ୍ତି ଦିନେଶ

ସ୍ୱର ସଂଯୋଜକ ଦିନେଶ କୁମାର ମଲ୍ଲିକ ଏବେ ବ୍ୟସ୍ତ ଅଛନ୍ତି। କଟକ ଖାନନଗରସ୍ଥିତ ଏଫ୍‌ଟିଆଇ ଷ୍ଟୁଡିଓରେ ସେ ଏକ ନୂଆ ଓଡ଼ିଆ ସିନେମାର ଗୀତଗୁଡିକର ରେକର୍ଡିଂ ଶେଷ ହେବା ପରେ ସେଗୁଡ଼ିକୁ ଶେଷ ସ୍ପର୍ଶ ଦେଉଛନ୍ତି। ଉକ୍ତ ଚିତ୍ରଟିର ଟାଇଟଲ ରହିଛି 'ସିନ୍ଦୂର କହିବ ତୁମେ ମୋର'। ଏଥିରେ ମୋଟ ଛଅଟି ଗୀତ ରହିଛି। ଚନ୍ଦ୍ରାବତୀ ଭିଜନ ବ୍ୟାନରରେ ପ୍ରସ୍ତୁତ ଏହି ପଞ୍ଚମ ଫିଲ୍ମଟିର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏହି ସିନେମାର ଗୀତଗୁଡିକୁ ରଚନା କରଛନ୍ତି ଶ୍ରୀକାନ୍ତ ଗୌତମ, ନଳିନୀ ପ୍ରଭା ଦାସ, ଶରତ କୁମାର ଦାଶ, ମାନସ ସାହୁ ଓ ସୁବାସ ପାତ୍ର। ଏ ବିଷୟରେ ଦିନେଶ କହନ୍ତି, ଏହି ଫିଲ୍ମର ଛଅଟି ଗୀତ ଭିନ୍ନ ଭିନ୍ନ ସ୍ୱାଦର ହୋଇଛି। ସୁବାସ ପାତ୍ରଙ୍କ ଦ୍ୱାରା ମା' ବିରଜାଙ୍କ ଉପରେ ରଚିତ ଏକ ଗୀତକୁ ଗାଇଛନ୍ତି ସୌରଭ ନାୟକ। ଅନ୍ୟମାନଙ୍କ ମଧ୍ୟରେ ଅନୁପମା ନାୟକ ଏବଂ ସାଇଶ୍ରୀ ପୃଷ୍ଟି (ସାବିତ୍ରୀ ବ୍ରତ ଗୀତ), ଶଶାଙ୍କ ଶେଖର ଏବଂ ବିଜୟିନୀ ଦାଶ (ରୋମାଣ୍ଟିକ ଗୀତ), କୁମାର ଦିଲୀପ ଓ ଅରୁପମା ମଧ୍ୟ କଣ୍ଠଦାନ କରିଛନ୍ତି। ଏହାର ଶୀର୍ଷକ ଗୀତକୁ ରଚନା କରିଛନ୍ତି ଶ୍ରୀକାନ୍ତ ଗୌତମ ଏବଂ କଣ୍ଠଦାନ କରିଛନ୍ତି ପମି। ମୋର ଯେତିକି ବିଶ୍ୱାସ ଏହି ଗୀତଗୁଡିକ ସିନେମାଟିକୁ ମାଇଲେଜ ଦେବାରେ ନିଶ୍ଚୟ ସହାୟକ ହେବ। ଏକ ଗାଉଁଲି ବିଷୟବସ୍ତୁକୁ ଆଧାର କରି କାହାଣୀ ରଚନା କରାଯାଇଛି। ସମ୍ବିତ କୁମାର ସାହୁ ଏହାର ପ୍ରଯୋଜନା କରିବା ସହ ନାୟକ ସାଜିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ମାନସ ସାହୁ।



ଦିନେଶ ମଲ୍ଲିକ

# ଲାଡ଼ୋ କହିବ ମନ କଥା

ଚଳିତ ବର୍ଷ ନବାଗତଙ୍କ ତାଲିକାରେ ଶୁଭମ ସାଗର ନିଜ ନାମକୁ ସାମିଲ କରିଛନ୍ତି। ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଲାଡ଼ୋ–ମାଟିର ମଣିଷ' ଫିଲ୍ମର ସେ ନାୟକ ଭୂମିକାରେ ଦେଖାଦେବେ। କେବଳ ସେତିକି ନୁହେଁ, ଉକ୍ତ ଚିତ୍ରର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ସେ ରଚନା କରିଛନ୍ତି। ଜଙ୍ଗଲ ସୁରକ୍ଷା କିପରି କରାଯାଇ ପାରିବ, ଜଙ୍ଗଲରେ ରାଜ୍ କରୁଥିବା ମାଫିଆଙ୍କ ରାଜ୍‌ର କିପରି ଅନ୍ତ ଘଟିବ ତାହା ଏଥିରେ ଦେଖିବାକୁ ମିଳିବ। ତା'ସହ ଗଛ ଲଗାଅ ପରିବେଶ ବଞ୍ଚାଅ ପରି ବାର୍ତ୍ତା ମଧ୍ୟ ଏହି ଫିଲ୍ମରେ ରହିଛି। ନିଜର ପ୍ରଥମ ସିନେମା ବିଷୟରେ ଶୁଭମ୍ କହନ୍ତି, ''ଜଙ୍ଗଲ ମାଫିଆମାନେ ଏବେ ଅନେକ ସ୍ଥାନରେ ଜଙ୍ଗଲକୁ ନଷ୍ଟ କରିଦେଉଛନ୍ତି। ତେଣୁ ସେମାନଙ୍କ କବଳରୁ କିପରି ଜଙ୍ଗଲରୁ ସୁରକ୍ଷା ଦେଇହେବ ତାହାକୁ ନେଇ କାହାଣୀ ଗତି କରିଛି। ଯେହେତୁ ଏହାର ଟାଇଟଲ ଭୂମିକାରେ ମୁଁ ଅଭିନୟ କରୁଛି ତେଣୁ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଛି। ଆଶା ରଖିଛି ଆମ ପରିଶ୍ରମର ମୂଲ୍ୟ ଦର୍ଶକ ନିଶ୍ଚୟ ବୁଝିବେ।'' ଏହାର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ଆର୍ଲିନ ଅଙ୍କିତା ଏହାର ନାୟିକା ସାଜିଥିବା ବେଳେ ସଞ୍ଜନା ପ୍ରଧାନ, ସୁଶାନ୍ତ ନାୟକ (ମୁଖ୍ୟ ଖଳନାୟକ), ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟ ପ୍ରକାଶ ଦାସ ଏବଂ ସ୍ମିତା ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ଅମରେଶ ବେଉରା।

# ମାଲି ପୁଟ ମେଲୋଡିଜ୍

ମାଲି ପୁଟ ମେଲୋଡିଜ୍ ହେଉଛି ଚାରୋଟି ସଂଯୁକ୍ତ କ୍ଷୁଦ୍ର ଚଳଚ୍ଚିତ୍ରର ଏକ ସଂଗ୍ରହ ଯାହା ଏହି ଅଞ୍ଚଳର ଅଧିବାସୀ, ଗ୍ରାମାଞ୍ଚଳର ସୌନ୍ଦର୍ଯ୍ୟ, ଭାବନା ଏବଂ ପରମ୍ପରାକୁ ଜୀବନ୍ତ କରିଛି । ୫୬ତମ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବର ଭାରତୀୟ ପାନୋରାମା ବିଭାଗ ପାଇଁ ଫିଚର ଫିଲ୍ମ 'ମାଲି ପୁଟ ମେଲୋଡିଜ୍' ମନୋନୀତ ହୋଇଛି। ଦକ୍ଷିଣ ଓଡ଼ିଶାର ସଂସ୍କୃତିର ଝଲକ୍ ଏହାର କାହାଣୀରେ ଦେଖିବାକୁ ମିଳିଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ବିଶାଲ ପଟ୍ଟନାୟକ। ଏହାର କାହାଣୀ ରଚନା କରିଛନ୍ତି ସୁଧାକର ପଟ୍ଟନାୟକ। ଆଓ ନେକ୍ସଟର ସିଇଓ କୌଶିକ ଦାସ ଏହାକୁ ପ୍ରଯୋଜନା କରିଛନ୍ତି। ତୋଷ ନନ୍ଦ ଏହାର ଗୀତ ରଚନା ସହ ସେଗୁଡିକୁ ସ୍ୱର ସଂଯୋଜନା କରିଛନ୍ତି। 'ମାଲି ପୁଟ ମେଲୋଡିଜ୍' ମଧ୍ୟ ସ୍ୱତନ୍ତ୍ର ହେବାର କାରଣ ଏହା ଭାରତୀୟ ପାନୋରାମା ବର୍ଗ ପାଇଁ ମନୋନୀତ ୨୫ଟି ଚଳଚ୍ଚିତ୍ର ମଧ୍ୟରୁ ଏକମାତ୍ର ଓଡ଼ିଆ ଫିଚର ଚଳଚ୍ଚିତ୍ର। ଉକ୍ତ ସିନେମାଟି ଚଳିତ ମାସ ୨୨ରେ ଗୋଆରେ ପ୍ରଦର୍ଶିତ ହେବ। ପରଲୋକଗତ ଅଭିନେତା ପ୍ରଶାନ୍ତ କୁମାର ମିଶ୍ର ଏବଂ କାର୍ତ୍ତିକ ରାଉତଙ୍କୁ ମନେ ପକାଇଛି ଏହି ଚଳଚ୍ଚିତ୍ର ଟିମ୍, ଯେଉଁମାନେ ଏହାର ସଫଳତାର ସାକ୍ଷୀ ହୋଇପାରି ନାହାନ୍ତି । ଟିମ୍ ଆଶା କରିଛି ଯେ ଚଳଚ୍ଚିତ୍ରଟି ଅନ୍ତର୍ଜାତୀୟ ପ୍ରତିଯୋଗିତା ପର୍ଯ୍ୟାୟରେ ଆଗକୁ ବଢ଼ିବ ଏବଂ ଓଡ଼ିଶା ପାଇଁ ଅଧିକ ସମ୍ମାନ ଆଣିବ।



# ମନେପକାନ୍ତି ସାଇ ପଲ୍ଲବୀ

ସେ ଡାକ୍ତରୀ ପାସ୍ କରିଛନ୍ତି, ହେଲେ ଅଭିନୟ ମାୟାରୁ ନିଜକୁ ମୁକୁଳାଇ ପାରିନାହାନ୍ତି। ଗୋଟିଏ ପରେ ଗୋଟିଏ ସିନେମାରେ ଆକ୍ଟିଂ କରିବା ସହ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। ୨୦୦୫ରେ ତାମିଲ ଫିଲ୍ମ 'କସ୍ତୁରୀ ମନ୍'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଆଲଫନିସ୍ ପୁଥରିନ୍‌ଙ୍କ ନିର୍ଦ୍ଦେଶିତ ମାଲୟାଲମ ଫିଲ୍ମ 'ପ୍ରେମମ୍' (୨୦୧୫) ତାଙ୍କ ଆକ୍ଟିଂ କ୍ୟାରିୟରରେ ଏକ ନୂଆ ମୋଡ଼ ଆଣିଥିଲା। ଏହି ଫିଲ୍ମ ବିଷୟରେ ସାଇ କହନ୍ତି, ''ସତ କଥା ହେଲା ଯେତେବେଳେ ମୁଁ ମେଡିକାଲ କଲେଜରେ ପଢୁଥିଲି ସେତେବେଳେ ଏକ ରଆଲିଟି ଶୋ' ସମୟରେ ଆଲଫନିସ୍ ସାର୍ ମୋତେ ଫିଲ୍ମରେ ଆକ୍ଟିଂ କରିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏହାର ଛଅ ବର୍ଷରେ ପରେ ସେ ମୋତେ ତାଙ୍କ ସିନେମା 'ପ୍ରେମମ୍'ର ନାୟିକା ଭୂମିକାରେ ଅଭିନୟ କରିବାକୁ ଅଫର ଦେଲେ। ଆଉ ଏଥର ତାଙ୍କ ଅଫରକୁ ମନା କରି ପାରି ନ ଥିଲି। ଫିଲ୍ମଟି ମୋ କ୍ୟାରିୟରକୁ ଏକ ନୂଆ ମୋଡଦେଇଥିଲା। ମାତ୍ର ୪କୋଟି ବଜେଟ୍‌ରେ ପ୍ରସ୍ତୁତ ଏହି ସିନେମା ବକ୍ସ ଅଫିସରେ ୭୩ କୋଟି ବିଜନେସ୍ କରିବାରେ ସକ୍ଷମ ହୋଇଥିଲା।'' ସାଇ ମଧ୍ୟ ତାମିଲ ଫିଲ୍ମରେ ଅଭିନୟ କରିସାରିଛନ୍ତି। ବର୍ତ୍ତମାନ ସେ ନିର୍ମାଣାଧୀନ ହିନ୍ଦୀ ସିନେମା 'ରାମାୟଣ–୧'ରେ ସୀତା ଭୂମିକାରେ ଅଭିନୟ କରୁଛନ୍ତି।



ସାଇ ପଲ୍ଲବୀ

# ଅତୀତରୁ

❖ପଞ୍ଚସଖା ପିକ୍ଚର୍ସ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ନବଜନ୍ମ'। ଧୀରେନ୍ଦ୍ର ନାଥ ବିଶ୍ୱାଳ ଏହାର ମୁଖ୍ୟ ପ୍ରଯୋଜକ ଥିଲେ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ସଚିନ ମୁଖାର୍ଜୀ। ଗୀତଗୁଡିକୁ ସ୍ୱର ସଂଯୋଜନା କରିଥିଲେ ବିଶିଷ୍ଟ ସ୍ୱରକାର ବାଳକୃଷ୍ଣ ଦାଶ। ଶରତ ପୂଜାରୀ ଏବଂ ଝରଣା ଦାସ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

❖ନିତାଇ ପାଲିତଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ବନ୍ଧନ'ରେ ପ୍ରଶାନ୍ତ ନନ୍ଦ, ଗୀତାଞ୍ଜଳି, ସାମୁଏଲ ସାହୁ (ବାବି) ପ୍ରମୁଖ ଅଭିନୟ କରିଥିଲେ।

❖ଓଡ଼ିଆ ସିନେମା 'ରକ୍ତ ଗୋଲାପ'ର ଗୀତଗୁଡିକୁ ସ୍ୱର ଦେଇଥିଲେ ଧନଞ୍ଜୟ ଶତପଥୀ। କେ.ଭୀମେଶ୍ୱର ରାଓଙ୍କ ନିର୍ଦ୍ଦେଶନାରେ ଏହାର ମୁଖ୍ୟ ଭୂମିକାରେ ଶ୍ରୀରାମ ପଣ୍ଡା ଏବଂ ବନଜା ମହାନ୍ତି ଅଭିନୟ କରିଥିଲେ।

❖ଗଣେଶ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ସାକ୍ଷୀ ଗୋପୀନାଥ'ର ଗୀତଗୁଡିକ ବେଶ୍ ଶ୍ରୋତାଦୃତ ହୋଇଥିଲା। ଏଗୁଡିକୁ ସ୍ୱର ଦେଇଥିଲେ ବାସୁଦେବ ରଥ। ପ୍ରଦୀପ ସାମନ୍ତରାୟ, ମାଲା ବୋଷ, ଦୁଃଖୀରାମ ସ୍ୱାଇଁ ଏବଂ ଜର୍ଜ ତିଆଡିଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

❖କେ.ଏଚ୍.ଡି. ରାଓଙ୍କ ପ୍ରଯୋଜିତ 'ଜନ୍ମଦାତା'ରେ ଚକ୍ରପାଣି, ମହାଶ୍ୱେତା ରାୟ, ଶରତ ପୂଜାରୀ, ରୀତା ଚାନ୍ଦ ଏବଂ ରାଧା ପଣ୍ଡା ପ୍ରମୁଖ ଅଭିନୟ କରିଥିଲେ। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଉପେନ୍ଦ୍ର କୁମାର।

ଧରିତ୍ରୀ
DHARITRI
ଧରିତ୍ରୀ 51 Years



କୋଲକାତାର ଇଡେନ ଗାର୍ଡେନ୍ସରେ ବୁଧବାର ଟ୍ରେନିଂ ସେସନ ଅବସରରେ କରମର୍ଦ୍ଦନ କରୁଛନ୍ତି ଭାରତ ଓ ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ଶୁବମନ ଗିଲ୍ ଓ ଟେମ୍ବା ବଭୁମା।

# ସାତ୍ତ୍ୱିକ ରାଜ୍ୟର ସର୍ବକନିଷ୍ଠ କ୍ୟାଣ୍ଡିଡେଟ୍ ମାଷ୍ଟର

**ଭୁବନେଶ୍ୱର, ୧୨।୧୧(ତପନ ସ୍ୱାଇଁ)**

ରାଜ୍ୟର ଚର୍ଚ୍ଚିତ ଚେସ୍ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁ ଏବେ କ୍ୟାରିୟରର ଆଉ ଏକ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଛୋଟବେଳୁ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ (ଫିଡେ) ପକ୍ଷରୁ ତାଙ୍କୁ କ୍ୟାଣ୍ଡିଡେଟ୍ ମାଷ୍ଟର ଟାଇଟଲ ପ୍ରଦାନ କରାଯାଇଛି। ଏହି ଟାଇଟଲ ହାସଲ କରିବାରେ ସେ ରାଜ୍ୟର ସର୍ବକନିଷ୍ଠ ଖେଳାଳି। ରାଜ୍ୟ ଚେସ୍‌ରେ ବିସ୍ମୟ ପ୍ରତିଭାଭାବେ ବିବେଚିତ ହେଉଥିବା ୯ ବର୍ଷୀୟ ସାତ୍ତ୍ୱିକଙ୍କୁ କିଙ୍ଗ୍ ଚେସ୍ ସେଣ୍ଟର ତରଫରୁ ଏଥିପାଇଁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଖୁବ୍‌ଶୀଘ୍ର କିଙ୍ଗ୍ ଚେସ୍ ସେଣ୍ଟର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଏହାର ପ୍ରତିଷ୍ଠାତା ବିଶ୍ୱଜିତ୍ ରାୟ ପ୍ରକାଶ କରିଛନ୍ତି।



ସାତ୍ତ୍ୱିକ ସ୍ୱାଇଁ

ଉଲ୍ଲେଖଯୋଗ୍ୟ, ପୂର୍ବରୁ ସାତ୍ତ୍ୱିକ ରାଜ୍ୟର ସର୍ବକନିଷ୍ଠ ଖେଳାଳି ଭାବେ ଉଦୀୟମାନ ପ୍ରତିଭା ବର୍ଗରେ ମର୍ଯ୍ୟାଦାଜନକ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିଲେ। ଏବେ ରାଜ୍ୟର ସର୍ବ କନିଷ୍ଠ ଶିଶୁ ଚେସ୍ ଖେଳାଳି ଭାବେ କ୍ୟାଣ୍ଡିଡେଟ୍ ମାଷ୍ଟର ଟାଇଟଲ ହାସଲ କରିଥିବାରୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ପୁରୀ ଜିଲା ଚେସ୍ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଟ୍ରିପଲ 'ସି' ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଉପସଭାପତି ଅର୍ଘ୍ୟ ଅର୍ପଣ ପରିଡ଼ା, ଅନ୍ତର୍ଜାତୀୟ ଚେସ୍ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ ମହାନ୍ତି, ସନ୍ତୋଷ ମହାପାତ୍ରଙ୍କ ସମେତ ରାଜ୍ୟର ବହୁ ବରିଷ୍ଠ ଖେଳାଳି ଅଭିନନ୍ଦନ ଜଣାଇଛନ୍ତି।

# ପ୍ରତିଷ୍ଠିତ ବଡିବିଲ୍ଡର ନାରାୟଣ ଚନ୍ଦ୍ରଙ୍କ ପରଲୋକ

**ଭୁବନେଶ୍ୱର, ୧୨।୧୧ (ତପନ ସ୍ୱାଇଁ)**

ଓଡ଼ିଶାର ପ୍ରତିଷ୍ଠିତ ବଡିବିଲ୍ଡର ତଥା ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନର ପ୍ରତିଷ୍ଠାତା ସଦସ୍ୟ ନାରାୟଣ ଚନ୍ଦ୍ର ବେହେରାଙ୍କର ବୁଧବାର କଟକର ଏକ ଘରୋଇ ଡାକ୍ତରଖାନାରେ ପରଲୋକ



ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା। ପୁରୀରେ ଜନ୍ମଗ୍ରହଣ କରିଥିବା ନାରାୟଣ ଚନ୍ଦ୍ର ଜଣେ ସୁନାମଧନ୍ୟ ବଡିବିଲ୍ଡର ଭାବେ ଅନେକଥର 'ଉତ୍କଳ ଶ୍ରୀ' ଉପାଧି ଲାଭ କରିଥିବାବେଳେ ଓଡ଼ିଶା ପକ୍ଷରୁ ଏକାଧିକଥର ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଛନ୍ତି। ପୁରୀ ବଡିବିଲ୍ଡିଂ ଆସୋସିଏଶନର ଦୀର୍ଘଦିନ ସମ୍ପାଦକ ରହି ଆସିଥିବା ନାରାୟଣ ଚନ୍ଦ୍ର ଏପର୍ଯ୍ୟନ୍ତ ରାଜ୍ୟ ସଂଘର ଉପ-ସଭାପତି ଥିଲେ। ଓଡ଼ିଶାରେ ବଡିବିଲ୍ଡିଂର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ତାଙ୍କ ଅବଦାନ ଅବିସ୍ମରଣୀୟ। ତାଙ୍କ ପରଲୋକରେ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ ମହାସୁଆର ଓ ଅନ୍ୟ କର୍ମକର୍ତ୍ତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଦ୍ୱିତୀୟ ବିବାହ କଲେ ରଶିଦ୍

**କାବୁଲ, ୧୨।୧୧**

ଆଫଗାନିସ୍ତାନର ଷ୍ଟାର ସ୍ପିନର ରଶିଦ୍ ଖାନ୍‌ଙ୍କ ଦ୍ୱିତୀୟ ବିବାହକୁ ନେଇ ଚାଲିଥିବା ଚର୍ଚ୍ଚାର ଅନ୍ତ ଘଟିଛି। କିଛିଦିନ ତଳେ ରଶିଦ୍ ଆଫଗାନିସ୍ତାନର ପାରମ୍ପରିକ ପୋଷାକ ପିନ୍ଧି ଜଣେ ମହିଳାଙ୍କ ପାଖରେ ବସିଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା। ଏହି ଭିଡିଓ ଉପରେ ରଶିଦ୍ ସ୍ପଷ୍ଟୀକରଣ ରଖିଛନ୍ତି। ସେ ଗତବର୍ଷ ଅକ୍ଟୋବରରେ କାବୁଲରେ ପ୍ରଥମେ ବିବାହ କରିଥିଲେ। ସେହିଦିନ ତାଙ୍କ ଭାଇ ଆମିର ଖଲିଲ୍, ଜାକିଉଲା ଓ ରାଜା ଖାନ୍ ମଧ୍ୟ ବିବାହ କରିଥିଲେ।

ଗତ ଅଗଷ୍ଟ ୨ରେ ମୁଁ ମୋ ଜୀବନର ଏକ ନୂଆ ଚାପ୍ଟର ଆରମ୍ଭ କରିଛି। ମୁଁ ଜଣେ ମହିଳାଙ୍କୁ ବିବାହ କରିଛି, ଯିଏକି ମୋ ପାଇଁ ପ୍ରେମ, ଶାନ୍ତି ଓ ଭାଗୀଦାରିତାର ପ୍ରତୀକ। ନିକଟରେ ଏକ ଚ୍ୟାରିଟି ଇଭେଣ୍ଟକୁ ମୁଁ ମୋ ସ୍ତ୍ରୀଙ୍କୁ ନେଇ ଯାଇଥିଲି। ଏହାକୁ ନେଇ ଅନେକ ଆଲୋଚନା ହେଲା, ଯାହା ଖୁବ୍ ଦୁର୍ଭାଗ୍ୟପୂର୍ଣ୍ଣ। ସତକଥା ହେଲା ସେ ମୋ ସ୍ତ୍ରୀ। ଆମେ ଏକାଠି ଛିଡ଼ା ହୋଇଛୁ ଏବଂ ଆମର କିଛି ଲୁଚେଇବାର ନାହିଁ ବୋଲି ରଶିଦ୍ ପୋଷ୍ଟ କରିଛନ୍ତି।

# ସେକ୍ରେଟାରିଆଟ୍ କପ୍ ଫୁଟ୍‌ବଲ ଉଦ୍‌ଯାପିତ

**ଭୁବନେଶ୍ୱର, ୧୨।୧୧(ତପନ ସ୍ୱାଇଁ)**

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ୩ୟ ସେକ୍ରେଟାରିଆଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଅକ୍ଟୋବର ୧୬ରୁ ନଭେମ୍ବର ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ୟୁନିଟ୍ ଇଫ୍‌କୋ ପ୍ରାୟୋଜିତ ଏହି ସମ୍ମାନଜନକ ଆନ୍ତଃ ବିଭାଗୀୟ ଟୁର୍ନାମେଣ୍ଟ ଲୋକସେବା ଭବନର ୟୁକୋ ବ୍ୟାଙ୍କ ନିକଟସ୍ଥ ସେକ୍ରେଟାରିଆଟ ଖେଳପଡ଼ିଆରେ ଆୟୋଜିତ ହୋଇଥିଲା। ଏଥିରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଶେଷରେ ଗୃହ(ନିର୍ବାଚନ) ବିଭାଗ ଚାମ୍ପିୟନ, ସମବାୟ ବିଭାଗ ପ୍ରଥମ ରନରଅପ୍ ଏବଂ ଅର୍ଥ ବିଭାଗ ଦ୍ୱିତୀୟ ରନରଅପ୍ ପୁରସ୍କାର ଲାଭ କରିଛି। ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗକୁ ଫେୟାର ପ୍ଲେ ଏବଂ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗକୁ ଶ୍ରେଷ୍ଠ ସ୍ପୋର୍ଟ୍ସମ୍ୟାନ୍‌ଶିପ୍ ପୁରସ୍କାର ମିଳିଛି। ସେହିପରି ବିଭିନ୍ନ ବିଭାଗରୁ ପ୍ରତିନିଧିତ୍ୱ କରିଥିବା ଜିତେନ୍ଦ୍ର ଶ୍ରେଷ୍ଠ ଉପାଦେୟ ଖେଳାଳି, ସଂଗ୍ରାମ ଶ୍ରେଷ୍ଠ ଗୋଲ୍‌କିପର, ନିର୍ମଳ କୁମାର ନାଏକ ଶ୍ରେଷ୍ଠ ଡିଫେଣ୍ଡର, ଅମିତ୍ ଓରାମ୍ ଇମର୍ଜିଂ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଛନ୍ତି। ଶ୍ରେଷ୍ଠ ଗୋଲ୍ ପୁରସ୍କାର ହାସଲ କରିଛନ୍ତି ଜର୍ଜ ଦଳାଇ। ଉଦ୍‌ଯାପନୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗର ଅତିରିକ୍ତ ସଚିବ ସୂର୍ଯ୍ୟ ନାରାୟଣ ଦାଶ ଓ ଗୀତାଞ୍ଜଳି ନାୟକ, ଯୁଗ୍ମ ନିର୍ଦ୍ଦେଶକ ବିଦ୍ୟାଧର ସେଠୀ, ଯୁଗ୍ମ ସଚିବ ମନୋରଞ୍ଜନ ସାମନ୍ତରାୟ, ପାରାଦୀପ ୟୁନିଟ୍ ଇଫ୍‌କୋର ମାନବ ସମ୍ବଳ ମୁଖ୍ୟ ବିଜୟ କୁମାର ପରିଡ଼ା, ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କ ପିଏସ୍ ଭୈରବ ସିଂ ପଟେଲ ଏବଂ ଉପସଚିବ ମହେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ।



ଅତିଥି ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

# ପୁଣେ ଆର୍‌ସିବିର ନୂଆ ଭେନ୍ୟୁ ହୋଇପାରେ

**ନୂଆଦିଲ୍ଲୀ, ୧୨।୧୧**

ଆଗାମୀ ଆଇପିଏଲ୍ ସିଜନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ସମସ୍ତ ଘରୋଇ ମ୍ୟାଚ୍ ଆୟୋଜନ କରିବା ପାଇଁ ଫ୍ରାଞ୍ଚାଇଜ ପକ୍ଷରୁ ପୁଣେସ୍ଥିତ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଷ୍ଟାଡିୟମ ଅଧିକାରୀଙ୍କ ସହ ଆଲୋଚନା କରାଯାଉଛି। ଏ ନେଇ ଏମ୍‌ସିଏ ସମ୍ପାଦକ ଆଡଭୋକେଟ କମଲେଶ ପିସାଲ ବୁଧବାର ସ୍ପଷ୍ଟ କରିଛନ୍ତି। ଆର୍‌ସିବିର ଟ୍ରଫି ବିଜୟ ଉତ୍ସବ ବେଙ୍ଗାଲୁରୁରେ ଗତ ଜୁନ ୪ ତାରିଖରେ ଏକ ଅଘଟଣରେ ପରିଣତ ହୋଇଥିଲା। ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ଘଟିଥିବା ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହି ଘଟଣା ପରଠାରୁ ଏମ୍ ଚିନ୍ନାଇସ୍ୱାମୀ ଷ୍ଟାଡିୟମରେ କୌଣସି କ୍ରିକେଟ ମ୍ୟାଚ୍ ଆୟୋଜନ କରାଯାଇ ନାହିଁ। ନିକଟରେ ମହିଳା ବିଶ୍ୱକପ୍ ଫାଇନାଲ ସମେତ ଅନେକ ମ୍ୟାଚ୍ ବେଙ୍ଗାଲୁରୁରୁ ସ୍ଥାନାନ୍ତର କରାଯାଇଥିଲା।

ବେଙ୍ଗାଲୁରୁରେ ଆରସିବିର ମ୍ୟାଚ୍ ଆୟୋଜନ କରିବାରେ ସମସ୍ୟା ରହିଛି। ବର୍ତ୍ତମାନ ସେମାନେ ଏକ ନୂଆ ଭେନ୍ୟୁ ଖୋଜୁଛନ୍ତି। ଅନ୍ୟପକ୍ଷରେ ପୁଣେର କୌଣସି ଦଳ ଆଇପିଏଲରେ ଖେଳୁ ନାହାନ୍ତି। ଆମ ପାଖରେ ଭଲ ବ୍ୟବସ୍ଥା ରହିଛି। ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୨୦୧୮ରେ ତା'ର ସମସ୍ତ ମ୍ୟାଚ୍ ପୁଣେରେ ଖେଳିଥିଲା। ଏଣୁ ଆମେ ସେମାନଙ୍କୁ ସେମାନଙ୍କ ମ୍ୟାଚ୍ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲୁ। ଭିତ୍ତିଭୂମି ଓ ଲଜିଷ୍ଟିକ୍ସ ଦୃଷ୍ଟିକୋଣରୁ ପୁଣେ ଶ୍ରେଷ୍ଠ ବିକଳ୍ପ। ଏପରିକି କୋଭିଡ୍-୧୯ ମହାମାରୀ ସମୟରେ ମଧ୍ୟ ଆମେ ୨୦୨୨ରେ ୧୫ ଆଇପିଏଲ ମ୍ୟାଚ୍ ଆୟୋଜନ କରିଥିଲୁ। ଆମ ପାଖରେ ଉପଯୁକ୍ତ ସଂଖ୍ୟକ ଷ୍ଟାଫ ଓ ଯଥେଷ୍ଟ ଅଭିଜ୍ଞତା ସହିତ ଭିତ୍ତିଭୂମି ଉପଲବ୍ଧ ରହିଛି। ଆମେ ସେମାନଙ୍କୁ ପ୍ରସ୍ତାବ ଦେବା ପରେ ସେମାନଙ୍କର ସିଇଓ ପ୍ରବୀନ ସୋମେଶ୍ୱରଙ୍କ ସହ ଆମର ପ୍ରଥମ ପର୍ଯ୍ୟାୟର ଆଲୋଚନା ହୋଇଥିଲା। ସେମାନେ ଖେଳାଳିଙ୍କ ଅକ୍ସନ ପରେ ଷ୍ଟାଡିୟମ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ପିସାଲ କହିଛନ୍ତି।

# ୱୋଲଭାର୍ଡଟଙ୍କୁ ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର

**ଦୁବାଇ, ୧୨।୧୧(ପି.ଟି.):** ଦକ୍ଷିଣ ଆଫ୍ରିକାର ଅଧିନାୟିକା ଲୌରା ୱୋଲଭାର୍ଡଟଙ୍କୁ ଅକ୍ଟୋବର ମାସ ଲାଗି ଆଇସିସି ମହିଳା ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ କରାଯାଇଛି। ନିକଟରେ ଶେଷ ହୋଇଥିବା ମହିଳା ବିଶ୍ୱକପ୍‌ରେ ଜଣେ ଅଧିନାୟିକା ଓ ବ୍ୟାଟର ଭାବେ ସେ ପ୍ରଶଂସନୀୟ ପ୍ରଦର୍ଶନ କରିଥିଲେ। ସେ ଟୁର୍ନାମେଣ୍ଟରେ ସର୍ବାଧିକ ରନ କରିଥିଲେ। ଅକ୍ଟୋବରରେ ୮ ଦିନିକିଆ ମ୍ୟାଚ୍ ଖେଳିଥିବା ୱୋଲଭାର୍ଡଟ ୬୭.୧୪ ଆଭରେଜ ଓ ୯୭.୯୧ ଷ୍ଟ୍ରାଇକ୍‌ରେଟ୍ ୪୭୦ ରନ କରିଥିଲେ।

# ନୀତୀଶଙ୍କ ବଦଳରେ ଜୁରେଲ ଖେଳିବେ

**କୋଲ୍‌କାତା, ୧୨।୧୧ (ପି.ଟି.):** ଆସନ୍ତା ୧୪ ତାରିଖରୁ ଇଡେନ୍ ଗାର୍ଡେନ୍ସରେ ଆରମ୍ଭ ହେବାକୁ ଯାଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ଦଳ ପାଇଁ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କ ବଦଳରେ ଉଇକେଟ୍‌କିପର ବ୍ୟାଟର ଧ୍ରୁବ ଜୁରେଲ ଖେଳିବେ। ଏ ନେଇ ଭାରତୀୟ ଦଳର ଆସିଷ୍ଟାଣ୍ଟ କୋଚ୍ ରିୟାନ ଟେନ ଡଶେଟ ବୁଧବାର କହିଛନ୍ତି। ଏପର୍ଯ୍ୟନ୍ତ ୭ ଟେଷ୍ଟ ଖେଳିଥିବା ୨୪ ବର୍ଷୀୟ ଜୁରେଲ ବର୍ତ୍ତମାନ ଜବରଦସ୍ତ ଫର୍ମରେ ଅଛନ୍ତି। ସେ ତାଙ୍କର ଅନ୍ତିମ ୫ ଫାଷ୍ଟ କ୍ଲାସ୍ ମ୍ୟାଚ୍‌ରେ ୪ ଶତକ କରିଛନ୍ତି, ଯେଉଁଥିରେ ଗତ ସପ୍ତାହରେ ଦକ୍ଷିଣ ଆଫ୍ରିକା ଏ' ବିପକ୍ଷ ମ୍ୟାଚ୍‌ରେ ଭାରତ ଏ' ପାଇଁ ଦୁଇ ଶତକ ସାମିଲ ରହିଛି। ପ୍ରଥମ ପସନ୍ଦର ଉଇକେଟ୍‌କିପର ରିଷଭ ପନ୍ତ ଫୁଟ୍ ଫ୍ୟାକ୍‌ଚରରୁ ରିକଭର କରି ଦଳକୁ ଫେରିଛନ୍ତି।

'ପ୍ରଥମ ଟେଷ୍ଟ ଲାଗି ଦଳୀୟ କମ୍ବିନେଶନକୁ ନେଇ ଆମେ ଚିନ୍ତିତ ନୁହେଁ। ମୋ ମତରେ ଜୁରେଲ ଓ ପନ୍ତଙ୍କୁ ପ୍ରଥମ ଟେଷ୍ଟରୁ ବାଦ୍ ଦିଆଯାଇପାରିବ ନାହିଁ। ଯଦି ସେମାନଙ୍କୁ ଏକାଠି ଖେଳା ନ ଯାଏ, ତେବେ ତାହା ମୋତେ ଚକିତ କରିବ। ଗତ ୬ ମାସରେ ଜୁରେଲ ଯେଉଁଭଳି ପ୍ରଦର୍ଶନ କରିଛନ୍ତି, ତାହାକୁ ଦୃଷ୍ଟିରେ ରଖି ତାଙ୍କର ଖେଳିବା ଥୟ। ଏଥିଯୋଗୁ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଦଳରୁ ବାଦ୍ ପଡ଼ିବେ। ତାଙ୍କୁ ଅଷ୍ଟ୍ରେଲିଆରେ ଅଧିକ ଗେମ୍ ଟାଇମ ମିଳିଲା ନାହିଁ। କିନ୍ତୁ ସିରିଜ୍‌ର ଗୁରୁତ୍ୱ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ନୀତୀଶ ଏହି ସପ୍ତାହରେ ଖେଳିବେ ନାହିଁ।

ତୀର୍ଥ ଭ୍ରମଣ ସ୍ପେଶାଲ
ORGR-BANAMALI PANDA, KHAIRABAD, JAJPUR, M-9437310046,9668114682
ପ୍ୟାକେଜ୍ ଟୁର: ୧ମ ଯାତ୍ରା: ଜ୍ୟୋତିର୍ଲିଙ୍ଗ ମଲ୍ଲିକାର୍ଜୁନ ତା.୧୬.୦୧.୨୬ରେ ପୁରୀରୁ ବାହାରି ଜ୍ୟୋତିର୍ଲିଙ୍ଗ ଶ୍ରୀଶୈଳମ୍, ମଲ୍ଲିକାର୍ଜୁନ ଓ ସାଇଡ୍ ସିନ୍ ହୋଇ ତା.୧୯ରିଖରେ ପୁରୀ ପହଞ୍ଚିବ। ୨ୟ ଯାତ୍ରା: ତା.୧୯.୦୧.୨୬ରେ ଭୁବନେଶ୍ୱରରୁ ବାହାରି ଜ୍ୟୋତିର୍ଲିଙ୍ଗ ବାବା ବୈଦ୍ୟନାଥଧାମ, ଦେଓଘର, ଅନୁକୂଳ ଆଶ୍ରମ ଓ ସାଇଡ୍ ସିନ୍ ହୋଇ ତା.୨୨ରିଖରେ ପୁରୀ ପହଞ୍ଚିବ। ୩ୟ ଯାତ୍ରା: ତା.୨୯.୦୧.୨୬ରେ ପୁରୀରୁ ବାହାରି କଲିକତା, ଦକ୍ଷିଣେଶ୍ୱର କାଳୀ, କଲିକତା କାଳୀ, ବେଲୁଡ ମଠ, ନବଦ୍ୱୀପଧାମ, ମାୟାପୁରୀ, ଜ୍ୟୋତିର୍ଲିଙ୍ଗ ବାବା ବୈଦ୍ୟନାଥଧାମ, ଦେଓଘର, ଅନୁକୂଳଚନ୍ଦ୍ର ଆଶ୍ରମ ହୋଇ ତା.୦୩.୦୨ରେ ଭୁବନେଶ୍ୱର ପହଞ୍ଚିବ। ୪ର୍ଥ ଯାତ୍ରା: ଆଣ୍ଡାମାନ ନିକୋବର: ଭୁବନେଶ୍ୱର ରୁ ତା.୦୫.୦୨ରେ ବାହାରି କୋଲକତାଠାରୁ ବିମାନ ଯୋଗେ ପୋର୍ଟବ୍ଲେୟାର ଯାତ୍ରା। କଳାପାଣିର ସେଲ୍ୟୁଲାର ଜେଲ, ଲାଇଟ୍ ସୋ ସାଉଣ୍ଡ, ହାବଲୋକ ଆୟଲାଣ୍ଡ, ବାରତଙ୍ଗ ଆୟଲାଣ୍ଡ, ସାମୁଦ୍ରିକ ଭ୍ରମଣ ଓ ଅନ୍ୟାନ୍ୟ ସାଇଡ୍ ସିନ୍ ହୋଇ ତା.୧୦ରିଖରେ ଭୁବନେଶ୍ୱର ପହଞ୍ଚିବ। ୫ମ ଯାତ୍ରା: (ଦକ୍ଷିଣ ଭାରତ) ଭୁବନେଶ୍ୱରରୁ ତା.୧୭.୦୨ରେ ବାହାରି ବାଲାଜୀ ତିରୁପତି, ଚେନ୍ନାଇ, ମଦୁରାଇ, ମିନାକ୍ଷୀଦେବୀ, ତ୍ରିଚନ୍ନାପଲ୍ଲୀ, ଶ୍ରୀରଙ୍ଗମ୍, ଜ୍ୟୋତିର୍ଲିଙ୍ଗ, ସେତୁବନ୍ଧ ରାମେଶ୍ୱରଧାମ, ତ୍ରିଭେନ୍ଦ୍ରମ୍ ସ୍ୱାମୀ ପଦ୍ମନାଭ, ଶକ୍ତିପୀଠ ମାତା କନ୍ୟାକୁମାରୀ, ବିବେକାନନ୍ଦ ରକ୍, ବାଙ୍ଗାଲୋର ଚାମୁଣ୍ଡାଦେବୀ, ରଙ୍ଗନାଥ, ବୃନ୍ଦାବନ ଗାର୍ଡେନ, ମହୀଶୂର ହୋଇ ତା.୨୮ରିଖରେ ପୁରୀ ପହଞ୍ଚିବ। ୬ଷ୍ଠ ଯାତ୍ରା: ପଞ୍ଚଦୋଳ: ତା.୦୭.୩ରେ ଭୁବନେଶ୍ୱରରୁ ବାହାରି ତୀର୍ଥରାଜ ପ୍ରୟାଗରାଜ ସଙ୍ଗମ, ଆଗ୍ରା, ଗୋପ-ମଥୁରା-ବୃନ୍ଦାବନ, ହରିଦ୍ୱାର, ଋଷିକେଶ, ଅଯୋଧ୍ୟା ରାମଲାଲା, ଜ୍ୟୋତିର୍ଲିଙ୍ଗ କାଶୀ ବିଶ୍ୱନାଥ ଗୟା ପିଣ୍ଡଦାନ ଓ ବୁଦ୍ଧଗୟା ହୋଇ ତା.୧୬ରିଖରେ ପୁରୀ ପହଞ୍ଚିବ। ୭ମ ଯାତ୍ରା: ୭ ଗୋଟି ଜ୍ୟୋତିର୍ଲିଙ୍ଗ ସହ ପଶ୍ଚିମ-ମଧ୍ୟଭାରତ: ତା.୧୯.୩ରେ ଭୁବନେଶ୍ୱରରୁ ବାହାରି ଅହମ୍ମଦାବାଦ, ସୋମନାଥ, ପ୍ରଭାସତୀର୍ଥ, ଦ୍ୱାରିକାଧାମ, ବେଟଦ୍ୱାରିକା, ମାଉଣ୍ଟଆବୁ, ଆଜ୍‌ମିର, ପୁଷ୍କରତୀର୍ଥ, ଉଜ୍ଜୟିନୀ, ଇନ୍ଦୋର, ପୁନେ, ଭୀମଶଙ୍କର, ଶନିସିଙ୍ଗ୍ନାପୁର, ଔରଙ୍ଗାବାଦ, ଘୃଷ୍ଣେଶ୍ୱର, ଏଲୋରା, ନାସିକ, ପଞ୍ଚବଟି, ତ୍ର୍ୟମ୍ବକେଶ୍ୱର, ସିରିଡିସାଇ ହୋଇ ତା.୩୦ରିଖରେ ପୁରୀ ପହଞ୍ଚିବ।
ବ୍ୟବସ୍ଥା- ଭଲ ଗାଇଡ/ସମ୍ପୂର୍ଣ୍ଣ ଦାୟିତ୍ୱ- ସକାଳ ଚା, ଦୁଇଓଳି ଖାଦ୍ୟ, ଲଜିଂ, ଧର୍ମଶାଳା ରହଣୀ ଓ ପାର୍ଶ୍ୱ ଗାଡ଼ିଖର୍ଚ୍ଚ ସହ ଜଣପ୍ରତି ୧ମ ଯାତ୍ରା-ଟ.୬,୮୦୦ଙ୍କା, ୨ୟ ଯାତ୍ରା-ଟ.୬,୦୫୦ଙ୍କା, ୩ୟ ଯାତ୍ରା-ଟ.୮,୫୦୦ଙ୍କା, ୪ର୍ଥ ଯାତ୍ରା-ଟ.୪୩,୫୭୫/-, ୫ମ ଯାତ୍ରା-ଟ.୧୮,୮୦୦ଙ୍କା, ୬ଷ୍ଠ ଯାତ୍ରା-ଟ.୧୪,୦୦୦ଙ୍କା, ୭ମ ଯାତ୍ରା-ଟ.୧୮,୫୮୦ଙ୍କା। ପ୍ରତ୍ୟେକ ଯାତ୍ରୀ ପାଇଁ ଅଗ୍ରୀମ ସ୍ଲିପର ପାଇଁ ୨୦୦୦ଟଙ୍କା ଓ ୩-ଏ ଶ୍ରେଣୀ ପାଇଁ ୫୦୦୦ଟଙ୍କା ଦେଇ ନିମ୍ନ ଠିକଣାରେ କିମ୍ବା ପରିଚାଳକଙ୍କ ସହ ଯୋଗାଯୋଗ କରି ସିଟ୍ ଶୀଘ୍ର ବୁକିଂ କରନ୍ତୁ। ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ପର୍ଯ୍ୟନ୍ତ ଅଗ୍ରୀମ ଗ୍ରହଣ କରାଯିବ। ନଚେତ୍ ଟିକେଟ୍ ମିଳିବାର ସମ୍ଭାବନା ଯଥେଷ୍ଟ କମ୍।
ଯୋଗାଯୋଗ : ବକ୍ସିବଜାର, କଟକ- ୯୪୩୮୫୦୮୬୦୪ / ଭୁବନେଶ୍ୱର- ୮୮୯୫୮୧୩୨୨୨ / ସମ୍ବଲପୁର- ୯୪୩୭୫୮୮୪୬୫ / ପୁରୀ-୯୪୩୭୬୪୩୫୦୦୨ / ଅନୁଗୁଳ-୯୮୬୧୦୫୩୬୫୧/ବାରିପଦା-୭୮୫୫୮୬୧୨୨୩/ଆଠମଲ୍ଲିକ- ୮୯୧୭୫୯୯୧୭୩/ଢେଙ୍କାନାଳ-୮୫୯୬୮୦୬୬୯୦/ବାଲେଶ୍ୱର-୯୯୩୭୦୭୫୦୨୩/କେନ୍ଦୁଝର- ୯୯୩୮୬୮୦୨୩୦/ବ୍ରହ୍ମପୁର-୯୮୬୧୧୭୦୬୮୩/ରାଉରକେଲା-୮୭୬୩୯୬୯୭୩୪/ଯାଜପୁର/ଭଦ୍ରକ- ୯୬୬୮୧୧୪୬୮୨ / ବୌଦ୍ଧ-୯୭୭୮୮୧୭୩୦୫ / କେନ୍ଦ୍ରାପଡ଼ା- ୯୦୪୦୫୧୬୬୦୫ / ନୟାଗଡ଼- ୬୩୭୦୨୩୩୬୦୫।
ବି.ଦ୍ର - ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପାଇଁ ପରିଚାଳକଙ୍କ ସହ କଥା ହୁଅନ୍ତୁ ଏବଂ ପ୍ରତ୍ୟେକ ଯାତ୍ରା ପାଇଁ ୩-ଏସି ର ବ୍ୟବସ୍ଥା ଅଛି।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଜିତିଲା ୨୦୨୫ ଅଶ୍ୱମେଧ କପ୍



ଚାମ୍ପିୟନ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଦଳ।

## ଆନ୍ତଃ ବିଶ୍ୱବିଦ୍ୟାଳୟ ବାସ୍କେଟବଲ

**କଟକ, ୧୨।୧୧(କାର୍ତ୍ତିକ ସାହୁ)**

ଆଇଆଇଟି ଭୁବନେଶ୍ୱର ଦ୍ୱାରା ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ବାସ୍କେଟବଲ ଟୁର୍ନାମେଣ୍ଟ ଅଶ୍ୱମେଧ ୨୦୨୫ରେ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ(ଏସ୍‌ଏସ୍‌ୟୁ) ଚାମ୍ପିଅନ ହୋଇଛି। ଆଇଆଇଟି କ୍ୟାମ୍ପସ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାରେ ସମୁଦାୟ ୧୬ଟି ଦଳ ୪ଟି ପର୍ଯ୍ୟାୟରେ ବିଭକ୍ତ ହୋଇ ଖେଳିଥିଲେ। ନାଇଜର, ଏକ୍ସଆଇଏମ୍‌ବି ଓ ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି ସହ ପୁଲ୍-ବିରେ ସ୍ଥାନ ପାଇଥିବା ଏସଏସୟୁ ଅପରାଜେୟ ଭାବେ ସେମି ଫାଇନାଲରେ ପ୍ରବେଶ କରିଥିଲା। ସେମିରେ ସେଞ୍ଚୁରିଆନକୁ ହରାଇ ଏସ୍‌ଏସ୍‌ୟୁ ଦଳ ଫାଇନାଲକୁ ଯାଇଥିଲା। ଫାଇନାଲ ଆୟୋଜକ ଆଇଆଇଟି-ଭୁବନେଶ୍ୱର ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ପ୍ରାରମ୍ଭରୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲ। ଶେଷରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୭୧-୪୭ ପଏଣ୍ଟରେ ବିଜୟ ଲାଭ କରିଥିଲା। କୋଚ ପ୍ରଭାତ କୁମାର ନାୟକଙ୍କ ତତ୍ତ୍ୱାବଧାନ ଏବଂ ଅଧିନାୟକ ଶୋଭନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଏସ୍‌ୟୁ ଟିମ୍‌କୁ ମନିଷ ଗୁପ୍ତା, ଅମ୍ରିତ ଗୌରବ ରାୟ, ଅଭିଷେକ ପଣ୍ଡା, ଆୟୁଷ୍ମାନ ନାୟକ, ଆକାଶ କୁମାର ମହାନ୍ତ, ସୌରଭ ଯାଦବ ଏବଂ ଫୈଜଲ ଖାନ ପ୍ରତିନିଧିତ୍ୱ କରିଥିଲେ। ଚାମ୍ପିୟନ ହୋଇ ଫେରିବା ପରେ ବୁଧବାର ବିଜୟୀ ଦଳକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଚାଳନା କମିଟି ଚାମ୍ପିୟନ ଟିମ୍ ଏବଂ ଏହାର କୋଚଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ